# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୧/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, March 21/2025 | Page 14 | ₹ 7.00

୫୧ଶ ଭାଗ ୧୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 115 | ମୂଲ୍ୟ ₹୭/-




**ଚହଲଙ୍କ ବିବାହ ବିଚ୍ଛେଦ**

ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ଓ ଧନଶ୍ରୀ ବର୍ମାଙ୍କ ମଧ୍ୟରେ ଗୁରୁବାର ବିବାହ ବିଚ୍ଛେଦ ଘଟିଛି।

୧୪

୦୨

**ରାତି ଶୁଟିଂକୁ ନେଇ ଦୁଃଖୀ ରଶ୍ମିକା**

'ଥାମା' ଫିଲ୍ମର ଶୁଟିଂ ଲଗାତର ରାତିରେ ହେଉଥିବା ଦର୍ଶାଇ ଅଭିନେତ୍ରୀ ରଶ୍ମିକା ମନ୍ଦାନା ତାଙ୍କ ଇନ୍ଷ୍ଟାଗ୍ରାମରେ ଏକ ମଜାଳିଆ ପୋଷ୍ଟ କରିଛନ୍ତି।





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବିଶ୍ୱ ପଖାଳ ଦିବସ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ମନ୍ତ୍ରୀ, ବିଧାୟକମାନଙ୍କ ସହିତ ବିଧାନସଭା ପରିସରରେ ପଖାଳ ଖାଉଛନ୍ତି।

# ଏନ୍‌କାଉଣ୍ଟରରେ ୩୦ ମାଓବାଦୀ ନିହତ

## ହିଡ଼ମାଙ୍କୁ ପାଉନି ଛତିଶଗଡ଼ ପୋଲିସ

**ବିଜାପୁର/କାଙ୍କେର (ପି.ଟି.)/ ଦୁର୍ଯ୍ୟୋଧନ ପାତ୍ର (ମାଲକାନଗିରି), ୨୦।୩**

୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓବାଦରୁ ମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବାବେଳେ ଭାଜପା ଶାସିତ ଛତିଶଗଡ଼ ପୋଲିସ ଗୁରୁବାର ଏହି ଦିଗରେ ବଡ଼ ସଫଳତା ହାସଲ କରିଥିବା ଦାବି କରିଛି। ରାଜ୍ୟର ବସ୍ତର ଅଞ୍ଚଳରେ ୨ଟି ପୃଥକ୍ ଏନ୍‌କାଉଣ୍ଟରରେ ଅନ୍ୟୂନ ୩୦ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ତେବେ ଗୁଳି ବିନିମୟ ବେଳେ ଛତିଶଗଡ଼ ପୋଲିସ ଅଧୀନ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆର୍‌ଜି) ଯବାନ ପ୍ରାଣ ହରାଇଛନ୍ତି। ଏନ୍‌କାଉଣ୍ଟର ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଏବଂ ଡିଆର୍‌ଜି ପକ୍ଷରୁ ଚାଲିଥିବା ମିଳିତ ଅପରେଶନ୍‌ରେ ପିପୁଲ୍ସ ଲିବରେଶନ୍ ଗେରିଲା ଆର୍ମି (ପିଏଲ୍‌ଜିଏ) କମାଣ୍ଡର ହିଡ଼ମାଙ୍କୁ ଅଦ୍ୟାବଧି ଠାବ କରାଯାଇପାରି ନାହିଁ। ତାଙ୍କୁ ଧରିବା ପାଇଁ ଛତିଶଗଡ଼, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ସୀମାନ୍ତ ୧୨୫ରୁ ଅଧିକ ଗ୍ରାମରେ ଟେକ୍ନିକାଲ ଇମେର୍ଜିଂ କରାଯାଉଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଛତିଶଗଡ଼ର ବସ୍ତର ରେଞ୍ଜ ପୋଲିସ ନିରୀକ୍ଷକ ସୁନ୍ଦରରାଜ ପି. ଗଣମାଧ୍ୟମକୁ ଦେଇଥିବା ସୂଚନାନୁସାରେ ଗୁରୁବାର ସକାଳ ପ୍ରାୟ ୭ଟାରେ ବିଜାପୁର ଓ ଦାନ୍ତେୱାଡ଼ା ଜିଲା ମଝି ଜଙ୍ଗଲରେ ମାଓବାଦ ନିରୋଧୀ ଅପରେଶନ୍ ଆରମ୍ଭ ହୋଇଥିଲା। ବିଜାପୁରର ଗଙ୍ଗାଲୁର ଥାନା ଅଧୀନ ଅଞ୍ଚଳରେ ସୁରକ୍ଷା ବଳର ମିଳିତ ଏନ୍‌କାଉଣ୍ଟରରେ ୨୬ ମାଓବାଦୀ ନିହତ ହୋଇଛନ୍ତି। ଏନ୍‌କାଉଣ୍ଟରସ୍ଥଳରୁ ମାଓବାଦୀଙ୍କ ବିପୁଳ ଅସ୍ତ୍ରଶସ୍ତ୍ର ଠାବ ହୋଇଛି। ସେହିପରି କାଙ୍କେର ଓ ନାରାୟଣପୁର ଜିଲା ସୀମାନ୍ତ ଜଙ୍ଗଲରେ ମଧ୍ୟ ଅନୁରୂପ ଅଭିଯାନ ବେଳେ ୪ ମାଓବାଦୀ ନିହତ ହୋଇଛନ୍ତି। ଏହି ଏନ୍‌କାଉଣ୍ଟର ସମୟରେ ଡିଆର୍‌ଜି ୟୁନିଟ୍‌ର ଜଣେ ଯବାନଙ୍କ ମୃତ୍ୟୁ ଘଟିଥିବା କାଙ୍କେର ଏସ୍‌ପି ଇନ୍ଦିରା କଲ୍ୟାଣ ଏଲେସେଲା ସୂଚନା ଦେଇଛନ୍ତି। ୪ ମାଓବାଦୀଙ୍କ ମୃତଦେହ ନିକଟରୁ ଅଟୋମେଟିକ୍ ୱେପନ୍ସ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ମୃତ ମାଓବାଦୀଙ୍କ ମଧ୍ୟରୁ ଅଧିକାଂଶ ନିଷିଦ୍ଧ ଘୋଷିତ ସିପିଆଇ (ମାଓଇଷ୍ଟ) ସଦସ୍ୟ ବୋଲି ଜଣାପଡ଼ିଛି। ଚଳିତବର୍ଷ ମାଓବାଦ ନିରୋଧୀ ଅପରେଶନ୍‌ରେ କେବଳ ଛତିଶଗଡ଼ରେ ୧୧୩ ଜଣ ନିହତ ହେଲେଣି। ସେମାନଙ୍କ ମଧ୍ୟରୁ ୯୭ ଜଣ ବସ୍ତର ଡିଭିଜନ୍‌ର ବିଜାପୁର ଓ କାଙ୍କେର ସମେତ ୭ ଜିଲାରେ ନିହତ ହୋଇଥିବା ଛତିଶଗଡ଼ ପୋଲିସ କହିଛି। ସେପଟେ ନାରାୟଣପୁର ଜିଲା ଅବୁଝମାଡ଼ ଜଙ୍ଗଲରେ ମାଓବାଦୀମାନେ ଖଞ୍ଜିଥିବା ଆଇଇଡି ବିସ୍ଫୋରଣରେ ଜଣେ ଯବାନ ଆହତ ହୋଇଛନ୍ତି। ତାଙ୍କୁ ନାରାୟଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୁରକ୍ଷା ବଳକୁ ପ୍ରଶଂସା କରି କହିଛନ୍ତି, ମୋଦି ସରକାର ମାଓବାଦୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଆପଣାଇ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଉଛନ୍ତି। ଅସ୍ତ୍ର ତ୍ୟାଗ କଲେ ସରକାରଙ୍କ ପକ୍ଷରୁ ସବୁପ୍ରକାର ସୁବିଧା ଉପଲବ୍ଧ କରାଯିବା ସତ୍ତ୍ୱେ ଯେଉଁ ମାଓବାଦୀମାନେ ଆତ୍ମସମର୍ପଣ କରୁନାହାନ୍ତି, ସେମାନେ ଏନ୍‌କାଉଣ୍ଟରରେ ପ୍ରାଣ ହରାଉଛନ୍ତି। ଦେଶ ଆସନ୍ତାବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦମୁକ୍ତ ହେବାକୁ ଯାଉଛି ବୋଲି ଏକ୍ସ'ରେ ଶାହା ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଛତିଶଗଡ଼ ପୋଲିସର ପୂର୍ବ ଏନ୍‌କାଉଣ୍ଟରଗୁଡ଼ିକରେ ଅନେକ ନିରୀହ ଲୋକ ପ୍ରାଣ ହରାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଥିଲେ। କେନ୍ଦ୍ର ସରକାରଙ୍କ ମାଓବାଦମୁକ୍ତ ଲକ୍ଷ୍ୟ ହାସଲ ପାଇଁ ମାଓବାଦୀଙ୍କୁ ନ ପାଇଲେ ସାଧାରଣ ଆଦିବାସୀଙ୍କୁ ଗୁଳିକରି ହତ୍ୟା କରାଯାଉଥିବା ବିରୋଧୀ ସମାଲୋଚନା କରିଥିଲେ।

**୨୪ରୁ ବି.ଏଡ୍./ଏମ୍.ଏଡ୍./ବି.ଏଚ୍.ଏଡ୍. ନାମଲେଖା ଆବେଦନ: (ପୃଷ୍ଠା-୩)**

# ଆଜିଠାରୁ ସକାଳୁଆ ସ୍କୁଲ

## ସକାଳ ୬ଟା ୩୦ରୁ ୧୦ଟା ୩୦ ପାଠପଢ଼ା

**ଭୁବନେଶ୍ୱର, ୨୦।୩ (ସୁଚିସ୍ମିତା ସାହୁ)**

ଗ୍ରୀଷ୍ମ ପ୍ରବାହଜନିତ ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସକାଳୁଆ ସ୍କୁଲ ନିଷ୍ପତ୍ତିରେ ପରିବର୍ତ୍ତନ ଆଣିଛନ୍ତି। ଏପ୍ରିଲ ୨ରୁ ସକାଳୁଆ ସ୍କୁଲ ହେବ ବୋଲି ବୁଧବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଥିଲେ। ହେଲେ ଶୁକ୍ରବାରଠାରୁ ସକାଳୁଆ ସ୍କୁଲ ହେବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ଜାରି କରାଯାଇଛି। ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକ ଖୋଲା ରହିବ। ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ସ୍କୁଲରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପାଇଁ ଏହି ନିୟମ ତତ୍‌କାଳ ଲାଗୁ କରିବାକୁ ସମସ୍ତ ଜିଲାପାଳଙ୍କୁ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ସ୍କୁଲରେ ସୁରକ୍ଷିତ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ ମହଜୁଦ ରଖିବା ସହ ଅନ୍ୟ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟରେ ଥିବା ନଳକୂପ ଏବଂ ପାନୀୟ ଟ୍ୟାପଗୁଡ଼ିକୁ ☞ପୃଷ୍ଠା-୪

# କେନ୍ଦ୍ର ବିରୋଧରେ ହାଇକୋର୍ଟ ଗଲା ଏକ୍ସ

## କଣ୍ଟେଣ୍ଟ ନିୟାମକ, ସେନ୍ସରଶିପ୍‌କୁ ଚ୍ୟାଲେଞ୍ଜ

**ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୨୦।୩**

ଭାରତ ସରକାର ସୂଚନା ପ୍ରଯୁକ୍ତି (ଆଇଟି) ଆକ୍ଟ ଜରିଆରେ ସୋସିଆଲ ମିଡିଆରେ କଣ୍ଟେଣ୍ଟଗୁଡ଼ିକୁ ମନଇଚ୍ଛା ବ୍ଲକ୍ କରୁଥିବା ଅଭିଯୋଗ ଆଣି ଗୁରୁବାର ଏକ୍ସ' କର୍ଣ୍ଣାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଆମେରିକୀୟ ବିଲିୟନେୟାର ଏଲନ୍ ମସ୍କଙ୍କ ମାଲିକାନାରେ ଥିବା ଏହି ବୃହତ୍ ପ୍ଲାଟ୍‌ଫର୍ମ କେନ୍ଦ୍ର ବିରୋଧରେ ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଛି। ସରକାର ବେଆଇନ କଣ୍ଟେଣ୍ଟ ନିୟାମକ ଏବଂ ଏକତରଫା ସେନ୍ସରଶିପ୍ ଲଗାଇ ସାମାଜିକ ଗଣମାଧ୍ୟମରେ ଲୋକଙ୍କ ସ୍ୱରକୁ ଚପାଇଦେବାକୁ ଉଦ୍ୟମ କରୁଥିବା ଏଥିରେ ଅଭିଯୋଗ ଅଣାଯାଇଛି। ଅନ୍‌ଲାଇନ୍ ☞ପୃଷ୍ଠା-୪

# କଂଗ୍ରେସର ହଟ୍ଟଗୋଳ, ହୁଇସିଲରେ କମ୍ପିଲା ଗୃହ

**ଭୁବନେଶ୍ୱର, ୨୦।୩ (ରବିନାରାୟଣ ଜେନା)**

ଚଳିତ ବିଧାନସଭାରେ ଗୁରୁବାର ପୁଣି ଏକ ଅଭିନବ ପ୍ରତିବାଦ ଦେଖିବାକୁ ମିଳିଛି। ପୂର୍ବରୁ ଡାଲି, ଜୋତା ଫୋପଡ଼ା ଏବଂ କାଗଜଗୁଳା ଫିଙ୍ଗା ଭଳି ପ୍ରତିବାଦ ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ଉପରକୁ କରିଥିବାବେଳେ ଗୁରୁବାର କଂଗ୍ରେସ ସଦସ୍ୟମାନେ ହୁଇସିଲ ଫୁଙ୍କି ପ୍ରତିବାଦ ଜଣାଇଛନ୍ତି।

ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆରମ୍ଭରୁ କଂଗ୍ରେସ ପକ୍ଷରୁ ରାଜ୍ୟ ମହିଳା ସୁରକ୍ଷାକୁ ନେଇ ପ୍ରତିବାଦ ଜାରି ରହିଛି। ଗୁରୁବାର ଏହି ପ୍ରସଙ୍ଗରେ ଗୃହ କମିଟି ଦାବିରେ କଂଗ୍ରେସ ବିଧାୟକମାନେ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ହାତରେ ପ୍ଲା-କାର୍ଡ ଧରି ନାରାବାଜି କରିବା ସହିତ ଗୃହ ମଧ୍ୟଭାଗରେ ହୁଇସିଲ ଫୁଙ୍କି ପ୍ରତିବାଦ ଜଣାଇଛନ୍ତି। କଂଗ୍ରେସ ସଦସ୍ୟଙ୍କ ହୁଇସିଲ ଫୁଙ୍କା ଯୋଗୁ ଗୃହ କମ୍ପି ଉଠିଥିଲା। ଗୃହ ୭ମିନିଟ୍ ମଧ୍ୟ ଚାଲିପାରି ନ ଥିଲା। ଫଳରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ହୋଇପାରି ନ ଥିଲା। ବାଚସ୍ପତି ସୁରମା ପାଢ଼ୀ ଗୃହରେ ହୁଇସିଲ୍ ବଜାଇବା ବନ୍ଦ କରିବା ଲାଗି କଂଗ୍ରେସ ସଦସ୍ୟଙ୍କୁ ବାରଣ କରିଥିଲେ, ହେଲେ ସେମାନେ କିଛି ଶୁଣି ନ ଥିଲେ। ଅସ୍ୱାଭାବିକ ସ୍ଥିତିକୁ ନେଇ ବାଚସ୍ପତି ଅପରାହ୍ନ ୧୨ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ଗୁରୁବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ସୁବର୍ଣ୍ଣପୁରର ପୂର୍ବତନ ସଦସ୍ୟ ଦେବରାଜ ସେଠଙ୍କ ବିୟୋଗରେ ☞ପୃଷ୍ଠା-୪

# ୧ରୁ ଭୁବନେଶ୍ୱରରୁ ଗୋଆକୁ ଉଡ଼ିବ ବିମାନ

**ଭୁବନେଶ୍ୱର, ୨୦।୩ (ବନ୍ଦନା ସେଠୀ)**

ବିମାନ ସେବା କ୍ଷେତ୍ରରେ ଓଡ଼ିଶା ଇତିହାସରେ ଖୁବ୍‌ଶୀଘ୍ର ଆଉ ଏକ ଫର୍ଦ୍ଦ ଯୋଡ଼ିହେବାକୁ ଯାଉଛି। ଏପ୍ରିଲ ୧ରୁ ଓଡ଼ିଶା ଦିବସ ଅବସରରେ ଓଡ଼ିଶାରୁ ଗୋଆକୁ ସିଧାସଳଖ ବିମାନ ସେବା ଉପଲବ୍ଧ ହେବ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ରାଜ୍ୟ ସରକାରଙ୍କ ନ୍ୟୁ ଡେଷ୍ଟିନେଶନ ପଲିସି ଅନୁଯାୟୀ ଭୁବନେଶ୍ୱରରୁ ଗୋଆକୁ ପ୍ରତି ମଙ୍ଗଳବାର, ବୁଧବାର, ଗୁରୁବାର ଓ ଶନିବାର ବିମାନ ଚଳାଚଳ କରିବ। ଘରୋଇ ବିମାନ କମ୍ପାନୀ 'ଇଣ୍ଡିଗୋ' ଏହି ସେବା ପ୍ରଦାନ କରିବ। ଯାତ୍ରୀମାନେ ଭୁବନେଶ୍ୱରରୁ ଇଣ୍ଡିଗୋରେ ବସି ଗୋଆ ଯାଇପାରିବେ ଓ ଚାହିଁଲେ ଗୋଆରୁ ଭୁବନେଶ୍ୱର ଫେରିପାରିବେ। କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟ ସରକାର ବିକଶିତ ଓଡ଼ିଶା ଲକ୍ଷ୍ୟକୁ ଦୃଷ୍ଟିରେ ରଖି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଟ୍ରମ୍ପଙ୍କ ଟାରିଫ୍ ଓ ବାଣିଜ୍ୟିକ ବିପର୍ଯ୍ୟୟ**

# ଓଜନ କମାଇବା ଇଞ୍ଜେକ୍ସନ୍ ଭାରତ ଆସିଲା

**ନୂଆଦିଲ୍ଲୀ, ୨୦।୩**







ଆମେରିକୀୟ ମଲ୍ଟି ନ୍ୟାଶନାଲ ଫାର୍ମାସ୍ୟୁଟିକାଲ କମ୍ପାନୀ ଏଲି ଲିଲୀ ପକ୍ଷରୁ ଗୁରୁବାର ଭାରତରେ ମେଦ ବହୁଳତା ଏବଂ ଟାଇପ୍ ୨ ମଧୁମେହ ପାଇଁ 'ମୌନଜାରୋ' ନାମକ ଇଞ୍ଜେକ୍ସନ୍‌କୁ ଲଞ୍ଚ୍ କରାଯାଇଛି। ଏହି ଔଷଧକୁ ଭାରତର କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଙ୍ଗଠନ (ସିଡିଏସ୍‌ସିଓ) ଦ୍ୱାରା ମଞ୍ଜୁରୀ ମିଳିଛି। ଏହି ଡ୍ରଗ୍ ଉଭୟ ଜିଆଇପି ଏବଂ ଜିଏଲ୍‌ପି-୧ ହରମୋନ ରିସେପ୍ଟରଗୁଡ଼ିକୁ ସକ୍ରିୟ କରିଥାଏ। ମୌନଜାରୋର କ୍ଲିନିକାଲ ପରୀକ୍ଷଣରେ ଏହା ଓଜନ ହ୍ରାସ, ଭୋକ ନିୟନ୍ତ୍ରଣ ସହ ରକ୍ତରେ ଶର୍କରାର ମାତ୍ରାକୁ କମାଇପାରୁଥିବା ନେଇ ଜଣାପଡ଼ିଥିଲା। ମୌନଜାରୋ ଇଞ୍ଜେକ୍ସନ୍‌ର ୫ ଏମ୍‌ଜି ଭାଏଲର ଦାମ ଭାରତରେ ୪,୩୭୫ ଟଙ୍କା ରଖାଯାଇଥିବାବେଳେ ୨.୫ ଏମ୍‌ଜି ଭାଏଲର ମୂଲ୍ୟ ୩,୫୦୦ ଟଙ୍କା ରଖାଯାଇଛି। ଭାରତରେ ସମ୍ପ୍ରତି ମେଦ ବହୁଳତା ☞ପୃଷ୍ଠା-୪




## ରୋଜଗାର କ୍ଷମତା ଥିବା ଯୋଗ୍ୟ ମହିଳା ଭରଣପୋଷଣ ନ ମାଗନ୍ତୁ: ହାଇକୋର୍ଟ

ନୂଆଦିଲ୍ଲୀ,୨୦।୩

ଆଇନ ଆଳସ୍ୟକୁ ପ୍ରୋତ୍ସାହିତ କରେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଟିପ୍ପଣୀ ଦେବା ସହ ରୋଜଗାର କ୍ଷମତା ଥିବା ଯୋଗ୍ୟ ମହିଳା ସେମାନଙ୍କ ସ୍ୱାମୀଙ୍କଠାରୁ ଅନ୍ତରୀଣ ଭରଣପୋଷଣ ଦାବି କରିବା ଉଚିତ ନୁହେଁ ବୋଲି କହିଛନ୍ତି। ବିଚାରପତି ଚନ୍ଦ୍ରଧାରୀ ସିଂ ଏକ ମାମଲାର ଶୁଣାଣି ବେଳେ କହିଛନ୍ତି, ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସମାନତା ବଜାୟ ରଖିବା ଏବଂ ସ୍ତ୍ରୀ, ପିଲା ଓ ମାଆବାପାଙ୍କୁ ସୁରକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ସିଆର୍‌ପିସିର ଧାରା ୧୨୫ (ସ୍ତ୍ରୀ, ପିଲା ଓ ମାଆବାପାଙ୍କୁ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ) ଅଣାଯାଇଥିଲା, ଆଳସ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ନୁହେଁ। ଉତ୍ତମ ଶିକ୍ଷାପ୍ରାପ୍ତ ମହିଳା ନିଜ ଯୋଗ୍ୟତା ଏବଂ କାର୍ଯ୍ୟ ଅଭିଜ୍ଞତା ଅନୁଯାୟୀ ନିଯୁକ୍ତି ଆବେଦନ କରିବାକୁ କୋର୍ଟ ପ୍ରୋତ୍ସାହିତ କରିଛନ୍ତି। ଅଲଗା ରହୁଥିବା ଜଣେ ସ୍ୱାମୀଙ୍କଠାରୁ ଅନ୍ତରୀଣ ଭରଣପୋଷଣ ଦାବି କରିଥିବା ମହିଳାଙ୍କ ଆବେଦନକୁ ତଳକୋର୍ଟ ଖାରଜ କରିଦେଇଥିବାବେଳେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି।

# ଆଇନ ଜାଲରେ ପ୍ରକାଶ ରାଜ୍, ଡଗ୍ଗୁବତି

ହାଇଦ୍ରାବାଦ,୨୦।୩

ପ୍ରଚୁର ଲାଭ ଉଠାଇ ରାତାରାତି ଧନୀ ହେବାର ସ୍ୱପ୍ନ ଦେଖୁଥିବା ଯୁବଗୋଷ୍ଠୀ ଅନ୍‌ଲାଇନ ବେଟିଂ ଆପ୍‌ର ମାୟାରେ ପଡ଼ି ସର୍ବସ୍ୱାନ୍ତ ହେଉଛନ୍ତି। ଏଭଳି ବେଟିଂ ଆପ୍‌କୁ ବେଆଇନ କରାଯାଇଥିବାବେଳେ ନିର୍ଦ୍ଦିଷ୍ଟ ବର୍ଗର ଯୁବତୀଯୁବକଙ୍କୁ ଏହାର ମାୟାରେ ଫସାଇବା ପାଇଁ ନିର୍ଦ୍ଦିଷ୍ଟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପ୍ରଚାର କରାଯାଉଛି। ଉକ୍ତ ବେଆଇନ ଆପ୍‌ର ପ୍ରଚାରପ୍ରସାର କରାଉଥିବା ୨୫ ଜଣ ଅଭିନେତ୍ରୀ ଅଭିନେତା, ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କ ନାଁରେ ହାଇଦ୍ରାବାଦର ମିୟାପୁର ପୋଲିସ ଆପରାଧିକ ମାମଲା ରୁଜୁ କରିଛି। ବ୍ୟବସାୟୀ ପି.ଏମ୍. ଫନୀନ୍ଦ୍ର ଶର୍ମାଙ୍କ ଅଭିଯୋଗ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ବେଟିଂ ଆପ୍ ପ୍ରଚାରରେ ସମ୍ପୃକ୍ତି ଅଭିଯୋଗରେ ମାମଲାର ସମ୍ମୁଖୀନ ହୋଇଥିବା ୬ ଜଣ ଖ୍ୟାତନାମା କଳାକାର ହେଲେ ରାଣା ଡଗ୍ଗୁବତି, ପ୍ରକାଶ ରାଜ, ବିଜୟ ଦେବରକୋଣ୍ଡା, ପ୍ରନୀଥା, ଲକ୍ଷ୍ମୀ ମନ୍‌ଚୁ ଏବଂ ନିଧି ଅଗ୍ରୱାଲ। ସେହିପରି ମାମଲାର ସାମ୍ନା କରିଥିବା ୧୯ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ହେଲେ ଅନନ୍ୟା ନାଗେଲ୍ଲା, ସିରି ହନୁମନ୍ଥୁ, ଶ୍ରୀମୁଖୀ, ବର୍ଷିନୀ ସୌନ୍ଦରାଜନ, ବାସନ୍ଥୀ କ୍ରିଷ୍ଣନ, ଶୋବା ସେଟ୍ଟୀ, ଅମୃଥା ଚୌଦାରୀ,


ପ୍ରକାଶ ରାଜ





ରାଣା ଡଗ୍ଗୁବତି

## ସୋସିଆଲ ମିଡିଆରେ ବେଟିଂ ଆପ୍‌ର ପ୍ରଚାର
### ୨୫ ଅଭିନେତା, ଇନ୍‌ଫ୍ଲୁଏନ୍ସରଙ୍କ ନାଁରେ ମାମଲା

ନୟନୀ ପଭାନି, ନେହା ପଠାନ, ପାଣ୍ଡୁ, ପଧ୍ମାବଥି, ଇମ୍ରାନ୍ ଖାନ୍, ବିଷ୍ଣୁପ୍ରିୟା, ହର୍ଷ ସାଏ, ବୟା ସୁନ୍ନୀ ଯାଦବ, ଶ୍ୟାମଳୀ, ତାସ୍ତି ତେଜା, ରିଥୁ ଚୌଧାରୀ ଏବଂ ବନ୍ଦାରୁ ଶେଶାୟନୀ ସୁପ୍ରିଆ। ଏମାନେ ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମ୍ ଭଳି ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ ଜରିଆରେ ବେଟିଂ ପ୍ଲାଟ୍‌ଫର୍ମଗୁଡ଼ିକର ସକ୍ରିୟ ପ୍ରଚାରରେ ସମ୍ପୃକ୍ତ ଥିବା ଫନୀନ୍ଦ୍ର ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଏଥିପାଇଁ ସେମାନେ କମିଶନ ବାବଦରେ ମୋଟା ଅଙ୍କର ଅର୍ଥ ପାଉଥିବା ଅଭିଯୋଗ ହୋଇଛି। ଫନୀନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ, ରାତାରାତି ପ୍ରଚୁର ଲାଭ ଉଠାଇବାକୁ ଚାହୁଁଥିବା ଲୋକମାନଙ୍କୁ ଉକ୍ତ ବେଟିଂ ଆପ୍‌ଗୁଡ଼ିକରେ ଅଧିକ ପୁଞ୍ଜିନିବେଶ ପାଇଁ ପ୍ଲାଟ୍‌ଫର୍ମଗୁଡ଼ିକ ପ୍ରୋତ୍ସାହିତ କରିଥାନ୍ତି। ପ୍ରଲୋଭନର ବଶବର୍ତ୍ତୀ ଲୋକେ କ୍ରମଶଃ ଜୁଆ ପ୍ରତି ଆସକ୍ତ ହୋଇଯାଇ ଶେଷରେ ସର୍ବସ୍ୱାନ୍ତ ହୋଇଥାନ୍ତି।

ଆପ୍ ଷ୍ଟୋରଗୁଡ଼ିକରେ ଏହି ପ୍ଲାଟ୍‌ଫର୍ମ ସହଜେ ଉପଲବ୍ଧ ହୋଇ ନ ଥାଏ। ତେବେ ପ୍ରଭାବୀ ସୋସିଆଲ ମିଡିଆ ବିଜ୍ଞାପନ ଜରିଆରେ ନିର୍ଦ୍ଦିଷ୍ଟ ଦର୍ଶକଙ୍କ ପାଇଁ ଏହି ପ୍ଲାଟ୍‌ଫର୍ମର ପ୍ରଚାର କରାଯାଇଥାଏ। ପ୍ରଭାବିତ କଳାଭଳି ଅନ୍‌ଲାଇନ ବିଜ୍ଞାପନ ୟୁଜରମାନଙ୍କୁ ବିନା ତଲାସିରେ ଉକ୍ତ ପ୍ଲାଟ୍‌ଫର୍ମ ଖୋଜି ପାଇବାରେ ସହାୟକ ହୋଇଥାଏ। ଏହି ବେଆଇନ ପ୍ଲାଟ୍‌ଫର୍ମ ଜରିଆରେ ବହୁ କୋଟି ଟଙ୍କାର କାରବାର ଚାଲିଛି। ବେଆଇନ ଆପ୍‌ର ପ୍ରଚାର ଅଭିଯୋଗରେ ଅଭିନେତା ଓ ଇନ୍‌ଫ୍ଲୁଏନ୍ସରମାନଙ୍କ ବିରୋଧରେ ତେଲଙ୍ଗାନା ଗେମିଂ ଆଇନର ଧାରା ୩, ୩(ଏ) ଏବଂ ୪ ତଥା ଭାରତୀୟ ନ୍ୟାୟ ସଂହିତାର ଦଫା ୩୧୮(୪), ୧୧୨ ଏବଂ ସୂଚନା ପ୍ରଯୁକ୍ତି ଆଇନର ଧାରା ୬୬-ଡି ଅନୁଯାୟୀ ମାମଲା ରୁଜୁ ହୋଇଛି।

## ବିଶ୍ୱ ଖୁସି ତାଲିକା: ୧୧୮ତମ ସ୍ଥାନରେ ଭାରତ

ଲଣ୍ଡନ,୨୦।୩(ପି.ଟି.)

ବିଶ୍ୱ ଖୁସି ତାଲିକାର ୧୧୮ତମ ସ୍ଥାନରେ ଭାରତ ରହିଛି। ଗତବର୍ଷ ଭାରତ ୧୨୬ତମ ସ୍ଥାନରେ ରହିଥିଲା। ତଥାପି ତାଲିକାରେ ନେପାଳ, ପାକିସ୍ତାନ, ୟୁକ୍ରେନ୍ ଏବଂ ପାଲେଷ୍ଟାଇନ୍‌ଠାରୁ ଭାରତ ପଛରେ ରହିଛି। ଲୋକଙ୍କ ଆନନ୍ଦକୁ ଗୁରୁତ୍ୱ ଦେବା ଓ ପରସ୍ପର ମଧ୍ୟରେ ବାଣ୍ଟିବାର ପ୍ରଭାବକୁ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି।

ଫିନ୍‌ଲାଣ୍ଡ କ୍ରମାଗତ ଅଷ୍ଟମ ବର୍ଷ ପାଇଁ ସବୁଠୁ ଖୁସି ଦେଶ ରହିଥିବାବେଳେ ଡେନ୍‌ମାର୍କ, ଆଇସ୍‌ଲାଣ୍ଡ ଏବଂ ସୁଇଡେନ୍ ଶୀର୍ଷ ୪ଟି ସ୍ଥାନ ବଜାୟ ରଖିଛନ୍ତି। ଅକ୍ସଫୋର୍ଡ ୟୁନିଭର୍ସିଟିର ୱେଲ୍‌ବିଙ୍ଗ୍ ରିସର୍ଚ୍ଚ ସେଣ୍ଟର ସହ ଗଲପ୍ ଜାତିସଂଘ ସ୍ଥାୟୀ ବିକାଶ ସମାଧାନ ନେଟ୍‌ୱର୍କ ପକ୍ଷରୁ ମିଳିତ ଭାବେ ଏହି ବାର୍ଷିକ ରିପୋର୍ଟ ପ୍ରକାଶ ପାଇଛି। ୨୦୨୨-୨୪ ମଧ୍ୟରେ ମତାମତ ଦେଇଥିବା ଲୋକମାନଙ୍କ ଦ୍ୱାରା ସ୍ୱମୂଲ୍ୟାଙ୍କିତ ଜୀବନ ମୂଲ୍ୟାୟନ କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ୬ଟି ପରୋପକାରୀ ଗୁଣର ଆକଳନ କରାଯାଇ ଭାରତକୁ ମୋଟାମୋଟି ଭାବେ ୧୧୮ତମ ର୍‍ୟାଙ୍କ୍ ମିଳିଛି। ଦାନ କରିବାରେ ଏହା ୫୭ ସ୍ଥାନରେ ଥିବାବେଳେ ସ୍ୱେଚ୍ଛାକୃତ ସେବାରେ ୧୦, ଅପରିଚିତଙ୍କୁ ସହାୟତା କରିବାରେ ୭୪, ପଡୋଶୀ, ଅପରିଚିତ ତଥା ପୋଲିସ ଦ୍ୱାରା ୱାଲେଟ୍ ଫେରାଇବାରେ ୧୧୫ତମ ସ୍ଥାନରେ ରହିଛି। ୧୪୭ ର୍‍ୟାଙ୍କ୍ ସହ ଆଫଗାନିସ୍ତାନ ତାଲିକାର ସବାତଳେ ରହିଥିବାବେଳେ ନେପାଳ ୯୨, ପାକିସ୍ତାନ ୧୦୯, ଶ୍ରୀଲଙ୍କା ୧୩୩ ଏବଂ ବାଂଲାଦେଶ ୧୩୪ତମ ସ୍ଥାନରେ ରହିଛି।

## ଔରଙ୍ଗଜେବ୍‌ଙ୍କ କବରସ୍ଥାନରେ ଲାଗିଲା ଟିଣ ଚାଦର

ଛତ୍ରପତି ସମ୍ଭାଜୀନଗର,୨୦।୩

ମହାରାଷ୍ଟ୍ରର ସମ୍ଭାଜୀନଗର ଜିଲାରେ ଥିବା ମୋଗଲ ସମ୍ରାଟ ଔରଙ୍ଗଜେବ୍‌ଙ୍କ କବରସ୍ଥଳ ହଟାଇବା ପାଇଁ ଦାବି ଜୋର୍ ଧରିଥିବାବେଳେ ଅଷ୍ଟାଦଶ ଶତାବ୍ଦୀର ଏହି ସ୍ମାରକୀର ଉଭୟ ପାର୍ଶ୍ୱରେ ଭାରତର ପ୍ରତ୍ନତତ୍ତ୍ୱ ବିଭାଗ ଟିଣ ଚାଦର ଲଗାଇଛି। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ବୁଧବାର ରାତିରେ କବରସ୍ଥଳର ୨ ପାର୍ଶ୍ୱରେ ଟିଣ ଚାଦର ଲଗାଯାଇଛି। ଟମ୍ବ ଚାରିପଟେ ବାଡ଼ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଔରଙ୍ଗଜେବ୍‌ଙ୍କ କବରସ୍ଥଳ ହଟାଇବା ଦାବିରେ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ସୋମବାର ନାଗପୁରରେ ବିକ୍ଷୋଭ ବେଳେ ହିଂସାକାଣ୍ଡ ଘଟିଥିଲା। ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଜୀବନୀ ଉପରେ ନିର୍ମିତ ଚଳଚ୍ଚିତ୍ର 'ଛାଭା' ଦେଖିବା ପରେ ଔରଙ୍ଗଜେବ୍‌ଙ୍କ ଟମ୍ବ ହଟାଇବା ଦାବିରେ ଆନ୍ଦୋଳନ ଚାଲିଛି। ଔରଙ୍ଗଜେବ୍‌ଙ୍କ ନିର୍ଦ୍ଦେଶରେ ସମ୍ଭାଜୀ ମହାରାଜଙ୍କୁ ବୀଭତ୍ସ ହତ୍ୟା କରାଯାଇଥିଲା।

# ଗାଜା ଉପରେ ଇସ୍ରାଏଲ୍‌ର ଆକ୍ରମଣ: ୮୫ ମୃତ

ଡେଇର୍-ଅଲ୍-ବଲାହ,୨୦।୩

ଇସ୍ରାଏଲୀ ସେନା ବୁଧବାର ମଧ୍ୟରାତ୍ରରେ ଗାଜାଷ୍ଟ୍ରିପ୍ ଉପରେ ଜୋର୍‌ଦାର ବୋମାମାଡ଼ ଜାରି ରଖିବା ଫଳରେ ଅନ୍ୟୂନ ୮୫ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳ ପର୍ଯ୍ୟନ୍ତ ଲାଗିରହିଥିବା ଏହି ଏୟାରଷ୍ଟ୍ରାଇକ୍‌ରେ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣରେ ମହିଳା ଓ ଛୋଟ ପିଲାଙ୍କ ମୃତ୍ୟୁ ଘଟିଥିବାବେଳେ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳକୁ ଟାର୍ଗେଟ କରି ବୋମାମାଡ଼ କରାଯାଇଥିବା ଇସ୍ରାଏଲୀ ସେନା କହିଛି। ଅନ୍ୟପକ୍ଷରେ ଗାଜାରୁ କେନ୍ଦ୍ରୀୟ ଇସ୍ରାଏଲକୁ ଟାର୍ଗେଟ କରି ରକେଟ୍ ମାଡ଼ କରାଯାଇଛି। ଇସ୍ରାଏଲ୍ ଯୁଦ୍ଧବିରତି ବନ୍ଦ କରିବା ପରେ ଗାଜାରୁ ଏହା ପ୍ରଥମ ରକେଟ୍ ଆକ୍ରମଣ।


ଇସ୍ରାଏଲ୍ ବୋମାମାଡ଼ରେ ଭାଙ୍ଗିଯାଇଥିବା ଏକ ଘର ନିକଟରେ ଜଣେ ମହିଳା ବସିଛନ୍ତି।

ଇସ୍ରାଏଲୀ ସେନା ପୂର୍ବଭଳି ଗାଜା ସିଟି ସମେତ ଉତ୍ତର ଗାଜାରେ କେତେକ ରାସ୍ତାକୁ ଅବରୋଧ କରିଛି। ଉତ୍ତର ଭାଗରେ ପ୍ରବେଶ ଓ ପ୍ରସ୍ଥାନ ଲାଗି ମୁଖ୍ୟ ଜାତୀୟ ରାଜପଥ ବ୍ୟବହାର ନ କରିବାକୁ ଗାଜାବାସୀଙ୍କୁ ଚେତାବନୀ ଦିଆଯାଇଛି। କେବଳ ଉପକୂଳବର୍ତ୍ତୀ ସଡ଼କ ପଥରେ ଦକ୍ଷିଣ ଗାଜାକୁ ଯିବା ଲାଗି ଅନୁମତି ରହିଛି। ଉତ୍ତର ଗାଜାର ବେଇଟ୍ ଲାହିୟା ସହରରେ ଇସ୍ରାଏଲ୍ ସ୍ଥଳଯୁଦ୍ଧ ଆରମ୍ଭ କରିଥିବାବେଳେ ୨୪ ଘଣ୍ଟା ମଧ୍ୟରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଲାଣି। ଗତ ଜାନୁଆରୀରେ ଅସ୍ତ୍ରବିରତି ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରେ ହଜାର ହଜାର ପାଲେଷ୍ଟିନୀୟ ଉତ୍ତର ଗାଜାସ୍ଥିତ ସେମାନଙ୍କ ଘରକୁ ଫେରିଥିଲେ। ମଙ୍ଗଳବାର ଇସ୍ରାଏଲ୍ ଉକ୍ତ ଚୁକ୍ତିନାମା ଭଙ୍ଗକରି ପୁଣିଥରେ ଜୋର୍‌ଦାର ଆକ୍ରମଣ କରିବାରୁ ୪୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣ ପାଇଁ ଇସ୍ରାଏଲ୍‌କୁ ଆମେରିକା ପୂର୍ଣ୍ଣ ସମର୍ଥନ ଦେଉଛି।



ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରୁ ଆନ୍ଦୋଳନକାରୀ କୃଷକମାନଙ୍କୁ ସ୍ଥାନାନ୍ତର କରାଯିବା ପରେ ଗୁରୁବାର କଂକ୍ରିଟ୍ ବ୍ୟାରିକେଡ୍‌ଗୁଡ଼ିକୁ ହଟାଯାଉଛି।

# ୪୮ ନେତାଙ୍କୁ ହନିଟ୍ରାପ୍ ଉଦ୍ୟମ

ବେଙ୍ଗାଲୁରୁ,୨୦।୩

କର୍ନାଟକ ବିଧାନସଭାର ଅନ୍ୟୂନ ୪୮ ଜଣ ସଦସ୍ୟଙ୍କୁ ହନିଟ୍ରାପ୍‌ରେ ଫସାଇବା ପାଇଁ ଉଦ୍ୟମ ହୋଇଛି। ଏହି ମନ୍ତ୍ରୀ ଓ ବିଧାୟକମାନଙ୍କ ଫଟୋ ଓ ଭିଡିଓ ଆଦି ସୋସିଆଲ ମିଡିଆରେ ଘୂରିବୁଲୁଛି। ଶାସକ କଂଗ୍ରେସ ପକ୍ଷରୁ ଅଣାଯାଇଥିବା ଏଭଳି ଅଭିଯୋଗରେ ଅନ୍ୟ ଦଳଗୁଡ଼ିକ ମଧ୍ୟ ସ୍ୱର ମିଳାଇଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କର୍ନାଟକ ଗୃହମନ୍ତ୍ରୀ ଜି. ପରମେଶ୍ୱର କହିଛନ୍ତି।

ବିଧାନସଭାରେ ଗୁରୁବାର କର୍ନାଟକ ସମବାୟ ମନ୍ତ୍ରୀ କେ.ଏନ୍. ରାଜନ୍ନା କହିଥିଲେ, ଗୃହର ଅନ୍ୟୂନ ୪୮ ସଦସ୍ୟ ହନିଟ୍ରାପ୍‌ରେ ପଡ଼ିଯାଇଛନ୍ତି। ସେମାନଙ୍କ ଅଶ୍ଳୀଳ ଭିଡିଓଗୁଡ଼ିକ ପ୍ରସାରିତ ହେବାରେ ଲାଗିଛି। ସେମାନଙ୍କ ମଧ୍ୟରେ ଟୁମ୍‌କୁରରୁ ସେ ନିଜେ ଏବଂ ପରମେଶ୍ୱର ମନ୍ତ୍ରୀ ପଦ

### ତଦନ୍ତ ନିର୍ଦ୍ଦେଶ

ପାଇଛନ୍ତି। ଅର୍ଥାତ୍ ଉଭୟଙ୍କ ମଧ୍ୟରୁ ଜଣକ ଉପରେ ହନିଟ୍ରାପ୍ ଉଦ୍ୟମ ହୋଇଛି। ଗୃହର ସଦସ୍ୟମାନଙ୍କ ମର୍ଯ୍ୟାଦା ରକ୍ଷା କରିବାକୁ ହେଲେ ଏଭଳି ଗମ୍ଭୀର ଘଟଣା ଉପରେ ତଦନ୍ତ କରାଯିବା ଜରୁରୀ ବୋଲି ରାଜନ୍ନା କହିଛନ୍ତି। ସେହିପରି ପୂର୍ବତନମନ୍ତ୍ରୀ ସତୀଶ ଜର୍କିହୋଲିଙ୍କୁ ମଧ୍ୟ ପୂର୍ବରୁ ୨ ଥର ଜାଲରେ ଫସାଇବା ପାଇଁ ଉଦ୍ୟମ ହୋଇଥିଲା। ଏହି ଷଡ଼ଯନ୍ତ୍ର ପଛର ଡାଇରେକ୍ଟର ଓ ଆକ୍ଟର କିଏ, ତାହା ଜଣାପଡ଼ିବା ଦରକାର ବୋଲି ରାଜନ୍ନା ଦାବି କରିଛନ୍ତି। ଜର୍କିହୋଲି କହିଛନ୍ତି, କର୍ନାଟକରେ ଏଭଳି ଘଟଣା ପ୍ରଥମ ନୁହେଁ। ଗତ ୨୦ ବର୍ଷ ଧରି କଂଗ୍ରେସ, ଭାଜପା ଏବଂ ଜେଡିଏସ୍ ବିଧାୟକମାନେ ଏହାର ଶିକାର ହେଉଛନ୍ତି। କେତେଜଣ ବ୍ୟକ୍ତି ରାଜନୈତିକ ଫାଇଦା ଓ ଅର୍ଥଲାଭ ପାଇଁ ସେମାନଙ୍କୁ ଟାର୍ଗେଟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କୁ ଏନେଇ ବିଧାୟକମାନେ ଅବଗତ କରାଇଛନ୍ତି। ଏହା ପୂର୍ବରୁ ବୁଧବାର ଭାଜପାର ପୂର୍ବତନ ମନ୍ତ୍ରୀ ଭି. ସୁନୀଲ କୁମାର ଗୃହରେ ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉଠାଇ ଏହା ଉପରେ ବିତର୍କ ଦାବି କରିଥିଲେ। କଂଗ୍ରେସ ସରକାର ରାଜ୍ୟରେ ଏକ ହନିଟ୍ରାପ୍ ଫ୍ୟାକ୍ଟ୍ରି ଖୋଲିଥିବା ଦର୍ଶାଇ ଗୃହ ବିଭାଗ ପକ୍ଷରୁ ଏହାର ତଦନ୍ତ ଦାବି କରିଥିଲେ। ଗତ ସପ୍ତାହରେ ଟୁମ୍‌କୁର ଜିଲାରେ ଜଣେ ଭାଜପା ନେତାଙ୍କୁ ହନିଟ୍ରାପ୍‌ରେ ଫସାଇବା ଅଭିଯୋଗରେ ୨ ଜଣ ମହିଳା ଗିରଫ ହୋଇଥିଲେ। ଭାଜପା ନେତା ଆନ୍ନାପ୍ପା ସ୍ୱାମୀ କହିଛନ୍ତି, ଜଣେ ମହିଳା ଫେସ୍‌ବୁକ୍‌ରେ ତାଙ୍କ ସହ ବନ୍ଧୁତା ବାନ୍ଧିଥିଲେ। ପରେ ସମ୍ପୃକ୍ତ ମହିଳାଜଣକ ତାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଦେଖାଇ ବ୍ଲାକ୍‌ମେଲ୍ କରିଥିଲେ।

## ଆମେରିକାରେ ବିଦେଶ ନୀତିକୁ ବିରୋଧକରି ଭାରତୀୟ ଛାତ୍ର ଗିରଫ

ନ୍ୟୁୟର୍କ, ୨୦।୩

ଇସ୍ରାଏଲକୁ ନେଇ ଆମେରିକାର ବିଦେଶ ନୀତିକୁ ବିରୋଧ କରିବା ଅଭିଯୋଗରେ ବଦର ଖାନ୍ ସୁରୀ ନାମକ ଜଣେ ଭାରତୀୟ ଛାତ୍ରଙ୍କୁ ଆମେରିକାର ଫେଡେରାଲ ଇମିଗ୍ରେସନ କର୍ତ୍ତୃପକ୍ଷ ଗୁରୁବାର ଗିରଫ କରିଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ନିର୍ବାସିତ କରାଯାଇପାରେ ବୋଲି ସୁରୀଙ୍କ ଓକିଲ କହିଛନ୍ତି। ୱାଶିଂଟନ ଡିସିରେ ଥିବା ଜର୍ଜଟାଉନ୍ ବିଶ୍ୱ ବିଦ୍ୟାଳୟରେ ସୁରୀ ପି.ଏଚ୍‌ଡି କରୁଥିଲେ। ସୁରୀଙ୍କ ସ୍ତ୍ରୀ ହେଉଛନ୍ତି ପାଲେଷ୍ଟାଇନ୍‌ର ମୂଳ ବାସିନ୍ଦା। ତେଣୁ ସ୍ତ୍ରୀଙ୍କ ସହ ସୁରୀ ବୈଦେଶିକ ନୀତିକୁ ବିରୋଧ କରିବା ସହ ସେସମ୍ପର୍କିତ ବିଭିନ୍ନ କାର୍ଯ୍ୟକଳାପରେ ଲିପ୍ତ ଥିବା ନେଇ ସ୍ଥାନୀୟ ପ୍ରଶାସନ ସନ୍ଦେହ କରୁଥିବା ସୁରୀଙ୍କ ଓକିଲ କହିଛନ୍ତି।

# ଭିଡିଓ ଦେଖି ନିଜ ପେଟରେ ଅସ୍ତ୍ରୋପଚାର

### ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହେଲେ ଯୁବକ



ମଥୁରା, ୨୦।୩

ଉତ୍ତର ପ୍ରଦେଶର ମଥୁରାସ୍ଥିତ ସୁନରଖ ଅଞ୍ଚଳରେ ପେଟ ଯନ୍ତ୍ରଣା ଭୋଗୁଥିବା ରାଜା ବୃନ୍ଦାବନ(୩୨) ନାମକ ଜଣେ ଯୁବକ ନିଜେ ନିଜର ଅପରେଶନ କରିଛନ୍ତି। ସେ ୟୁଟ୍ୟୁବ୍ ଭିଡିଓ ଦେଖି ଅପରେଶନ କିପରି କରାଯାଏ ତାହା ଶିଖିଥିଲେ ଏବଂ ଏହାକୁ ନିଜ ଠାରେ ପ୍ରୟୋଗ କରିଥିଲେ। ପେଟ ଯନ୍ତ୍ରଣା ନେଇ ସେ ଅନେକ ଥର ଡାକ୍ତରଙ୍କୁ ଦେଖାଇଥିଲେ ମଧ୍ୟ ତାଙ୍କ ଯନ୍ତ୍ରଣା କମି ନ ଥିଲା। ଫଳରେ ସେ ୟୁଟ୍ୟୁବରେ ଅପରେଶନର ଭିଡିଓ ଦେଖି ନିଜକୁ ନିଜେ ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ଇଣ୍ଟରନେଟରେ ଆନାସ୍ଥେସିଆର ଇଞ୍ଜେକ୍ସନ ଏବଂ ସର୍ଜିକାଲ ବ୍ଲେଡ୍ ସମ୍ପର୍କରେ ସୂଚନା ନେଇ ସେଗୁଡ଼ିକୁ କିଣିଥିଲେ। ଏହାପରେ ସେ ପେଟ ଯନ୍ତ୍ରଣା ହେଉଥିବା ସ୍ଥାନକୁ ଅପରେଶନ କରିବା ସହ ସେଠାରେ ୧୧ ଥର ଷ୍ଟିଚ୍ ପକାଇଥିଲେ। ତେବେ ଏହାର କିଛି ସମୟ ପରେ ରାଜାଙ୍କ ଅବସ୍ଥା ବିଗିଡ଼ି ଯାଇଥିଲା। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଫୁର୍‌ସତ

# ରାତି ଶୁଟିଂକୁ ନେଇ ଦୁଃଖୀ ରଶ୍ମିକା


ରଶ୍ମିକା ମନ୍ଦାନା

**ମୁମ୍ବାଇ:** ଅଭିନେତ୍ରୀ ରଶ୍ମିକା ମନ୍ଦାନା ସମ୍ପ୍ରତି ତାଙ୍କର ଆଗାମୀ ଫିଲ୍ମ 'ଥାମା'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏହି ଫିଲ୍ମର ଶୁଟିଂ ସେଟ୍‌ର ଏକ ଫଟୋକୁ ଶେୟାର କରିଛନ୍ତି। ଉକ୍ତ ଫଟୋରେ 'ଥାମା' ନିର୍ଦ୍ଦେଶକ ଆଦିତ୍ୟ ସରପୋତ୍‌ଦାର ଏକ ପ୍ଲାଷ୍ଟିକ ଚେୟାରରେ ବସି ଫିଲ୍ମର ଶୁଟିଂକୁ ତଦାରଖ କରୁଥିବାର ଦେଖିବାକୁ ମିଳିଛି। କ୍ୟାପ୍‌ଶନ୍‌ରେ ରଶ୍ମିକା ଲେଖିଛନ୍ତି, ନିର୍ଦ୍ଦେଶକ ଆଦିତ୍ୟ ଖୁବ୍ ଚତୁର ଏବଂ ଚାଲାକ। ସେ ସର୍ବଦା ତାଙ୍କୁ ମିଠା ମିଠା କଥା କହି ରାତିରେ ଶୁଟିଂ ପାଇଁ ମନାଇ ଦେଇଥାନ୍ତି। ଆଦିତ୍ୟଙ୍କ ଯୋଗୁ ଏବେ ସବୁବେଳେ ତାଙ୍କୁ ରାତିରେ ଶୁଟିଂ କରିବାକୁ ପଡୁଥିବା ରଶ୍ମିକା କହିଛନ୍ତି। ଏବେ ଏହା ହିଁ ତାଙ୍କ ଜୀବନର କାହାଣୀ ବୋଲି ରଶ୍ମିକା ନିଜ ଷ୍ଟୋରିରେ ଲେଖିଛନ୍ତି। ରଶ୍ମିକାଙ୍କ ଏହି ଷ୍ଟୋରିକୁ ଆଦିତ୍ୟ ରି-ଶେୟାର କରିବା ସହ ଲେଖିଛନ୍ତି, ସାଧାରଣ ଲୋକମାନେ ରାତିକୁ ଭୟ କରୁଥିବା ବେଳେ ପିଶାଚମାନଙ୍କୁ ରାତିରେ ସେମାନଙ୍କର ଶକ୍ତି ମିଳିଥାଏ। ତେଣୁ ରାତିରେ ହିଁ ଶୁଟିଂ କରିବାକୁ ପଡ଼ିବ ବୋଲି ଆଦିତ୍ୟ ମଜାଳିଆ ଢଙ୍ଗରେ ଲେଖିଛନ୍ତି। ଏହାର ପ୍ରତିକ୍ରିୟାରେ ରଶ୍ମିକା ଲେଖିଛନ୍ତି, "ଆପଣ ବହୁତ ସ୍ମାର୍ଟ। କଥାରେ ଆପଣଙ୍କୁ କେହି କାଟିପାରିବେନି। ପିଶାଚଙ୍କୁ କିପରି ଭାବେ ସନ୍ତୁଷ୍ଟ କରାଯିବ ତାହା ମଧ୍ୟ ଆପଣ ଭଲ ଭାବେ ଜାଣନ୍ତି।"

'ଥାମା' ଚଳଚ୍ଚିତ୍ର ଜଣେ ଐତିହାସିକଙ୍କ କାହାଣୀକୁ ନେଇ ଆଧାରିତ, ଯିଏ ଅନେକ ପୁରୁଣା ପୋଥି ଏବଂ ପୁସ୍ତକକୁ ଅଧ୍ୟୟନ କରିବା ସହ ସ୍ଥାନୀୟ ଅଞ୍ଚଳରେ ବିଶ୍ୱାସ କରାଯାଉଥିବା ପିଶାଚଙ୍କ କାହାଣୀ ପଛରେ ଥିବା ସତ୍ୟତାକୁ ଉନ୍ମୋଚନ କରିଥିଲେ। ଚଳିତବର୍ଷ ଦୀପାବଳି ଉପଲକ୍ଷେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମରେ ରଶ୍ମିକାଙ୍କ ବିପକ୍ଷରେ ଅଭିନେତା ଆୟୁଷ୍ମାନ୍ ଖୁରାନା ନଜରକୁ ଆସିବେ। ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ବଲିଉଡ୍‌ର ବରିଷ୍ଠ ଅଭିନେତା ପରେଶ ରାୱଲ, ନୱାଜୁଦ୍ଦିନ ସିଦ୍ଦିକୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

# ଡିନର ପାଇଁ ଅତିଥିଙ୍କୁ ୩,୮୦୦ ଟଙ୍କା ଚାନ୍ଦା

**ରୋମ୍:** ଗତ କିଛି ବର୍ଷ ଧରି ଡେଷ୍ଟିନେଶନ ୱେଡିଂର ଧାରା ବଢ଼ିବାରେ ଲାଗିଛି। ସାମ୍ପ୍ରତିକ ସ୍ଥିତିରେ ଅନେକ ଲୋକ ନିଜ ସହରରେ ବିବାହ କରିବା ପରିବର୍ତ୍ତେ ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ବିବାହ କରିବାକୁ ପସନ୍ଦ କରୁଛନ୍ତି। ସାଧାରଣତଃ ଡେଷ୍ଟିନେଶନ ୱେଡିଂରେ ଅତିଥିମାନେ ବିବାହରେ ଯୋଗଦେବା ସହ ଭ୍ରମଣ କରିବାକୁ ମଧ୍ୟ ସୁଯୋଗ ପାଇଥାନ୍ତି, ଯାହା ଏହି ବିବାହକୁ ସ୍ୱତନ୍ତ୍ର ଏବଂ ଖାସ୍ କରିଥାଏ। ତେବେ ନିକଟରେ ଡେଷ୍ଟିନେଶନ ୱେଡିଂକୁ ନେଇ ଏକ ଅଜବ ମାମଲା ସାମ୍ନାକୁ ଆସିଛି। ଇଟାଲୀର ଐତିହାସିକ ପର୍ଯ୍ୟଟନ ସହର ଫ୍ଲୋରେନ୍ସରେ ଆସନ୍ତା ଅଗଷ୍ଟରେ ହେବାକୁ ଥିବା ଏକ ଡେଷ୍ଟିନେଶନ ୱେଡିଂରେ ଯୋଗଦେବାକୁ ଅତିଥିମାନଙ୍କୁ ରାତ୍ର ଭୋଜନ ପାଇଁ ଜଣଙ୍କ ପିଛା ୪୦ ୟୁରୋ (୩,୭୮୫ ଟଙ୍କା) ଦେବାକୁ ପଡ଼ିବ। ଏନେଇ ଜଣେ ବ୍ୟକ୍ତି ସୋସିଆଲ ମିଡିଆ ନେଟ୍‌ୱର୍କ ରେଡ୍ଡିଟରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା ଅଗଷ୍ଟରେ ଇଟାଲୀର ଫ୍ଲୋରେନ୍ସରେ ହେବାକୁ ଥିବା ଏକ ଡେଷ୍ଟିନେଶନ ୱେଡିଂରେ ଅତିଥି ଭାବେ ଯୋଗଦେବାକୁ ତାଙ୍କୁ ନିମନ୍ତ୍ରଣ ମିଳିଛି। ଏହି ବିବାହରେ ଯୋଗଦେବାକୁ ଅଧିକାଂଶ ଅତିଥି କାନାଡାର ଭାନ୍‌କୋଭର ସହରରୁ ଯୋଗଦେବେ। ତେଣୁ ଅତିଥିମାନେ ନିଜସ୍ୱ ଅର୍ଥରେ ଫ୍ଲୋରେନ୍ସ ପହଞ୍ଚିବା ପାଇଁ ବିମାନ ଟିକେଟ କିଣିବା ସହ ହୋଟେଲରେ ରହଣି ପାଇଁ ମଧ୍ୟ ନିଜସ୍ୱ ଅର୍ଥ ଖର୍ଚ୍ଚ କରିବେ। ଏହାସତ୍ତ୍ୱେ ବିବାହର ୱେଲ୍‌କମ ଡିନର ପାଇଁ ପ୍ରତି ଅତିଥିଙ୍କୁ ୪୦ ୟୁରୋର ଚାନ୍ଦା ମଗାଯାଉଛି। କିଛି ସପ୍ତାହ ତଳେ ତାଙ୍କ ନିକଟକୁ ଉକ୍ତ ଡେଷ୍ଟିନେଶନ ୱେଡିଂର ବିବାହ ନିମନ୍ତ୍ରଣ କାର୍ଡ ଆସି ପହଞ୍ଚିଥିଲା। ଡିନର ପାଇଁ ୪୦ ୟୁରୋ ଦେବାକୁ ପଡ଼ିବ ବୋଲି ଉକ୍ତ କାର୍ଡରେ ଉଲ୍ଲେଖ ରହିଥିଲା। ଏହି ଡେଷ୍ଟିନେଶନ ୱେଡିଂ ପାଇଁ ଅତିଥିମାନେ ବହୁ ଖର୍ଚ୍ଚ କରି ଲମ୍ବା ବିମାନଯାତ୍ରା ଏବଂ ହୋଟଲରେ ରହିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ କେବଳ ରାତ୍ର ଭୋଜନ ପାଇଁ ସେମାନଙ୍କୁ ୪୦ ୟୁରୋ ମାଗିବା କେତେ ଯୁକ୍ତିଯୁକ୍ତ ବୋଲି ସେ ନିଜ ପୋଷ୍ଟରେ ପ୍ରଶ୍ନ କରିଛନ୍ତି। ରେଡ୍ଡିଟରେ ଏହି ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ବିବାହର ରାତ୍ର ଭୋଜନ ପାଇଁ ଅତିଥିଙ୍କୁ ଅର୍ଥ ମଗାଯିବା ସମ୍ପୂର୍ଣ୍ଣ ଅନୁଚିତ ବୋଲି ବହୁ ରେଡ୍ଡିଟ ୟୁଜର୍ସ ଏହି ପୋଷ୍ଟରେ କମେଣ୍ଟ କରି କହିଛନ୍ତି।

### ଡେଷ୍ଟିନେଶନ ୱେଡିଂ ନିମନ୍ତ୍ରଣପତ୍ରରେ ସର୍ତ୍ତ






## କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନାଙ୍କ ଆଲ୍ଲାହାବାଦ ହାଇକୋର୍ଟ ବଦଳି



**କଟକ,୨୦।୩(କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ୍ ସିହ୍ନାଙ୍କୁ ଆଲ୍ଲାହାବାଦ ହାଇକୋର୍ଟ ବଦଳି ପାଇଁ ସୁପ୍ରିମ୍‌କୋର୍ଟ କଲେଜିୟମ ଗୁରୁବାର କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛନ୍ତି। ସେହିପରି ମଙ୍ଗଳବାର ଅନୁଷ୍ଠିତ ବୈଠକରେ ଗୁଜରାଟରେ କାର୍ଯ୍ୟରତ ୮ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ସେଠାକାର ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଁ ମଧ୍ୟ କଲେଜିୟମ ସୁପାରିଶ କରିଛନ୍ତି।

# ଓଡ଼ିଶାରେ ଖୋଲିବ ସେଣ୍ଟର ଅଫ୍ ଏକ୍ସେଲେନ୍ସ

**ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକଲେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧରୀ**



**ଭୁବନେଶ୍ୱର, ୨୦।୩(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗୁରୁବାର ଲୋକସେବା ଭବନଠାରେ କେନ୍ଦ୍ର ଦକ୍ଷତା ବିକାଶ ଓ ଔଦ୍ୟୋଗିକତା ତଥା ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧରୀ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ବୈଠକରେ ଓଡ଼ିଶାରେ ଅଧିକ ଦକ୍ଷତା ବିକାଶ କେନ୍ଦ୍ର ଖୋଲିବା ସମ୍ପର୍କରେ ଆଲୋଚନା ହୋଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷ ବଜେଟରେ ଦକ୍ଷତା ବିକାଶ କ୍ଷେତ୍ରରେ ୫ଟି ସେଣ୍ଟର ଅଫ୍ ଏକ୍ସେଲେନ୍ସର ପ୍ରାବଧାନ ରଖାଯାଇଛି। ସେଥିରୁ ଗୋଟିଏ ଓଡ଼ିଶାରେ ଖୋଲାଯିବ ବୋଲି ସେ କହିଛନ୍ତି। ବୈଠକରେ ଓଡ଼ିଶାର ଆଇଟିଆଇଗୁଡ଼ିକୁ ଅଧିକ ସୁଦୃଢ଼ କରିବା, ଆହୁରି ଅଧିକ 'ବିଶ୍ୱ ଦକ୍ଷତା କେନ୍ଦ୍ର' ସ୍ଥାପନ, ଦକ୍ଷତା ବିକାଶ ଶିକ୍ଷାର୍ଥୀଙ୍କ ପାଇଁ ମଲ୍ଟି-ଲାଙ୍ଗୁଏଜ ଟ୍ରେନିଂ ସେଣ୍ଟର, ଜନଜାତି ବହୁଳ ଅଞ୍ଚଳରେ ଯୁବଗୋଷ୍ଠୀଙ୍କ ଦକ୍ଷତା ବିକାଶ ପାଇଁ ପିଏମ୍- ଜନମନ୍ ଯୋଜନାରେ ଆଇଟିଆଇକୁ ଅନ୍ତର୍ଭୁକ୍ତ କରାଯିବାକୁ ଆଲୋଚନା ହୋଇଛି। କେନ୍ଦ୍ରମନ୍ତ୍ରୀ ଏ ସବୁ ପ୍ରସ୍ତାବ ଉପରେ ସକାରାତ୍ମକ ମତାମତ ଦେଇ ଖୁବ୍‌ଶୀଘ୍ର ଏଗୁଡ଼ିକ ଉପରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ଭୂପେନ୍ଦ୍ର ସିଂହ ପୁନିଆ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଉପସ୍ଥିତ ଥିଲେ।

# ବିଜେଡି ଶାସନରେ ମହିଳାଙ୍କ ଅଧିକାର ଜଣେ ଅଧିକାରୀଙ୍କୁ ଟେକି ଦିଆଯାଇଥିଲା: ମନ୍ତ୍ରୀ ନାଏକ

**ଭୁବନେଶ୍ୱର, ୨୦।୩ (ସୁନିତ୍ ମିଶ୍ର)**

ବିଧାନସଭାରେ ଗୁରୁବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଖର୍ଚ୍ଚଦାବି ଆଲୋଚନା ପରେ ମନ୍ତ୍ରୀ ରବିନାରାୟଣ ନାଏକ ଉତ୍ତର ରଖିବା ଅବସରରେ ପୂର୍ବ ବିଜେଡି ସରକାରକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ବିଜେଡି ସରକାର ସମୟରେ ପଞ୍ଚାୟତିରାଜ ବିଭାଗ ସୁଜାତା କାର୍ତ୍ତିକେୟନ୍‌ଙ୍କୁ ସମର୍ପିତ ଥିଲା। ବିରୋଧୀ କହୁଛନ୍ତି, ଏବେ ମହିଳାଙ୍କ ଅଧିକାର କମିଯାଇଛି। ଏହା ଶୁଣି ଦୁଃଖ ଲାଗୁଛି। ବିଜେଡି ଶାସନ ସମୟରେ ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ହାତରେ ମହିଳାଙ୍କ ଦାୟିତ୍ୱ ଟେକିଦିଆଯାଇଥିଲା। ଏହା ଶୁଣି କ'ଣ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଆତ୍ମାକୁ କଷ୍ଟ ଲାଗି ନ ଥିବ। ପରିକ୍ରମା ପ୍ରକଳ୍ପରେ ୧୪୫ କୋଟି ଟଙ୍କା ଖର୍ଚ୍ଚ କଲେ। ଗାଁ ଗାଁରେ ଜଗନ୍ନାଥଙ୍କୁ ବୁଲାଇଲେ। ଏହାଦ୍ୱାରା ପଞ୍ଚାୟତର କ'ଣ ବିକାଶ ହେଲା। ଏହି ପ୍ରକଳ୍ପ ଲାଗି ଯାହା ବକେୟା ଅର୍ଥ ରହିଛି ତାକୁ ଆମକୁ ଦେବାକୁ ପଡୁଛି ବୋଲି ମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଲାଗି ମୋଟ୍ ୨୯ ହଜାର ୧୯୯ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ୭% ଅଧିକ। ଦାଦନ ରୋକିବା ନିମନ୍ତେ ରାଜ୍ୟର ୯ ଜିଲା ବରଗଡ଼, ବଲାଙ୍ଗୀର, ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର,ନୂଆପଡ଼ା ଓ ରାୟଗଡ଼ାର ୩୦ଟି ଦାଦନ ପ୍ରବଣ ବ୍ଲକ୍‌ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକ୍ରମ ଅଧୀନରେ ପ୍ରତ୍ୟେକ ପରିବାରକୁ ସ୍ଥିରୀକୃତ ୧୦୦ ଦିନର କାର୍ଯ୍ୟ ବ୍ୟତୀତ ବାର୍ଷିକ ଅତିରିକ୍ତ ୨୦୦ ଦିନର କାର୍ଯ୍ୟ ଯୋଗାଇବା ଲାଗି ସ୍ୱତନ୍ତ୍ର ପ୍ୟାକେଜ ଜାରି ରଖାଯିବ ବୋଲି ମନ୍ତ୍ରୀ ନାଏକ କହିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିମନ୍ତେ ସର୍ବ ମୋଟ ୧୦ ହଜାର ୧୯ କୋଟି ୬୧ ଲକ୍ଷ ୯୭ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ଶେଷରେ ଏହି ୨ ବିଭାଗର ଖର୍ଚ୍ଚଦାବି ଗୃହରେ ଅନୁମୋଦିତ ହୋଇଛି।

# ହେମାମାଳିନୀ ସତ ମାନି ଭୁଲ୍ ମାଗନ୍ତୁ: ଶ୍ରୀଜଗନ୍ନାଥ ସେନା

**ପୁରୀ,୨୦।୩ (ଅଜିତ୍ କୁମାର ମହାନ୍ତି)**

ବଲିଉଡ୍ ଅଭିନେତ୍ରୀ ତଥା ମଥୁରା ଏମ୍‌ପି ହେମାମାଳିନୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ଘଟଣା ବିବାଦ ଘେରକୁ ଆସିଛି। ଏ ନେଇ ପୂର୍ବରୁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା। ଏହାପରେ ବୁଧବାର ହେମାମାଳିନୀ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁରୀ ଜିଲାପାଳଙ୍କୁ ଇ-ମେଲ୍ ମାଧ୍ୟମରେ ସ୍ପଷ୍ଟୀକରଣ ରଖିଥିଲେ। ସେ ହିନ୍ଦୁ ହୋଇଥିବାବେଳେ ହିନ୍ଦୁଧର୍ମର ସମସ୍ତ ନୀତି ନିୟମ ପାଳନ କରନ୍ତି। ପୂର୍ବରୁ ସେ ଅନେକ ଥର ଶ୍ରୀମନ୍ଦିର ଆସିଥିବା ନେଇ ସ୍ପଷ୍ଟୀକରଣରେ ଦର୍ଶାଇଥିବା ବୁଧବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଥିଲେ। ତେବେ ଏ ନେଇ ଗୁରୁବାର ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଏକ ଭିଡିଓ ମାଧ୍ୟମରେ କହିଛନ୍ତି, ହେମାମାଳିନୀ ଆମର ଶତ୍ରୁ ନୁହନ୍ତି, ତାଙ୍କୁ ଆମେ ସମ୍ମାନ ଜଣାଉ। କୌଣସି ଧର୍ମ କିମ୍ବା ପାର୍ଟି ବିରୋଧରେ ଆମେ ନାହୁଁ। ଶ୍ରୀଜଗନ୍ନାଥ ସେନା ସର୍ବଦା ମହାପ୍ରଭୁଙ୍କ ପରମ୍ପରା ରକ୍ଷା କରିବା ଦିଗରେ ଲଢେଇ କରିଥାଏ। ହେମାମାଳିନୀ ଇ-ମେଲ ମାଧ୍ୟମରେ ଯେଉଁ ସ୍ପଷ୍ଟୀକରଣ ଦେଇଛନ୍ତି, ସେଥିରେ କିଛି ମିଛ କଥା ଉଲ୍ଲେଖ ରହିଛି। ହେମାମାଳିନୀ ସତ କୁହନ୍ତୁ, କାରଣ ସେ ମୁସଲମାନ ଧର୍ମ ଗ୍ରହଣ ସହ ମୁସଲମାନ ସମ୍ପ୍ରଦାୟରେ ବିବାହ କରିବାର ପ୍ରମାଣ ରହିଛି। ସେହିପରି ନିକାହନାମାରେ ମଧ୍ୟ ଏ ସଂକ୍ରାନ୍ତରେ ଉଲ୍ଲେଖ ରହିଛି। ମୁମ୍ବାଇରେ ୧୯୭୯ ମସିହା ଅଗଷ୍ଟ ୨୧ରେ ତାଙ୍କର ନିକାହ ହୋଇଥିଲା। ସତ୍ୟକୁ ମାନିନେବା ଉଚିତ। ସେ ସତ୍ୟ ମାନି ଭୁଲ୍ ମାଗନ୍ତୁ। ନଚେତ୍ ଆଗାମୀ ଦିନରେ ଶ୍ରୀଜଗନ୍ନାଥ ସେନା କୋର୍ଟ ଆଶ୍ରୟ ନେବ ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ହୀରାକୁଦ ଜଳଭଣ୍ଡାର ଜଳଧାରଣ କ୍ଷମତା କମୁଛି

**ଭୁବନେଶ୍ୱର,୨୦।୩ (ରବିନାରାୟଣ ଜେନା)**

ହୀରାକୁଦ ନଦୀବନ୍ଧର ଜଳଧାରଣ କ୍ଷମତା କମିବା ସହିତ ପଟୁମାଟି ଜଟିଳ ସମସ୍ୟା ସୃଷ୍ଟି କରୁଛି ବୋଲି ବିଧାନସଭା ଉତ୍ତରରୁ ଜଣାଯାଇଛି। ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ହୀରାକୁଦ ନଦୀବନ୍ଧ ନିର୍ମାଣ ବେଳେ ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬.୬୦ ମିଲିୟନ ଏକର ଫୁଟ ରହିଥିଲା। ବର୍ଷା ଜଳରେ ନଦୀ ଅବବାହିକାରୁ ପଟୁମାଟି ଧୋଇହୋଇ ଆସିବା ଯୋଗୁ ଜଳଭଣ୍ଡାରର ଜଳଧାରଣ କ୍ଷମତା ଧୀରେ ଧୀରେ ହ୍ରାସ ପାଉଛି। ଏହା ଏକ ପ୍ରାକୃତିକ ବିପର୍ଯ୍ୟୟ ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛନ୍ତି। ବର୍ଷା ଋତୁରେ ସ୍ଲୁଇସ୍ ଗେଟ୍ ଦେଇ କିଛି ମାତ୍ରାରେ ପଟୁ ନିଷ୍କାସିତ ହୋଇଥାଏ। ମୃତ୍ତିକା କ୍ଷୟକୁ ହ୍ରାସ ଲବଯ ପଟୁମାଟି ଜମାକୁ କମ୍ କରିବା ପାଇଁ ଜଳଭଣ୍ଡାର ଚାରିପାଖରେ ଚାରାରୋପଣ କରାଯାଉଛି। ଏହାବ୍ୟତୀତ ହୀରାକୁଦ ତଥା ଅନ୍ୟାନ୍ୟ ନଦୀବନ୍ଧର ଜଳଧାରଣ କ୍ଷମତା ବୃଦ୍ଧି କରିବା ଲାଗି ସରକାରଙ୍କ ପକ୍ଷରୁ ଏକ ବୈଷୟିକ କମିଟି ଗଠନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ମା' ହେଲେ କଲେଜ ଛାତ୍ରୀ

## ଡାକ୍ତରଖାନା ଶୌଚାଳୟରେ ଜନ୍ମ ଦେଲେ ମୃତ ଶିଶୁପୁତ୍ର

**ନୟାଗଡ଼,୨୦।୩(ଲୋକନାଥ ମିଶ୍ର)**

ନୟାଗଡ଼ର ଜଣେ କଲେଜ ଛାତ୍ରୀ ମା' ହୋଇଛନ୍ତି। ସେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟ ଶୌଚାଳୟରେ ଗୁରୁବାର ଏକ ମୃତ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ଯୁକ୍ତ ୩ ଦ୍ୱିତୀୟ ବର୍ଷର ଏହି ଛାତ୍ରୀ ୨ବର୍ଷ ହେବ କଲେଜ ଛାତ୍ରୀ ନିବାସରେ ରହୁଥିଲେ। ତାଙ୍କ ଘର କନ୍ଧମାଳ ଜିଲା ରାଇକିଆ ଅଞ୍ଚଳରେ ବୋଲି ସୂଚନା ମିଳିଛି। ଗୁରୁବାର ସକାଳେ ଛାତ୍ରୀଜଣକ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦାୟିତ୍ୱରେ ଥିବା ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ଏହାପରେ ଛାତ୍ରୀଜଣକ ପରିସ୍ରା କରିବାକୁ ଶୌଚାଳୟକୁ ଯାଇ ସେଠାରେ ଏକ ମୃତ ଶିଶୁପୁତ୍ର ଜନ୍ମ ଦେଇଥିଲେ। ସେ ୫ମାସର ଅପରିପକ୍ୱ ଶିଶୁ ଜନ୍ମ ଦେଇଛନ୍ତି ବୋଲି ଡାକ୍ତର କହିଛନ୍ତି। ହଷ୍ଟେଲ କର୍ତ୍ତୃପକ୍ଷ ଛାତ୍ରୀଙ୍କ ପରିବାର ସଦସ୍ୟଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି। ଛାତ୍ରୀ ଜଣକ ଗର୍ଭବତୀ ଥିବା ସମ୍ପର୍କରେ କିଛି ଜାଣି ନ ଥିବା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି। ସୁପରିଣ୍ଟେଣ୍ଡେଣ୍ଟ ଛାତ୍ରୀଙ୍କ ସମ୍ପର୍କରେ କିଛି ନ ଜାଣିବା କହିବା ପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଅନ୍ୟପକ୍ଷେ ହଷ୍ଟେଲକୁ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତରମାନେ ଆସିଥାଆନ୍ତି। ହେଲେ କିପରି ଏହି ଘଟଣା ଜଣାପଡିଲା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୨୪ରୁ ବି.ଏଡ୍., ଏମ୍.ଏଡ୍. ନାମଲେଖା ଆବେଦନ

## ଜୁନ୍‌ରେ ପ୍ରବେଶିକା ପରୀକ୍ଷା, ଜୁଲାଇରୁ ପାଠପଢ଼ା

**ଭୁବନେଶ୍ୱର,୨୦।୩ (ସୁଚିସ୍ମିତା ସାହୁ)**

ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ଦୁଇବର୍ଷିଆ ବି.ଏଡ୍./ଏମ୍.ଏଡ୍./ବି.ଏଚ୍.ଏଡ୍. ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଉଚ୍ଚ ଶିକ୍ଷା ବିଭାଗ ସୂଚନାନୁସାରେ, ଏହି ୩ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଆବେଦନକାରୀଙ୍କ ପାଇଁ ଆସନ୍ତା ୨୪ ତାରିଖଠାରୁ କମନ ଆପ୍ଲିକେଶନ ଫର୍ମ(ସିଏଏଫ୍) ପୂରଣ ପ୍ରକ୍ରିୟା ଆରମ୍ଭ କରାଯିବ। ବିଗତ ବର୍ଷ ଭଳି ଆଗାମୀ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ମଧ୍ୟ ପ୍ରବେଶିକା ପରୀକ୍ଷାକୁ ଗୁରୁତ୍ୱ ଦିଆଯିବ। ପ୍ରବେଶିକା ମାର୍କ ଆଧାରରେ ହିଁ ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ। ଜୁନ ପ୍ରଥମ ସପ୍ତାହରେ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏଥିସହ ଜୁଲାଇ ୨୪ ସୁଦ୍ଧା ବି.ଏଡ୍./ଏମ୍.ଏଡ୍./ ବି.ଏଚ୍.ଏଡ୍. ପାଠପଢ଼ା ଆରମ୍ଭ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ଠିକ୍ ସମୟରେ ପାଠ୍ୟକ୍ରମ ଶେଷ ହେବା ସହ ଠିକ୍ ସମୟରେ ପରୀକ୍ଷା କରାଯାଇ ଫଳାଫଳ ବାହାରିପାରିବ। ଏହା ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷାରେ ସହାୟକ ହୋଇପାରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଦହିବରା ଖାଇ ଶତାଧିକ ଅସୁସ୍ଥ

**ଯାଜପୁର/ବରୀ(ହର୍ଷବର୍ଦ୍ଧନ ବେହେରା/ମହେନ୍ଦ୍ର ସ୍ୱାଇଁ),୨୦।୩**

ଯାଜପୁର ଜିଲା ବରୀ ବ୍ଲକର ୩ ପଞ୍ଚାୟତ ଅଞ୍ଚଳରେ ଗୁରୁବାର ପୂର୍ବାହ୍ନରେ ଘରକୁ ଘର ବୁଲି ବିକ୍ରି ହୋଇଥିବା ଦହିବରା ଖାଇ ୧୬୩ ଜଣ ଅସୁସ୍ଥ ହୋଇ ପଡିଛନ୍ତି। ଏଥିରେ ଚନ୍ଦନପୁର ପଞ୍ଚାୟତର ଚନ୍ଦନପୁର ଓ ଜଗନ୍ନାଥପୁର, ସାହୁପଡା ପଞ୍ଚାୟତର ହଳଦୀବସନ୍ତ ଓ ସାହୁପଡା ଏବଂ ଧାରପୁର ପଞ୍ଚାୟତର ଧାରପୁର ଗ୍ରାମବାସୀ ରହିଛନ୍ତି। ଅସୁସ୍ଥ ବ୍ୟକ୍ତିମାନଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅପରାହ୍ନରେ ଭର୍ତ୍ତି କରାଯାଇଥିଲା। ଦହିବରା ବିକାଳି ଓଲିପୁର ଅଞ୍ଚଳର ରମେଶ ଚନ୍ଦ୍ର ନାଥ (୩୫)ଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଏହାସହ ସମସ୍ତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ଡାକ୍ତର ସବ୍ୟସାଚୀ ଦାସ ପ୍ରକାଶ କରିଛନ୍ତି।

# ୯ ଜିଲାରେ ସୁନାଖଣି: ମନ୍ତ୍ରୀ

**ଭୁବନେଶ୍ୱର,୨୦।୩ (ରବିନାରାୟଣ ଜେନା)**

ଓଡ଼ିଶାର ୯ଟି ଜିଲାରେ ସୁନା ଖଣିର ସନ୍ଧାନ ମିଳିଛି ବୋଲି ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୁରୁବାର ବିଧାନସଭାରେ କହିଛନ୍ତି। ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଜଣାଇଛନ୍ତି ଯେ, ରାଜ୍ୟରେ ଦେବଗଡ଼ ଜିଲାର ଆଡାସ-ରାମପାଲ୍ଲୀ ଅଞ୍ଚଳରେ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ତମ୍ବାପଥର ପାଇଁ ଜି-୨ସ୍ତରରେ ଅନ୍ୱେଷଣ ବେଳେ ସୁନାପଥର ସନ୍ଧାନ ମିଳିଛି। ସେହିପରି ମୟୂରଭଞ୍ଜ ଜିଲାର ଯଶୀପୁର, ସୁରିଆଗୁଡା, ରୁଆଁସି, ଇଡେଲକୁଚା, ମାରେଡ଼ିହି ଓ ସୁଲେଇପାଟ ଏବଂ ବାଦାମପାହାଡ଼ ଅଞ୍ଚଳରେ ସୁନାଖଣି ଲାଗି ପ୍ରାରମ୍ଭିକ ଅନୁସନ୍ଧାନ ଜାରି ରହିଛି। ଏହାବ୍ୟତୀତ ସୁନ୍ଦରଗଡ଼, ନବରଙ୍ଗପୁର, ଅନୁଗୋଳ, କୋରାପୁଟ, ମାଲକାନଗିରି, ସମ୍ବଲପୁର ଓ ବୌଦ୍ଧ ଜିଲାରେ ବି ସୁନାଖଣି ଥିବା ସୂଚନା ମିଳିଛି। ମନ୍ତ୍ରୀ କହିଥିଲେ ଯେ,ଖଣିଗୁଡ଼ିକର ନିଲାମର ଦର ସ୍ଥିର କରାଯାଇ ନଥାଏ। ସରକାର ନିଲାମ ପୂର୍ବରୁ ଖଣିର ସଂରକ୍ଷଣ ଦର ସ୍ଥିର କରିଥାନ୍ତି, ଯାହାକି ମାସିକ ଖଣିଜ ପଦାର୍ଥ ପରିବହନ ମୂଲ୍ୟର କିଛି ପ୍ରତିଶତ ହୋଇଥାଏ। ତେବେ ଏଯାଏ କୌଣସି ସୁନାଖଣିର ନିଲାମ ରାଜ୍ୟ ସରକାର କରି ନାହାନ୍ତି ବୋଲି ମନ୍ତ୍ରୀ କହିଥିଲେ।






ଅତିମାନସ ଶକ୍ତି, ଚେତନା ଓ ଆଲୋକର ପୃଥିବୀ ଉପରେ ଅବତରଣ ଆଉ ଏକ ପ୍ରତିଶ୍ରୁତି ହୋଇ ରହିନାହିଁ। କିନ୍ତୁ ଏହା ହୋଇ ଉଠିଛି ଏକ ଜୀବନ୍ତ ସତ୍ୟ ଓ ବାସ୍ତବତା। ଏହା ବର୍ତ୍ତମାନ କାର୍ଯ୍ୟ କରୁଛି। ଏପରି ଦିନ ଆସିବ ଯେତେବେଳେ କି ସବୁଠାରୁ ଦୃଷ୍ଟିହୀନ, ଅଜ୍ଞାନ, ଅଚେତନ ଓ ଅମାନିଆ ଲୋକ ବି ତାକୁ ଚିହ୍ନିପାରିବ। -ଶ୍ରୀମା



# ଟ୍ରମ୍ପଙ୍କ ଟାରିଫ୍ ଓ ବାଣିଜ୍ୟିକ ବିପର୍ଯ୍ୟୟ



କୌଶିକ ବସୁ

ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌କୁ ଫେରିବା ପରେ ଆର୍ଥିକ ନୀତିରେ ନାଟକୀୟ ପରିବର୍ତ୍ତନ ହୋଇଚାଲିଛି, ଯାହାଦ୍ୱାରା ବିଶ୍ୱର ଦେଶଗୁଡ଼ିକରେ ଅଶାନ୍ତ ସ୍ଥିତି ସୃଷ୍ଟି ହେଉଛି। ନୂଆ ପ୍ରଶାସନ ଚାଇନା, ମେକ୍ସିକୋ ଓ କାନାଡା ଉପରେ ଅତ୍ୟଧିକ ଟାରିଫ୍ ବା ଆମଦାନୀ ଶୁଳ୍କ ଲଗାଇଛି। ପ୍ରତିକ୍ରିୟା ସ୍ୱରୂପ, ଉଭୟ ମେକ୍ସିକୋ ଓ କାନାଡା ପ୍ରତିଶୋଧାତ୍ମକ ଭାବେ ପ୍ରମୁଖ ଆମେରିକୀୟ ଶିଳ୍ପଗୁଡ଼ିକ ଉପରେ ଟାରିଫ୍ ଲାଗୁ କରିଥିବାବେଳେ ଟ୍ରମ୍ପ ମଧ୍ୟ ଆମେରିକା ସହ ବ୍ୟବସାୟରେ ଜଡ଼ିତ ସମସ୍ତ ଦେଶ ଉପରେ ରେସିପ୍ରୋକାଲ ବା ପାରସ୍ପରିକ ଟାରିଫ୍ ଲାଗୁକରିବାକୁ ପ୍ରତିଜ୍ଞା କରିଛନ୍ତି। ଦେଖିବାକୁ ଗଲେ, ଆମେରିକା ତା'କ୍ଷମତା ପ୍ରୟୋଗକରି ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ଯେତିକି ପ୍ରଭାବିତ କରୁଛି ବିଶ୍ୱର ଅନ୍ୟ କୌଣସି ଦେଶ ସେତିକି କରୁନାହାନ୍ତି। ନୀତିରେ ଏଭଳି ଆକସ୍ମିକ ତଥା ଅପ୍ରତ୍ୟାଶିତ ପରିବର୍ତ୍ତନ ଯୋଗୁ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ମନ୍ଦାବସ୍ଥା ସୃଷ୍ଟିହେବା ଆଶଙ୍କା ଦେଖାଦେଇଛି ଏବଂ ଆମେରିକାରୁ ଆରମ୍ଭକରି ଅନ୍ୟତ୍ର ବି ଶେୟାର ବଜାରରେ ମୂଲ୍ୟ ହ୍ରାସ ଆରମ୍ଭ ହୋଇଯାଇଛି। ଟ୍ରମ୍ପଙ୍କ ବାଣିଜ୍ୟ ନୀତି କେବଳ ବିଶ୍ୱସ୍ତରରେ ନୁହେଁ, ବରଂ ନିଜ ଦେଶରେ ମଧ୍ୟ ଅଧିକ କ୍ଷତି ଘଟାଇବାର ସମ୍ଭାବନା ରହିଛି। ତେବେ ଆମେରିକାରେ ସେମିକଣ୍ଡକ୍ଟର ଉତ୍ପାଦନ ବଢ଼ାଇବା ଭଳି ତାଙ୍କର କେତେକ ପଦକ୍ଷେପ ଲାଭଜନକ ହୋଇପାରେ। କିନ୍ତୁ ତାଙ୍କର ଅନିୟମିତ ନୀତି ପରିବର୍ତ୍ତନ ଆମେରିକା ଆର୍ଥିକ ସ୍ଥିରତାରେ କ୍ଷତି ଆଣିପାରେ ଏବଂ ଏହା ପ୍ରତିଯୋଗିତାମୂଳକ ଓ ଦୀର୍ଘମିଆଦୀ ଅଭିବୃଦ୍ଧିକୁ ମଧ୍ୟ ଦୁର୍ବଳ କରିବାରେ।

ଆମେରିକା ଅନ୍ୟ ଦେଶଗୁଡ଼ିକର ସାମଗ୍ରୀ ଆମଦାନୀକରି ବାଣିଜ୍ୟ ନିଅଣ୍ଟିଆ ସ୍ଥିତିର ସମ୍ମୁଖୀନ ହେଉଛି ବୋଲି ଦୀର୍ଘଦିନରୁ ଟ୍ରମ୍ପଙ୍କ ମନରେ ନିରାଶା ଭାବ ରହିଛି। ନିକଟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବୈଠକରେ ଭାରତ ସହ ଆମେରିକାର ୪୫.୬ ବିଲିୟନ ଡଲାର ବାଣିଜ୍ୟ ନିଅଣ୍ଟକୁ ନେଇ ସେ ଚିନ୍ତା ପ୍ରକଟ କରିଥିଲେ। ଏହାର ପ୍ରତିକ୍ରିୟା ସ୍ୱରୂପ, ଆମେରିକାରୁ ଅଧିକ ଶକ୍ତି ସଂସାଧନ ଭାରତ ଆମଦାନୀ କରିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସବୁ ବାଣିଜ୍ୟିକ ସମ୍ପର୍କ ସମ୍ପୂର୍ଣ୍ଣ ଭାବେ ସନ୍ତୁଳିତ ହେବା ଜରୁରୀ ନୁହେଁ। ବାଣିଜ୍ୟିକ ଅସନ୍ତୁଳନ ବିଶ୍ୱ ବାଣିଜ୍ୟର ଏକ ସ୍ୱାଭାବିକ ବିଷୟ, ଯାହା ପ୍ରତିଯୋଗିତା ଭାବେ କମ୍ପାନୀଗୁଡ଼ିକୁ ଉତ୍ତମ ଉତ୍ପାଦନ ବୃଦ୍ଧିକରି ଲାଭ କରିବାରେ ସକ୍ଷମ କରାଏ ଏବଂ ଏହାଦ୍ୱାରା ଦେଶଗୁଡ଼ିକ ମଧ୍ୟ ଲାଭବାନ୍ ହୋଇଥାନ୍ତି। ପ୍ରତିଦିନ ବ୍ୟକ୍ତିଙ୍କ ମଧ୍ୟରେ ହେଉଥିବା ଦେଣନେଣ କଥା ଦେଖନ୍ତୁ।



ଆଦାମ୍ ତାଙ୍କ ଘର ନିକଟରେ ଥିବା ଇଭ୍‌ଙ୍କ ଷ୍ଟୋରରୁ ଗ୍ରୋସରି କିଣେ, ଯିଏ କି ଅନ୍ୟ ଷ୍ଟୋର ଓ ଅନ୍‌ଲାଇନ ପ୍ଲାଟ୍‌ଫର୍ମଗୁଡ଼ିକରୁ ଜିନିଷ କିଣିବାରେ ଟଙ୍କା ଖର୍ଚ୍ଚକରେ। ଦିନେ ଆଦାମ୍ ରାଗିଯାଇ ଇଭ୍‌ଙ୍କ ଷ୍ଟୋରରେ ଜବରଦସ୍ତ ପଶିଯାଇ କହିଲା, ମୁଁ ତୁମଠାରୁ ସବୁ କିଣିଆସୁଛି, କିନ୍ତୁ ତୁମେ ମୋଠାରୁ କିଛି ବି କିଣୁନାହଁ। ତା'ପରେ ସେମାନଙ୍କ ବାଣିଜ୍ୟିକ ସମ୍ପର୍କରେ ସନ୍ତୁଳନ ରଖିବାକୁ ସେ ଦାବିକଲେ। ଯଦି ସମସ୍ତେ ସମାନ ପ୍ରକାର କରିବାକୁ ବାଧ୍ୟ କରନ୍ତି, ତେବେ ବାଣିଜ୍ୟ ଧୀରେ ଧୀରେ ମାନ୍ଦା ହୋଇଯିବ ଓ ଗତିଶୀଳତା ହରାଇବ। ଏହା ସହ ଏଭଳି ନୀତି ସମାଜକୁ ପଛକୁ ନେଇଯିବ, ଯେଉଁଠି ଟଙ୍କା ବଦଳରେ କେବଳ ଜିନିଷ ବିନିମୟ ପଦ୍ଧତି ଉପରେ ନିର୍ଭର କରିବ।

ସବୁ ଦେଶ ସହ ବାଣିଜ୍ୟରେ ସନ୍ତୁଳନ (କୌଣସି ଦେଶର ଆମଦାନୀ ଓ ରପ୍ତାନି ମୂଲ୍ୟ ସମାନ ରହେ) ପାଇଁ ଯଦିଓ ସଂଘର୍ଷ କରିବା ଆବଶ୍ୟକ ନୁହେଁ, ତଥାପି ଆମେରିକାର ମୋଟ ବାଣିଜ୍ୟ ନିଅଣ୍ଟକୁ ନେଇ ଚିନ୍ତିତ ହେବା ଉଚିତ ମନେହୁଏ। ଚଳିତ ବର୍ଷ ପ୍ରାରମ୍ଭରେ ଏହି ନିଅଣ୍ଟ ସବୁଠୁ ଅଧିକ ୧୩୧.୪ ବିଲିୟନ ଡଲାରରେ ପହଞ୍ଚିଥିଲା। ଏଥିରୁ ବୁଝାପଡୁଛି , ଅନ୍ୟ ଦେଶଗୁଡ଼ିକ ଆମେରିକାକୁ ସେମାନଙ୍କ ସାମଗ୍ରୀ ବିକ୍ରିକରି ଅର୍ଜିତ ଡଲାରକୁ ପାଖରେ ରଖୁଛନ୍ତି ଓ ତାହାକୁ ଭବିଷ୍ୟତରେ ବ୍ୟବହାର କରିବା ଲାଗି ଯୋଜନା କରୁଛନ୍ତି। କିନ୍ତୁ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, ଏହି ମୁଦ୍ରାର ମୂଲ୍ୟ ଉପରେ ବିଶ୍ୱ ବିଶ୍ୱାସ ରଖେ ଓ ନିର୍ଭରକରେ। ଆମେରିକୀୟ ଡଲାର ବିଶ୍ୱ ସ୍ତରରେ ରିଜର୍ଭ କରେନ୍ସି ବା ମୁଦ୍ରା ଭାବେ ବ୍ୟବହାର ହୁଏ। ତେବେ ଟ୍ରମ୍ପଙ୍କ ଟାରିଫ୍ ଧମକ ବିଶ୍ୱସ୍ତରରେ ଡଲାରକୁ ଦୁର୍ବଳ କରିଦେବ। ଟ୍ରମ୍ପଙ୍କ ଅଧିକ ଟାରିଫ୍‌କୁ ଲକ୍ଷ୍ୟକରି କେତେକ ଦେଶ ଆମେରିକା ସାମଗ୍ରୀ ଉପରେ ମଧ୍ୟ ଟାରିଫ୍ ଲଗାଇଛନ୍ତି। ଏହା ଜବାବରେ ଟ୍ରମ୍ପ ଲଗାତର ଭାବେ ରେସିପ୍ରୋକାଲ ଟାରିଫ୍ ଲଗାଇବାକୁ ଧମକ ଦେଉଛନ୍ତି। ଏହି ପଦକ୍ଷେପ ଟ୍ରମ୍ପଙ୍କୁ ଏବଂ ତାଙ୍କ ସହ ଏହି ଅଭିଯାନରେ ସାମିଲ ବ୍ୟକ୍ତିଙ୍କୁ ସନ୍ତୁଷ୍ଟ କରିପାରେ, କିନ୍ତୁ ଏହାର ପ୍ରଭାବ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବାଣିଜ୍ୟ ମୁଖ୍ୟତଃ ତୁଳନାତ୍ମକ ଲାଭ ଦ୍ୱାରା ପରିଚାଳିତ ହୋଇଥାଏ। ଅର୍ଥାତ୍, ଏକ ବାଣିଜ୍ୟିକ ଭାଗୀଦାରିକୁ ଗୋଟିଏ ଦେଶ ସାମଗ୍ରୀ ରପ୍ତାନି କରିବା ଏବଂ ସେହି ଅଂଶୀଦାରଠାରୁ ଆମଦାନୀ କରିବା ସମ୍ପୂର୍ଣ୍ଣ ଭାବେ ଭିନ୍ନ। ଉଦାହରଣ ସ୍ୱରୂପ, ଗୋଟିଏ ଦେଶ ଫାର୍ମାସ୍ୟୁଟିକଲ୍ସ ରପ୍ତାନି କରୁଥିବାବେଳେ ଏରୋପ୍ଲେନ୍ ଆମଦାନୀ କରିପାରେ। ଏଣୁ ଏକ ନିର୍ଦ୍ଦିଷ୍ଟ ସାମଗ୍ରୀକୁ ନେଇ ଅନ୍ୟ ଦେଶର ଆମଦାନୀ ଶୁଳ୍କ ସହ ତୁଳନା କରିବା ବ୍ୟର୍ଥ ହେବ। ଆମେରିକା ଯଦି ଏହି ନୀତି ପ୍ରୟୋଗକରେ ତେବେ ବାଣିଜ୍ୟିକ ଗୋଷ୍ଠୀରେ ଥିବା ସମସ୍ତ ଦେଶ ପ୍ରଭାବିତ ହେବେ ବୋଲି ଟ୍ରମ୍ପ ଯାହା କହିଛନ୍ତି ସେଥିରେ ବାସ୍ତବରେ କ'ଣ ଘଟିବ ତାହା ଆମେ ଜାଣୁ। କାନାଡା ଓ ମେକ୍ସିକୋ ଆମେରିକାର ସାମଗ୍ରୀ ଉପରେ ଟାରିଫ୍ ବୃଦ୍ଧି କରିବେ। ଏହାର ପ୍ରତିକାର ପାଇଁ ଆମେରିକା ମଧ୍ୟ ପଦକ୍ଷେପ ନେବ, ଯାହାଦ୍ୱାରା ଏକ ନକାରାତ୍ମକ ପ୍ରକ୍ରିୟା ବା ସମସ୍ୟା ଲାଗିରହିବ। ତେବେ ଏହି ଗତିଶୀଳତା ଆମେରିକା ଓ କାନାଡା ମଧ୍ୟରେ ଆରମ୍ଭ ହୋଇଗଲାଣି। ଫେବୃଆରୀରେ, ଟ୍ରମ୍ପ କାନାଡାର ଷ୍ଟିଲ୍ ଓ ଆଲୁମିନିୟମ ଉପରେ ୨୫% ଟାରିଫ୍ ଘୋଷଣା କରିଥିଲେ। ପ୍ରତିକ୍ରିୟା ସ୍ୱରୂପ, କାନାଡାର ଏକ ରାଜ୍ୟ ଅଣ୍ଟାରିଓ ଆମେରିକାକୁ ହେଉଥିବା ବିଦ୍ୟୁତ୍ ରପ୍ତାନି ଉପରେ ୨୫% ଟ୍ୟାକ୍ସ ଲାଗୁ କରିଦେଲା, ଯାହା ଫଳରେ ଟ୍ରମ୍ପଙ୍କୁ ଜାତୀୟ ଜରୁରୀ ସ୍ଥିତି ଘୋଷଣା କରିବାକୁ ପଡ଼ିଲା ଏବଂ ତାଙ୍କ ଷ୍ଟିଲ୍ ଓ ଆଲୁମିନିୟମ ଟାରିଫ୍‌କୁ ୨ଗଣା ଅର୍ଥାତ୍ ୫୦%କୁ ବୃଦ୍ଧି କରିଦେଲେ। ମାତ୍ର କେଇଘଣ୍ଟା ମଧ୍ୟରେ ଆମେରିକା ଟାରିଫ୍ ବୃଦ୍ଧିକୁ ଫେରାଇନେଇ ବୁଝାମଣା କରିବା ପାଇଁ ରାଜିହେବା ପରେ ଅଣ୍ଟାରିଓ ପ୍ରିମିୟର ଡୋଉଗ୍ ଫର୍ଡ ବର୍ଦ୍ଧିତ ଶୁଳ୍କକୁ ରଦ୍ଦ କରିଥିଲେ।

ଏହିଭଳି ପ୍ରତିରୋଧାତ୍ମକ ପ୍ରକ୍ରିୟା ୟୁରୋପୀୟ ସଂଘ, ଚାଇନା, ବ୍ରାଜିଲ ଏବଂ ଅନେକ ବାଣିଜ୍ୟିକ ଅଂଶୀଦାରଙ୍କ ପକ୍ଷରୁ ସାମ୍ନାକୁ ଆସିବା ସମ୍ଭାବନା ରହିଛି। ଅନେକ ବିକାଶଶୀଳ ଦେଶ ଏହିଭଳି ରଣନୀତିକୁ ସମର୍ଥନକଲେ ଆମଦାନୀ ଉପରେ ଅତ୍ୟଧିକ ନିର୍ଭର କରୁଥିବା ଆମେରିକା ଟାରିଫ୍ ଯୁଦ୍ଧରେ ପରାସ୍ତ ହେବା ସହ ଭୟଙ୍କର ପରିଣାମର ସମ୍ମୁଖୀନ ହେବ। ଟ୍ରମ୍ପଙ୍କ ଅଧିକ ଟାରିଫ୍ ନିଜ ଦେଶରେ ମୁଦ୍ରାସ୍ଫୀତି ଓ ଉତ୍ପାଦନ ମୂଲ୍ୟ ମଧ୍ୟ ବୃଦ୍ଧି କରିବ। ଫଳରେ ଆମେରିକୀୟ ସାମଗ୍ରୀଗୁଡ଼ିକର ଚାହିଦା କମିବ ଏବଂ ୟୁରୋପ ଓ ଚାଇନା ପ୍ରମୁଖ ମାର୍କେଟରୁ ଆମେରିକାକୁ ତଡ଼ିଦେବାରେ ସକ୍ଷମ ହେବେ। ଉଲ୍ଲେଖନୀୟ, ଟ୍ରମ୍ପଙ୍କ ଟାରିଫ୍‌କୁ ନେଇ ଅନ୍ୟ ସବୁ ଦେଶ ମଧ୍ୟରେ ଆର୍ଥିକ ସହଭାଗିତା ମଜଭୁତ କରିବା ସମ୍ପର୍କିତ ଆଲୋଚନା ଜୋର ଧରିଲାଣି। ଉଦାହରଣ ସ୍ୱରୂପ, ଭାରତ ଓ ୟୁରୋପୀୟ ସଂଘ ନୂତନ ବାଣିଜ୍ୟ ବୁଝାମଣା ଚୂଡ଼ାନ୍ତ କରିବା ପାଇଁ ନିକଟତର ହୋଇଛନ୍ତି। ଏହାସହ ମେକ୍ସିକୋ, କାନାଡା ଏବଂ ଚାଇନା ମଧ୍ୟରେ ବାଣିଜ୍ୟ ଓ ବ୍ୟବସାୟ ଦୃଢ଼ କରିବା ପାଇଁ ଆଲୋଚନା ମଧ୍ୟ ଚାଲିଛି। ନିଃସନ୍ଦେହ ଯେ, ଆରମ୍ଭରୁ କିଛିସମୟ ପାଇଁ ଟ୍ରମ୍ପଙ୍କ ବାଣିଜ୍ୟ ନୀତି ବିଶ୍ୱ ଆର୍ଥିକ ସମସ୍ୟାର କାରଣ ପାଲଟିବ। କିନ୍ତୁ ଦୀର୍ଘମିଆଦୀ ଭାବେ ଏହାର କ୍ଷତିକାରକ ପ୍ରଭାବ ଆମେରିକା ଉପରେ ପଡ଼ିପାରେ। ଏହା ନିଶ୍ଚିତ ଯେ, ମେକ୍ ଆମେରିକା ଗ୍ରେଟ୍ ଏଗେନ୍ (ଏମ୍‌ଏଜିଏ) ଏଜେଣ୍ଡାକୁ ଉତ୍ସାହିତ କରିବାକୁ ଚେଷ୍ଟାକରି ଟ୍ରମ୍ପ ବୈଶ୍ୱିକ ପରିବର୍ତ୍ତନର ନେତୃତ୍ୱକୁ ଶେଷ କରିଦେଇପାରନ୍ତି ।

**ପୂର୍ବତନ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ**

# ପାକିସ୍ତାନରେ ଆତଙ୍କବାଦ



ସୌଭାଗ୍ୟ ରଞ୍ଜନ ମହାନ୍ତି

ଏହା ନିଃସନ୍ଦେହ ଯେ, ଆତଙ୍କବାଦ ସମଗ୍ର ବିଶ୍ୱପାଇଁ ବିପଦ ସୃଷ୍ଟି କରିଛି। ବିଶ୍ୱରେ ଊଣା ଅଧିକେ ପ୍ରାୟ ସମସ୍ତ ଦେଶ ଏହାର ଶିକାର ହେଉଛନ୍ତି। ନିକଟରେ ଗ୍ଲୋବାଲ ଟେରରିଜମ୍ ଇଣ୍ଡେକ୍ସ ୨୦୨୫ ରିପୋର୍ଟରେ ପ୍ରକାଶ ପାଇଛି। ଏଥିରେ ବିଶ୍ୱର ୯୯.୭ ପ୍ରତିଶତ ଲୋକସଂଖ୍ୟା ଥିବା ୧୬୩ଟି ରାଷ୍ଟ୍ରକୁ ନେଇ ସର୍ଭେ କରାଯାଇଥିଲା। ରିପୋର୍ଟରେ ବୁର୍କିନା ଫାସୋ ଆତଙ୍କବାଦ ପ୍ରଭାବିତ ଦେଶ ତାଲିକାରେ ପ୍ରଥମ ସ୍ଥାନରେ ଥିବାବେଳେ ପାକିସ୍ତାନ ଦ୍ୱିତୀୟ, ସିରିଆ ତୃତୀୟ ମାଲି ଚତୁର୍ଥ, ନିଗେର ପଞ୍ଚମ, ନାଇଜେରିଆ ଷଷ୍ଠ ସ୍ଥାନରେ ଏବଂ ଭାରତ ଚତୁର୍ଦ୍ଦଶ ସ୍ଥାନରେ ରହିଛି। ସେହିପରି ଭାରତର ଅନ୍ୟତମ ପଡ଼ୋଶୀ ରାଷ୍ଟ୍ର ଆଫଗାନିସ୍ତାନ ନବମ ସ୍ଥାନରେ ଅଛି। କହିବା ବାହୁଲ୍ୟ ଯେ, ଭାରତର ପଡ଼ୋଶୀ ପାକିସ୍ତାନ ୨୦୨୪ ରିପୋର୍ଟରେ ତାଲିକାର ଚତୁର୍ଥ ସ୍ଥାନରେ ଥିବାବେଳେ ଚଳିତଥର ଆଉ ଦୁଇଟି ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ରହିଛି। ଏହା ପାକିସ୍ତାନରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ସ୍ପଷ୍ଟ ସଙ୍କେତ ପ୍ରଦାନ କରେ। ପାକିସ୍ତାନର ତେହେରିକ-ଇ-ତାଲିବାନ୍ ପାକିସ୍ତାନ (ଟିଟିପି), ବେଲୁଚି ଲିବରେଶନ ଆର୍ମି (ବିଏଲ୍‌ଏ), ଲସ୍କର-ଇ-ତୋଇବା (ଏଲ୍‌ଇଟି) ସମେତ ବହୁ ଆତଙ୍କବାଦୀ ଗୋଷ୍ଠୀ ସକ୍ରିୟ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୩ରେ ପାକିସ୍ତାନରେ ଯେତିକି ଆତଙ୍କବାଦୀ ଆକ୍ରମଣ ଘଟଣା ଘଟିଥିଲା, ୨୦୨୪ରେ ତାହାଠାରୁ ଅଧିକ ୪୫ପ୍ରତିଶତ ଘଟଣା ବୃଦ୍ଧି ପାଇଥିବା ରିପୋର୍ଟରେ କୁହାଯାଇଛି। ୨୦୨୩ରେ ୫୧୭ଟି ଆତଙ୍କବାଦୀ ଆକ୍ରମଣ ହୋଇଥିବାବେଳେ ଏହି ସଂଖ୍ୟା ୧୦୯୯କୁ ବୃଦ୍ଧି ପାଇଥିଲା। ପାକିସ୍ତାନରେ ବିଭିନ୍ନ ଆତଙ୍କବାଦୀ ସଂଗଠନ ସକ୍ରିୟ ଥିବାବେଳେ ଟିଟିପି ସବୁଠାରୁ ଅଧିକ ଘାତକ ସଂଗଠନ ଭାବେ ଉଭାହୋଇଛି। ୨୦୨୪ରେ ପାକିସ୍ତାନରେ ଆତଙ୍କବାଦୀ ଆକ୍ରମଣରେ ଯେତେ ସଂଖ୍ୟକ ବ୍ୟକ୍ତି ପ୍ରାଣ ହରାଇଥିଲେ ସେଥିମଧ୍ୟରୁ ୫୨ପ୍ରତିଶତ ମୃତ୍ୟୁ ଟିଟିପି ଦ୍ୱାରା ହୋଇଥିଲା।

ଏଇ ନିକଟରେ ପାକିସ୍ତାନର ବେଲୁଚିସ୍ଥାନରେ ବିଏଲ୍‌ଏ ଆତଙ୍କବାଦୀ ସଂଗଠନ ଦ୍ୱାରା ଏକ ଯାତ୍ରୀବାହୀ ଟ୍ରେନ୍‌କୁ ଅପହରଣ କରି ଯାତ୍ରୀମାନଙ୍କୁ ପଣବନ୍ଦୀ ରଖିବା ଘଟଣା ସମଗ୍ର ବିଶ୍ୱରେ ଚହଳ ସୃଷ୍ଟି କରିଥିଲା। ଏଥିରେ ୩୦ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିବା ସହ ଅନେକ ସେନା କର୍ମଚାରୀ ଓ ପଣବନ୍ଦୀଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ସେହିପରି ୨୦୨୩ରେ ବିଶ୍ୱରେ ଯେତିକି ଲୋକଙ୍କ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁ ଘଟିଥିଲା, ୨୦୨୪ରେ ତା'ଠାରୁ ଅଧିକ ୧୧ପ୍ରତିଶତ ମୃତ୍ୟୁ ଘଟିଥିଲା। ତେବେ ପାକିସ୍ତାନଠାରୁ ଅଧିକ ସଂଖ୍ୟକ ଆତଙ୍କବାଦୀ ଆକ୍ରମଣ ଘଟଣା ବୁର୍କିନା ଫାସୋରେ ଘଟିଛି। ଯେଉଁଠାରେ ଇସ୍‌ଲାମିକ୍ ଷ୍ଟେଟ ମୃତ୍ୟୁ ଏବଂ ଆତଙ୍କର ତାଣ୍ଡବ ରଚିଛି। ଏହା ନିଃସନ୍ଦେହ ଯେ, ଇସ୍‌ଲାମିକ୍ ଷ୍ଟେଟ(ଆଇଏସ୍) ବିଶ୍ୱର ସବୁଠାରୁ ବିପଜ୍ଜନକ ଆତଙ୍କବାଦୀ ସଂଗଠନ ବୋଲି ରିପୋର୍ଟରେ ଦର୍ଶାଯାଇଛି। ରିପୋର୍ଟରେ ଆତଙ୍କବାଦ ଘଟଣା, ମୃତ୍ୟୁ, ଆହତଙ୍କ ସଂଖ୍ୟା ଏବଂ ପଣବନ୍ଦୀ ଆଦି ଚାରୋଟି ସୂଚନାକୁ ନେଇ ଗ୍ଲୋବାଲ ଟେରରିଜମ୍ ଇଣ୍ଡେକ୍ସ (ଜିଟିଆଇ) ପ୍ରସ୍ତୁତ କରାଯାଇଛି। ଏଥିରେ ଆତଙ୍କବାଦ ଏବେ କେବଳ ଗୋଟିଏ ଦୁଇଟି ଦେଶ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଗୁରୁଧମକ ସୃଷ୍ଟି କରିଛି ବୋଲି କୁହାଯାଇଛି।

ଆମ ଦେଶରେ ଆତଙ୍କବାଦ ଆଶାତୀତ ଭାବେ ହ୍ରାସ ପାଇଛି। ଏହା ସତ୍ୟ ଯେ, ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ହ୍ରାସ ପାଇଛି। ଏହା ସତ୍ୟ ଯେ, ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ନବେ ଦଶକରୁ ଭାରତରେ ଧ୍ୱଂସ ଓ ମୃତ୍ୟୁର ତାଣ୍ଡବ ସୃଷ୍ଟି କରିଥିଲା। ପାକିସ୍ତାନ ଭାରତ ବିରୋଧରେ ଆତଙ୍କବାଦ ଜରିଆରେ ଛାୟାଯୁଦ୍ଧ ଚଳାଇଥିଲା। ମାତ୍ର ପରିସ୍ଥିତି ଏବେ ବଦଳି ଯାଇଛି। ଭାରତର କଠୋର କାର୍ଯ୍ୟାନୁଷ୍ଠାନ ବିଶେଷ କରି ପାକସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ସେନାର ସର୍ଜିକାଲ ଷ୍ଟ୍ରାଇକ ପରେ ଦେଶରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ହ୍ରାସ ପାଇଛି। କିନ୍ତୁ ସମ୍ପୂର୍ଣ୍ଣ ଭାବେ ଥମି ନାହିଁ। ପାକିସ୍ତାନରେ ଏବେ ଯେଭଳି ଆତଙ୍କବାଦୀଙ୍କ ହିଂସାକାଣ୍ଡ ଘଟୁଛି, ତାହା ତୁଳନାରେ ଭାରତରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ କିଛି ନୁହେଁ ବୋଲି କହିଲେ ଅତିରଞ୍ଜିତ ହୋଇ ନ ପାରେ। ତେବେ ଏତିକି କୁହାଯାଇପାରେ ଯିଏ ଅନ୍ୟପାଇଁ ଗାତ ଖୋଳେ ସିଏ ହିଁ ସେହି ଗାତରେ ପଡ଼େ।

**ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼,**
**ମୋ:୭୯୭୮୬୬୬୪୦୩**

## ଏଇ ଭାରତରେ

ଘରଚଟିଆ ବଂଶ ରକ୍ଷା ପାଇଁ ପ୍ରତିବର୍ଷ ଘରଚଟିଆ ଦିବସ ପାଳନ କରାଯାଉଛି। କିନ୍ତୁ ଏହାର ସଂରକ୍ଷଣ ପାଇଁ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ହେଲେ ଏକ୍ଷେତ୍ରରେ ରାକେଶ କ୍ଷତ୍ରୀଙ୍କ ବ୍ୟକ୍ତିଗତ ଉଦ୍ୟମ ପ୍ରଶଂସନୀୟ। ସେ ଘରଚଟିଆ ରହିବା ପାଇଁ ବସା ତିଆରି କରି ଭାରତର ବିଭିନ୍ନ ସହରରେ ଲଗାଉଛନ୍ତି ଓ ଲୋକଙ୍କୁ ବାଣ୍ଟୁଛନ୍ତି। ଏହି କାର୍ଯ୍ୟ ସେ ଦୀର୍ଘ ୧୪ ବର୍ଷ ହେଲା କରିଆସୁଛନ୍ତି। ଏବେ ସୁଦ୍ଧା ସେ ୭ ଲକ୍ଷରୁ ଊର୍ଦ୍ଧ୍ୱ ବସା ତିଆରି କରି ସାରିଲେଣି ଓ ଏଥିପାଇଁ ତାଙ୍କୁ ଭାରତର ନେଷ୍ଟ ମ୍ୟାନ ବା ବସା ମଣିଷ ବୋଲି ସମ୍ବୋଧନ କରାଯାଉଛି। ବାଙ୍ଗୋଲୋର, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ, କଲିକତା ଏବଂ ମୁମ୍ବାଇ ଭଳି ସହରରେ ଘରଚଟିଅ ସଂଖ୍ୟା କମିବାରେ ଲାଗିଛି ଏବଂ ରାକେଶଙ୍କ ଏହି ଚେଷ୍ଟା ଯୋଗୁ ପୁନର୍ବାର ସେହିସବୁ ସ୍ଥାନର ଘରଚଟିଆ ବଂଶ ବୃଦ୍ଧ ହେବା ଲକ୍ଷ୍ୟ କରାଯାଉଛି। ଷଢ଼େଇ, ଝୋଟ, ସୂତା ଓ ପାଣିରେ ବଢୁଥିବା ଦଳ ଚେର ବ୍ୟବହାର କରି ସେ ଏହି ବସା ତିଆରି କରୁଛନ୍ତି। ସ୍କୁଲଗୁଡ଼ିକରେ କର୍ମଶାଳ ଆୟୋଜନ କରି ପକ୍ଷୀଙ୍କ ବସା ତିଆରି କରିବାର କୌଶଳ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ବସା ତିଆରିରେ ସେ ଅନେକ ଲୋକଙ୍କୁ ମଧ୍ୟ ନିଯୁକ୍ତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

୨୧ ମାର୍ଚ୍ଚ ୧୯୭୬

- ଅରୁଣାଚଳ ପ୍ରଦେଶ ତିରାପ ଜିଲାର ନଂ ୩ ଖରଚାଙ୍ଗ ତୈଳ କୂପରୁ ୩୧ ଶହ ଫୁଟ ଗଭୀର ତୈଳ ନିଷ୍କାସିତ ହୋଇଛି।
- ବେଆଇନ ଭାବେ ପ୍ରବେଶ କରିଥିବା ୪୩ ଜଣ ଆଫଗାନ ପାକିସ୍ତାନରୁ ବହିଷ୍କୃତ ହୋଇଥିବା ପାକିସ୍ତାନ ସମ୍ବାଦ ସରବରାହ ସଂସ୍ଥା ପକ୍ଷରୁ ପ୍ରକାଶ।
- ଆମେରିକା ରାଷ୍ଟ୍ରପତି ଫୋର୍ଡ ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ ଥୋମାସ ଗେଟମ୍ସଙ୍କୁ ପୋକିଂରେ ଥିବା ଆମେରିକାର ଯୋଗସୂତ୍ର ଅଫିସ ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | 3 | 4 | | |
| 7 | | | | | | | 3 | 6 |
| | 4 | | 1 | | | | | 9 |
| | 6 | 5 | | 2 | 4 | | | |
| 4 | 8 | | | | | | | 5 |
| | | 9 | | | 5 | | 8 | |
| 8 | | | | 6 | | 5 | | |
| | | | | | | | | |
| 6 | 1 | 7 | 4 | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 3 | 1 | 4 | 2 | 7 | 9 | 6 |
| 4 | 6 | 1 | 5 | 9 | 7 | 3 | 2 | 8 |
| 2 | 9 | 7 | 3 | 6 | 8 | 5 | 1 | 4 |
| 3 | 1 | 6 | 4 | 8 | 5 | 9 | 7 | 2 |
| 9 | 7 | 5 | 6 | 2 | 3 | 4 | 8 | 1 |
| 8 | 4 | 2 | 9 | 7 | 1 | 6 | 3 | 5 |
| 6 | 3 | 8 | 7 | 1 | 4 | 2 | 5 | 9 |
| 1 | 5 | 4 | 2 | 3 | 9 | 8 | 6 | 7 |
| 7 | 2 | 9 | 8 | 5 | 6 | 1 | 4 | 3 |

ଗତକାଲିର ଉତ୍ତର

# ଭଲ ଖାଇବା, ଭଲ ଖୁଆଇବା



ବିଚିତ୍ର ବିଶ୍ୱାଳ

'ଭଲ ଖାଇବା ଓ ଭଲ ଖୁଆଇବା' ହିଁ ଗୋଟେ ସମ୍ବେଦନଶୀଳ, ଦାୟିତ୍ୱବାନ ସମାଜର ମୂଳ ଭିତ୍ତି। ବ୍ୟକ୍ତି, ଗୋଷ୍ଠୀ, ସମାଜ ଓ ପରିବେଶର ଦୀର୍ଘସ୍ଥାୟୀ ମଙ୍ଗଳକୁ ନିଶ୍ଚିତ କରିବାକୁ ହେଲେ ଭଲ ଖାଇବା ଓ ଭଲ ଖୁଆଇବା ବିଚାରକୁ ବ୍ୟାପକ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ସର୍ବପ୍ରଥମ ଦାୟିତ୍ୱ ଆସୁଛି ଉତ୍ପାଦକ ଗୋଷ୍ଠୀ ତଥା ଚାଷୀମାନଙ୍କର ଏବଂ ପରେ ପରେ ଖାଉଟିଙ୍କର। ଉଭୟ ସଚେତନ ହୋଇ ସେହି ଦିଗରେ କାର୍ଯ୍ୟ କଲେ ଭଲ ଖାଇବା ଓ ଭଲ ଖୁଆଇବା ନିଶ୍ଚିତ କରିବା ପାଇଁ ବିଳମ୍ବ ହେବ ନାହିଁ। ସୁସ୍ଥ ଜୀବନଯାପନ ପାଇଁ ଭଲ ଖାଦ୍ୟଠାରୁ ଗୁରୁତ୍ୱପୂର୍ଣ୍ଣ ଆଉ କିଛି ନାହିଁ। ତେଣୁ ଆଜିକାଲି ଖାଦ୍ୟକୁ ଔଷଧ ଭାବେ ପରିଗଣନା କରାଯାଉଛି।

ଏକ ଉନ୍ନତ ତଥା ବିକଶିତ ସମାଜ ଗଢ଼ିବା ପାଇଁ ସ୍ୱାସ୍ଥ୍ୟ ଓ ପୁଷ୍ଟି ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜିକାଲି ବିଶ୍ୱ ସ୍ତରରେ ବିକାଶର ପରିମାପକ ଭାବେ ବସ୍ତୁଗତ ବିକାଶ ଅପେକ୍ଷା ସ୍ୱାସ୍ଥ୍ୟ ଓ ପୁଷ୍ଟିର ସ୍ଥିତିକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏପରି କି କେବଳ ଖାଦ୍ୟର ଉପଲବ୍ଧତା ଯେ ଖାଦ୍ୟ ସୁରକ୍ଷା ପାଇଁ ଯଥେଷ୍ଟ ନୁହେଁ, ତାହା ଅନ୍ତର୍ଜାତୀୟ ସ୍ତରୀୟ ଅନେକ ସର୍ବେକ୍ଷଣରେ ଭାରତ ପଛରେ ପଡ଼ିବା ଘଟଣାରୁ ସ୍ପଷ୍ଟ ହେଉଛି। ବିଶ୍ୱ ଖାଦ୍ୟ ସୂଚକାଙ୍କରେ ଭାରତ ପଛରେ ପଡ଼ିବା ଏକ ମୁଖ୍ୟ କାରଣ ହେଉଛି ଆମ ଜନସଂଖ୍ୟା ଏବଂ ଶିଶୁମାନଙ୍କ ମଧ୍ୟରେ ଥିବା ଅପପୁଷ୍ଟିର ପରିସ୍ଥିତି। ଏହି ଅପପୁଷ୍ଟି ପରିସ୍ଥିତିରୁ ମୁକ୍ତି ପାଇବା ପାଇଁ ଆମକୁ ଆମ ଖାଦ୍ୟର ଗୁଣବତ୍ତା ଉପରେ ଯଥେଷ୍ଟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

ଆମ ଶାରୀରିକ ଓ ମାନସିକ ସୁସ୍ଥତା ସର୍ବାଧିକ, ଯାହା ଉପରେ ନିର୍ଭରଶୀଳ, ତାହା ହେଉଛି 'ନିରାପଦ ଖାଦ୍ୟ'। ଖାଦ୍ୟର ଭୂମିକା କେବଳ ପେଟ ଭରିବାରେ ସୀମିତ ନୁହେଁ। ଭଲ ତଥା ନିରାପଦ ଖାଦ୍ୟ ଆମକୁ ରୋଗରୁ ଦୂରେଇ ରଖିବା ସହିତ, ସ୍ୱାସ୍ଥ୍ୟ ଓ ପୁଷ୍ଟି ସୁରକ୍ଷା ଏବଂ ମାନସିକ ଭାବେ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ତେଣୁ ନିରାପଦ ଖାଦ୍ୟ ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ। ନିରାପଦ ଖାଦ୍ୟ ମଣିଷ ତଥା ଜୀବଜନ୍ତୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏହା ପରିବେଶ ତଥା ପ୍ରକୃତି ଲାଗି ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଥାଏ।

ଭଲ ଖାଇବା ଓ ଭଲ ଖୁଆଇବା ଚିନ୍ତାଧାରାକୁ ବ୍ୟାପକ ଭାବେ କାର୍ଯ୍ୟରେ ପରିଣତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ଉତ୍ପାଦକ ସମୂହ ତଥା ଚାଷୀମାନଙ୍କୁ ଦେଶୀ ବିହନରେ ଚାଷ କରିବା ସହିତ ଚାଷରେ ରାସାୟନିକ ସାର ଓ ବିଷର ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବାକୁ ହେବ। ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଜୈବ ପଦାର୍ଥ ସବୁକୁ ବିନିଯୋଗ କରି ଜୈବିକ ଖତ ସାର ପ୍ରସ୍ତୁତ କରି ଚାଷରେ ବ୍ୟବହାର କରିବା ଦ୍ୱାରା ଭଲ ଅମଳ ହେବା ସହିତ ମାଟି ଓ ପରିବେଶର ସୁରକ୍ଷା ହୋଇଥାଏ। ରାସାୟନିକ ସାର ଓ ବିଷ ଦ୍ୱାରା ଫସଲ ପ୍ରତ୍ୟକ୍ଷ ଭାବେ ବିଷାକ୍ତ ହେବା ସହିତ ଏହି



ସବୁ ବିଷ ମାଟିରେ ବର୍ଷ ବର୍ଷ ଧରି ରହୁଥିବାରୁ ଫସଲକୁ ସେହି ବିଷ ଯାଇଥାଏ। ଏତେ ପରିଶ୍ରମ କରି ଚାଷ କରି ଟଙ୍କା ଖର୍ଚ୍ଚ କରି ବିଷ ଖାଇବାରେ ଓ ଅନ୍ୟମାନଙ୍କୁ ଖୁଆଇବାରେ କି ଲାଭ! ଜମିରେ ଏକକ ଫସଲ ନ କରି ମିଶ୍ରିତ ଚାଷ ଓ ବଦଳ ଫସଲ କରିବା ଦ୍ୱାରା ମୃତ୍ତିକାର ଉର୍ବରତା ରକ୍ଷା ହୋଇଥାଏ। ଫସଲରେ ବ୍ୟବହାର କରାଯାଉଥିବା କୀଟନାଶକ ଓ ତୃଣନାଶକର ପ୍ରଭାବରେ ଖାଦ୍ୟ ବିଷାକ୍ତ ହୋଇଯାଏ। ଏହା ମାଟି ଓ ପବନରେ ମଧ୍ୟ ବିଷ ଭରିଦେଇଥାଏ। ତେଣୁ ନିରାପଦ ଖାଦ୍ୟ ପାଇବା ପାଇଁ ଫସଲରେ ଜୈବିକ ଉପାୟରେ ରୋଗପୋକ ପରିଚାଳନା ଉପରେ ଗୁରୁତ୍ୱ ଦେବାକୁ ହେବ। ଏଥିପାଇଁ ଆମ ଚାଷୀମାନଙ୍କ ପାଖରେ ପାରମ୍ପରିକ ଭାବେ ଅନେକ ଉପାୟ ରହିଛି। ସେସବୁକୁ ପୁନର୍ବାର ଫେରେଇ ଆଣିବାକୁ ହେବ। ହାଇବ୍ରିଡ୍ ଓ ହାଇ-ୟିଲ ବିହନ ଅଧିକ ପରିମାଣରେ ରାସାୟନିକ ସାର ଓ ବିଷ ଦାବି କରିଥାଏ, ଯାହା ମାଟିର ଉର୍ବରତାକୁ ହ୍ରାସ କରିବା ସହିତ ଖାଦ୍ୟକୁ ବିଷାକ୍ତ କରିଥାଏ। ତେଣୁ ନିରାପଦ ଖାଦ୍ୟର ଉପଲବ୍ଧତାକୁ ନିଶ୍ଚିତ କରିବା ପାଇଁ ଆମକୁ ଦେଶୀ ବିହନ ପାଖକୁ ଫେରିବାକୁ ପଡ଼ିବ। ଏହା ଦ୍ୱାରା ଚାଷୀମାନଙ୍କର ବଜାର ନିର୍ଭରଶୀଳତା କମ୍ ହେବା ସହିତ ଚାଷରେ ଖର୍ଚ୍ଚ ମଧ୍ୟ କମିବ। ଦେଶୀ ବିହନରୁ ଜୈବିକ ଉପାୟରେ ଉତ୍ପାଦିତ ହେଉଥିବା ଫସଲରେ ପୋଷକ ତତ୍ତ୍ୱ ଅଧିକ ଥାଏ ଏବଂ ଏହା ଅଧିକ ସ୍ୱାଦଯୁକ୍ତ ମଧ୍ୟ ହୋଇଥାଏ। ସେଥିପାଇଁ ଆମକୁ ବିହନ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବା ସହିତ ପାରମ୍ପରିକ ଭାବେ ବିହନ ଅଦଳବଦଳ ବ୍ୟବସ୍ଥାକୁ ପୁନର୍ବାର ଆରମ୍ଭ କରିବାକୁ ହେବ। ଜୈବିକ ଉପାୟରେ ନିରାପଦ ଖାଦ୍ୟ ଉତ୍ପାଦନକୁ ନିଶ୍ଚିତ କରିବା ପାଇଁ ଗୃହପାଳିତ ପଶୁ ସମ୍ପଦ ଯଥା ଗାଈ, ଛେଳି, ମେଣ୍ଢା ଆଦି ଘରେ ରଖିବାର ଅଭ୍ୟାସ ଆରମ୍ଭ କରିବା ଦରକାର।

ଭଲ ଖାଇବା ଓ ଭଲ ଖୁଆଇବା ବିଚାରକୁ ବ୍ୟାପକ କରିବା ନିମନ୍ତେ ଖାଉଟିମାନଙ୍କୁ ସ୍ଥାନୀୟ ଅଞ୍ଚଳରେ ଓ ଜୈବିକ ଉପାୟରେ ଉତ୍ପାଦିତ ହୋଇଥିବା ଖାଦ୍ୟକୁ ଅଧିକ ମହତ୍ତ୍ୱ ଦେବାର ଆବଶ୍ୟକତା ରହିଛି । ସଂପ୍ରତି ଫାଷ୍ଟଫୁଡ୍ ତଥା ପ୍ୟାକେଟ ଖାଦ୍ୟର ସଂସ୍କୃତି ଦ୍ରୁତଗତିରେ ବୃଦ୍ଧି ପାଉଛି। ଏହାଦ୍ୱାରା ଖାଦ୍ୟ ନାମରେ ଆମେ ସ୍ୱାସ୍ଥ୍ୟ ଅନୁପଯୋଗୀ ଜିନିଷ ଖାଇବା ସହିତ ଆମ ଉତ୍ପାଦକ ସମୂହ ତଥା ଚାଷୀମାନଙ୍କୁ ମଧ୍ୟ ନିରୁତ୍ସାହିତ କରୁଛନ୍ତି। ଏହା ଯଦି ଜାରି ରହେ, ତେବେ ଚାଷୀମାନେ ଚାଷରୁ ମୁହଁ ଫେରାଇବାକୁ ବାଧ୍ୟ ହେବେ ଓ ଆସନ୍ତା କିଛିଦିନ ମଧ୍ୟରେ ଆମେ ଖାଦ୍ୟ ପାଇଁ ବଜାର ଉପରେ ନିର୍ଭରଶୀଳ ହୋଇଯିବା। ଏହା ଟଙ୍କା ଦେଇ ବିଷ କିଣି ଖାଇବା ପରି ହେବ । ତେଣୁ କେବଳ ଚାଷୀମାନେ ନୁହନ୍ତି ଭଲ ଖାଇବା ଓ ଭଲ ଖୁଆଇବା ପାଇଁ ଖାଉଟିମାନଙ୍କର ମଧ୍ୟ ଗୁରୁ ଦାୟିତ୍ୱ ରହିଛି । ଖାଉଟିମାନେ ବୁଝିବା ଦରକାର ଯେ, ସେମାନେ ଖାଉଛନ୍ତି ସ୍ୱାସ୍ଥ୍ୟ ଓ ପୁଷ୍ଟି ରକ୍ଷା ପାଇଁ। ତେଣୁ ବଜାରରେ ନିଜର ଖାଦ୍ୟ ଚୟନ କଲାବେଳେ ଖାଉଟିମାନେ ଯଦି ଭଲ ଖାଇବା ତଥା ସୁଖାଦ୍ୟ ଉପରେ ଗୁରୁତ୍ୱ ଦେବେ ତେବେ ଚାଷୀମାନେ ନିଶ୍ଚିତ ଭାବେ ନିରାପଦ ଖାଦ୍ୟ ଉତ୍ପାଦନ ପାଇଁ ତାଙ୍କ ଦେହରୁ ଝାଳ ବୁହାଇବେ। ଆଜି ସମୟ ଆସିଛି, ଭଲ ଖାଇବା ଓ ଭଲ ଖୁଆଇବା ସମସ୍ତଙ୍କ ପାଇଁ ଏକ ମନ୍ତ୍ର ଭଳି ହେବା ଉଚିତ। ଏଥିପାଇଁ ଚାଷୀମାନଙ୍କୁ ଉତ୍ସାହିତ କରିବା ସହିତ ଆମକୁ ଖାଦ୍ୟ ଚୟନର ଅଭ୍ୟାସ ବଦଳେଇବାକୁ ପଡ଼ିବ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍‌ର ଅପବ୍ୟବହାର

ମହାଶୟ,

ଏବେ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ୬ଟା ୧୫ ମିନିଟ୍ ବେଳକୁ ସନ୍ଧ୍ୟା ଆସନ୍ନ । କିନ୍ତୁ ଆମ ବିଦ୍ୟୁତ୍ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ପାଞ୍ଚଟା ପଇଁଚାଳିଶ ବେଳକୁ ରାସ୍ତା ଆଲୁଅ ଜଳାଇ ଦେଉଛନ୍ତି। ଏହି ଯେଉଁ ଅଧିକ ଅଧ ଘଣ୍ଟାକ ପୂର୍ବରୁ ସେମାନେ ସାରା ରାଜ୍ୟର ଅଧିକାଂଶ ଅଞ୍ଚଳରେ ଆଲୁଅ ଜଳାଉଛନ୍ତି, ଯଦି ଗୋଟିଏ ମାସର ସେତିକି ଅଧିକ ବିଦ୍ୟୁତ୍ ଖର୍ଚ୍ଚ ହିସାବକୁ ନେବା ତାହା ହୁଏତ ଚାଳିଶ ପଚାଶ କୋଟି ଟଙ୍କାରୁ ବେଶି ହେବ, ଯାହା କି ଆମ ସମ୍ବଳର ଅନୁଚିତ ଅର୍ଥ ବ୍ୟୟ। ତେଣୁ ମୋର ସେହି ବିଦ୍ୟୁତ୍ ପରିଚାଳନା ସଂସ୍ଥାଗୁଡ଼ିକୁ ଅନୁରୋଧ ଏ ସବୁ ବାଜେ ଖର୍ଚ୍ଚରୁ ନିଜକୁ ତଥା ଜନସାଧାରଣଙ୍କୁ ବଞ୍ଚିତ କରି ସନ୍ଧ୍ୟା ୬ଟା ୩୦ ମିନିଟ ବେଳକୁ ରାସ୍ତା ଆଲୁଅ ଜଳାନ୍ତୁ ଆଉ ଅଯଥା ଖର୍ଚ୍ଚରୁ ନିଜକୁ ବଞ୍ଚାନ୍ତୁ । ଯଦି ଏହି ବିଦ୍ୟୁତ୍‌ର ଅପବ୍ୟବହାରରୁ ନିଜକୁ ରକ୍ଷା କରି ବିଦ୍ୟୁତ ୟୁନିଟ ପିଛା କିଛି କମ ମୂଲ୍ୟ ଉପଭୋକ୍ତାଙ୍କଠାରୁ ଆଦାୟ କରନ୍ତେ ତେବେ ସମସ୍ତ ବିଦ୍ୟୁତ ଗ୍ରାହକ ଖୁସି ହୁଅନ୍ତେ।

**-ଶୁଭ୍ରାଂଶୁ ମୋହନ ପରିଡ଼ା, ବଜ୍ରକବାଟି, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆସ ତପତ ଜୀବନ ସୁଧା
ଏ ମରୁ ପଥେ ରସ-ସଉଦା
ସକଳ ତୃଷା ସକଳ କ୍ଷୁଧା ଚଞ୍ଚଳା,
ଆସ ଗୋ ଚାରୁ-ହାସିନୀ ଶ୍ୟାମ-ଅଞ୍ଚଳା।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଠକେଇ ମାମଲାରେ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ମ୍ୟାନେଜିଂ ଡାଇରେକ୍ଟର ଗିରଫ

ଭୁବନେଶ୍ୱର,୨୦।୩ (ସୂର୍ଯ୍ୟକାନ୍ତ ବେହେରା)

୨୯ ଲକ୍ଷରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ ମା' ହରଚଣ୍ଡୀ କନ୍‌ଷ୍ଟ୍ରକ୍ସନର ମ୍ୟାନେଜିଂ ଡାଇରେକ୍ଟରଙ୍କୁ ମଞ୍ଚେଶ୍ୱର ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଝାରପଡ଼ାର ଖଗେଶ୍ୱର ବାରିକ। ତାଙ୍କଠାରୁ କୌଣସି ଠକେଇ ଟଙ୍କା ଜବତ ହୋଇନାହିଁ। ଜାମିନ ନ ମିଳିବାରୁ ଖଗେଶ୍ୱରଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସମୀର ସେନ ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି। ତେବେ ଅଭିଯୁକ୍ତଙ୍କ ନାମରେ ଭୁବନେଶ୍ୱରରେ ୩ରୁ ଅଧିକ ଥାନାରେ ୬ରୁ ଅଧିକ ମାମଲା ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୨୦।୩ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏକ ଭଡ଼ାଘରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଗୁରୁବାର ସନ୍ଧ୍ୟାରେ ମିଳିଛି। ମୃତା ହେଲେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଅଞ୍ଚଳର ଅର୍ପିତା ମଲ୍ଲିକ(୨୭)। ସେ ଭୁବନେଶ୍ୱରରେ ଏକ ଇନସ୍ୟୁରାନ୍ସ କମ୍ପାନୀରେ ଏଜେଣ୍ଟ ଭାବେ କାମ କରୁଥିଲେ। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଖବରପାଇ ଏୟାରଫିଲ୍ଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରଶିରେ ଝୁଲୁଥିବା ଯୁବତୀଙ୍କ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ଶୁକ୍ରବାର ପରିବାର ଲୋକେ ଆସିବା ପରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଅନ୍ୟପଟେ ରିପୋର୍ଟ ଲେଖା ହେବାବେଳକୁ ଯୁବତୀଙ୍କ ପରିବାର ଲୋକେ କୌଣସି ଏତଲା ଦେଇ ନ ଥିବା ଜଣାପଡ଼ିଛି।

### ଯାତ୍ରୀବାହୀ ବସ୍‌କୁ ଧକ୍କା ଦେଲା ଜେସିବି

ବାରଙ୍ଗ,୨୦।୩(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତାର ପଦ୍ମନାଭ ନଗର ମଠ ଛକରେ ଯାତ୍ରୀବାହୀ ବସ୍‌କୁ ଏକ ଜେସିବି ଧକ୍କା ଦେଇଛି। ସୌଭାଗ୍ୟବଶତଃ ବସ୍‌ରେ ଥିବା ଯାତ୍ରୀ ସୁରକ୍ଷିତ ଭାବେ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଥିବାବେଳେ କେତେଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି।
ପ୍ରକାଶ ଯେ, ଗୁରୁବାର ଏକ ଯାତ୍ରୀବାହୀ ବସ୍ (ଓଡି ୧୯ଜେଡ ୧୧୭୭) ଅନୁଗୋଳରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ପଦ୍ମନାଭ ନଗର ମଠ ଛକରେ ଏକ ଜେସିବି (ଓଡି ୩୩ଏବି ୮୫୫୫) ବସ୍‌ଟିକୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସ୍‌ର ପଛପଟ ଭାଙ୍ଗି ଯାଇଥିଲାବେଳେ ଅଳ୍ପ କେତେଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବାରଙ୍ଗ ଥାନା ପୋଲିସ ସେଠାରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ପୌରାଞ୍ଚଳରେ ସମନ୍ୱିତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କମ୍ପ୍ଲେକ୍ସ ସ୍ଥାପନ ହେବ

## ପରିମଳ ମନିଟରିଂ ପାଇଁ ବିକଶିତ ହେବ ଡିଜିଟାଲ ଆପ୍ଲିକେସନ

ଭୁବନେଶ୍ୱର, ୨୦।୩ (ବନ୍ଦନା ସେଠୀ)


ସମୀକ୍ଷା ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ବିଭାଗୀୟ ଅଧିକାରୀମାନେ।

ପୌରନିଗମ ଏବଂ ମନୋନୀତ ପୌରପାଳିକାରେ ସମନ୍ୱିତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କମ୍ପ୍ଲେକ୍ସ ସ୍ଥାପନ କରାଯିବ। ପ୍ରାଥମିକତା ଭିତ୍ତିରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନରେ ଥିବା ସମସ୍ତ ଅଚଳ ପୁରୁଣା ଶୌଚାଳୟ ଏବଂ ଇ-ଶୌଚାଳୟଗୁଡ଼ିକର ନବୀକରଣ ଓ ପୁନଃନିର୍ମାଣ କରାଯିବ। ଏଥିସହ ଭୁବନେଶ୍ୱର ସୈନିକ ସ୍କୁଲ ନିକଟ ଟିଏସ୍(ଅସ୍ଥାୟୀ ଡମ୍ପିଂୟାର୍ଡ)ରେ ଜମା ହୋଇଥିବା ଅଳିଆ ପ୍ରକ୍ରିୟାକରଣକୁ ତ୍ୱରାନ୍ୱିତ କରାଯିବ। ଏଥିସହ ପଳାଶୁଣିରେ ମେଗା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସହରାଞ୍ଚଳରେ ପରିମଳ ଉନ୍ନତି ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଖାରବେଳ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫ଟି ମହାନଗର ନିଗମ, ପୁରୀ-କୋଣାର୍କ କ୍ଲଷ୍ଟର ଏବଂ ବୌଦ୍ଧଗଡ଼-ସୋନପୁର କ୍ଲଷ୍ଟରରେ ସିବିଜି ପ୍ଲାଣ୍ଟ ପ୍ରତିଷ୍ଠାର ସ୍ଥିତି ସମୀକ୍ଷା କରାଯାଇଥିଲା। ମନ୍ତ୍ରୀ ସମସ୍ତ ମହାନଗର ନିଗମ ଏବଂ ଚୟନ ହୋଇଥିବା ପୌରପାଳିକାରେ ପରିମଳ ମନିଟରିଂ ପାଇଁ ଏକ ଡିଜିଟାଲ ଆପ୍ଲିକେସନ ବିକଶିତ କରିବାକୁ ପରାମର୍ଶ ଦେଇଥିଲେ। ଏହା ବର୍ତ୍ତମାନ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ବ୍ୟବହୃତ ହେଉଥିବା ଆପ୍ ପରି ହେବ। ଉକ୍ତ ଡିଜିଟାଲ ଆପ୍‌କୁ ଗୃହ ଓ ନଗର ଉନ୍ନୟନ ବିଭାଗର 'ସୁଯୋଗ (ଏସ୍‌ୟୁଜେଓଜି)' ପୋର୍ଟାଲରେ ସଂଯୁକ୍ତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ସାର୍ବଜନୀନ ଶୌଚାଳୟର ପରିଚାଳନା, ରକ୍ଷଣାବେକ୍ଷଣ ଓ ସହରାଞ୍ଚଳ ସେବାକୁ ସହଜ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସହିତ କାର୍ଯ୍ୟାନ୍ୱୟନକୁ ସହଜ କରିବା ଲାଗି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ସହିତ ଏକ ମଡେଲ ଚୁକ୍ତିନାମା ଶେୟାର କରାଯିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ସମସ୍ତ ୟୁଏଲ୍‌ବିରେ ପରିମଳ ଉନ୍ନତି କ୍ଷେତ୍ରରେ ସମ୍ପ୍ରଦାୟର ସମ୍ପୃକ୍ତିକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ସଚିବ ବିନୟ ଦାଶ, କଟକ ମହାନଗର ନିଗମ କମିଶନର, ବିଏମ୍‌ସି ସିଟି ଇଞ୍ଜିନିୟର, ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।


ବିଶ୍ୱ ପଖାଳ ଦିବସ ପାଳନ ଅବସରରେ ଗୁରୁବାର ଶହୀଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଖାଦ୍ୟପ୍ରେମୀମାନେ ପଖାଳ ଖାଉଛନ୍ତି।

# ସ୍ୱଚ୍ଛ ସର୍ବେକ୍ଷଣରେ ଭଲ ର୍‍ୟାଙ୍କ୍ ପାଇଁ ନାଗରିକଙ୍କୁ ଭୋଟ ଦେବାକୁ ଅପିଲ କଲେ ମେୟର

ଭୁବନେଶ୍ୱର, ୨୦।୩(ବନ୍ଦନା ସେଠୀ)

ଚଳିତ ବର୍ଷ ସ୍ୱଚ୍ଛ ସର୍ବେକ୍ଷଣର ୯ମ ସଂସ୍କରଣ ଫେବୃଆରୀ ୧୫ରୁ ଆରମ୍ଭ ହୋଇଥିବାବେଳେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ। ପ୍ରତିବର୍ଷ ଭଳି ଏଥର ମଧ୍ୟ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏଥିରେ ସାମିଲ ହୋଇଛି। ତେବେ ସ୍ୱଚ୍ଛ ସର୍ବେକ୍ଷଣରେ କିଭଳି ବିଏମ୍‌ସି ଭଲ ର୍‍ୟାଙ୍କ୍ ରଖିବ ସେନେଇ ଲୋକଙ୍କୁ ଭୋଟ ଦେବାକୁ ଅପିଲ କରିଛନ୍ତି ମେୟର ସୁଲୋଚନା ଦାସ। ସ୍ୱଚ୍ଛ ସର୍ବେକ୍ଷଣରେ ଭୋଟ ଦେବା ପାଇଁ ଥିବା କ୍ୟୁ ଆର୍ କୋଡ୍‌ରେ ସ୍କାନ୍ କରି ସିଟିଜେନ୍ ଫିଡ୍‌ବ୍ୟାକ୍‌ରେ ମତାମତ ଦେବାକୁ ମେୟର ଅନୁରୋଧ କରିଛନ୍ତି। କ୍ୟୁ ଆର୍ କୋଡ୍‌ରେ ସ୍କାନ୍ କଲା ପରେ ସେଥିରେ ମୋଟ୍ ୧୦ଟି ପ୍ରଶ୍ନ ଉପଲବ୍ଧ ହେଉଛି। ପ୍ରତି ପ୍ରଶ୍ନର ଉତ୍ତର ବାବଦରେ ୨ରୁ ୬ଟି ଅପ୍ସନ ରହିଛି। ନାଗରିକମାନେ ପ୍ରତି ପ୍ରଶ୍ନର ଉତ୍ତରରେ ସେହି ଅପ୍ସନରୁ ଗୋଟିଏକୁ ବାଛିବେ। ସର୍ବେକ୍ଷଣର ର୍‍ୟାଙ୍କିଙ୍ଗ୍‌ରେ ନାଗରିକମାନଙ୍କ ଭୋଟ ସହାୟକ ହେବ। ତେଣୁ ବିଏମ୍‌ସି ସପକ୍ଷରେ ଭୋଟ୍ ଦେବା ପାଇଁ ମେୟର ସହରବାସୀଙ୍କୁ ନିବେଦନ କରିଛନ୍ତି।
ସୂଚନାଯୋଗ୍ୟ, ଚଳିତ ବର୍ଷ ସ୍ୱଚ୍ଛ ସର୍ବେକ୍ଷଣର ବିଷୟ ରହିଛି 'ସ୍ୱଚ୍ଛତାକୁ ସଂସ୍କାର ବନାନ୍ତୁ'। ଏହାର ଅର୍ଥ ସ୍ୱଚ୍ଛତାକୁ ନିଜର ଦିନଚର୍ଯ୍ୟା ଏବଂ ସଂସ୍କୃତିର ଅଂଶ ବନାଇବା ଆବଶ୍ୟକ। ୨୦୨୩ରେ ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରକୁ ସର୍ବଭାରତୀୟ ସ୍ତରରେ ୮୦ତମ ର୍‍ୟାଙ୍କ୍ ଓ ୨୦୨୪ରେ ୩୪ତମ ର୍‍ୟାଙ୍କ୍ ମିଳିଥିଲା। ଏଥିସହ ୱାଟର ପ୍ଲସ୍ ଏବଂ ଗାର୍ବେଜ୍ ଫ୍ରି ବା ଆବର୍ଜନା ମୁକ୍ତ ସହର ଭାବେ ୩ ଷ୍ଟାର୍ ରେଟିଂ ମିଳିବା ସହ ରାଜ୍ୟରେ ପ୍ରଥମ ସହର ଭାବେ ସ୍ଥାନ ପାଇଥିଲା। ତେଣୁ ଚଳିତ ବର୍ଷ ଏହି ଧାରାକୁ ବଜାୟ ରଖିବା ସହିତ ଭଲ ର୍‍ୟାଙ୍କ୍ ରଖିବା ପାଇଁ ବିଏମ୍‌ସି ଆଶା କରିଛି।

# ଆମେରିକାର ତୁଲସା ବିଶ୍ୱବିଦ୍ୟାଳୟ ଓ କିଟ୍ ମଧ୍ୟରେ ଏମ୍ଓୟୁ

## ବି.ଟେକ୍ ଛାତ୍ରୀଛାତ୍ରଙ୍କୁ ଡୁଆଲ ଡିଗ୍ରୀ ସୁଯୋଗ

ଭୁବନେଶ୍ୱର,୨୦।୩(ଅନୁରାଧା ମହାରଣା)




ଆମେରିକାର ତୁଲସା ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର(ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏଥିରେ ତୁଲସା ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟ ଗ୍ଲୋବାଲ ଏନ୍‌ଗେଜ୍‌ମେଣ୍ଟର ଭାଇସ୍ ପ୍ରୋଭୋଷ୍ଟ ଡ. ଭିଭାନ ୱାଙ୍ଗ୍ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣାପତ୍ର ଅନୁଯାୟୀ କିଟ୍‌ରେ ବି.ଟେକ୍ ପଢୁଥିବା ଛାତ୍ରୀଛାତ୍ର ଡୁଆଲ ଡିଗ୍ରୀ ହାସଲ କରିପାରିବେ। ସେମାନେ ଦୁଇ ବର୍ଷ କିଟ୍ ବିଶ୍ୱବିଦ୍ୟାଳୟରେ ଓ ବାକି ଦୁଇ ବର୍ଷ ତୁଲସା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବାର ସୁଯୋଗ ପାଇବେ। ଫଳରେ କିଟ୍ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିବା ସହ ତୁଲସା ବିଶ୍ୱବିଦ୍ୟାଳୟରୁ ଆଉ ଏକ ଡିଗ୍ରୀ ହାସଲ କରିପାରିବେ। ଏହାସହ କିଟ୍‌ର ବିଭିନ୍ନ ପାଠ୍ୟକ୍ରମର ୪୦ ଜଣ ଛାତ୍ରୀଛାତ୍ର ତୁଲସା ବିଶ୍ୱବିଦ୍ୟାଳୟରେ ଦୁଇ ସପ୍ତାହର ଗ୍ରୀଷ୍ମକାଳୀନ ପାଠ୍ୟକ୍ରମ ପାଇଁ ଯିବାର ସୁଯୋଗ ପାଇବେ। ସେଠାରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ସଂସ୍କୃତି ଓ ନେତୃତ୍ୱ ସମ୍ପର୍କରେ ଜ୍ଞାନ ଆହରଣ କରିବେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସହ ବିଭିନ୍ନ ସ୍କୁଲର ନିର୍ଦ୍ଦେଶକ, ଡିନ୍ ଓ ପ୍ରାଧ୍ୟାପକମାନେ ଉପସ୍ଥିତ ଥିଲେ।

# ଚା' ଦୋକାନ ମାଲିକାଣୀ, ପୁଅଙ୍କୁ ପୋଡ଼ିବା ଘଟଣା: ଅଭିଯୁକ୍ତ ବୃଦ୍ଧ ଗିରଫ

ଭୁବନେଶ୍ୱର,୨୦।୩(ସତ୍ୟଜିତ୍ ରାଉତ)

କ୍ୟାପିଟାଲ ହସ୍ପିଟାଲ ପଛପାର୍ଶ୍ୱରେ ଚା' ଦୋକାନରେ ପେଟ୍ରୋଲ ଢାଳି ନିଆଁ ଲଗାଇବା ସହ ମାଲିକାଣୀ ସରୋଜିନୀ ପ୍ରଧାନ ଓ ତାଙ୍କ ପୁଅ ସୂର୍ଯ୍ୟକାନ୍ତଙ୍କୁ ପୋଡ଼ିବା ଘଟଣାରେ ଅଭିଯୁକ୍ତ ବୃଦ୍ଧଙ୍କୁ କ୍ୟାପିଟାଲ ଥାନା ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅଞ୍ଚଳର ମୁରଲୀଧର ପଣ୍ଡା ଓରଫ ଲକ୍ଷ୍ମୀଧର (୭୨)। ତାଙ୍କଠାରୁ ଏକ ସାଇକେଲ ଓ ମୋବାଇଲ ଜବତ ହୋଇଛି। ଅଭିଯୁକ୍ତ ଲକ୍ଷ୍ମୀଧରଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ବାକି ଟଙ୍କା ମାଗିବାରୁ ଏହି ଘଟଣା ଘଟିଥିଲା ବୋଲି ଅଭିଯୋଗ ହୋଇଥିବା ବେଳେ ତଦନ୍ତରୁ ଭିନ୍ନ କଥା ଜଣାପଡ଼ିଛି। ବାକି ଟଙ୍କାକୁ ନେଇ ଝଗଡ଼ାରୁ ଏହି ଘଟଣା ଘଟିଥିବା ପୋଲିସ କହିଛି। ଲକ୍ଷ୍ମୀଧର ଲକ୍ଷ୍ମୀପୂଜା ମେଳାରେ ବିକ୍ରି ବେଳେ ବଳିପଡ଼ିଥିବା ସିଗାରେଟ୍‌କୁ ସରୋଜିନୀଙ୍କୁ ଦେଇଥିଲେ। ଏଥିପାଇଁ ୪,୫୦୦ ଟଙ୍କା ଲକ୍ଷ୍ମୀଧର ପାଇବେ ବୋଲି କଥା ଛିଡ଼ିଥିଲା। ହେଲେ ଲକ୍ଷ୍ମୀଧରଙ୍କୁ ସରୋଜିନୀ ୨,୨୦୦ ଟଙ୍କା ଦେଇଥିବାବେଳେ ବାକି ଟଙ୍କା ପାଇଁ ଦିନ ଗଡ଼ାଇ ଚାଲିଥିଲେ। ଲକ୍ଷ୍ମୀଧର ଟଙ୍କା ମାଗିବାରୁ ଝଗଡ଼ା ହୋଇଥିଲା। ଏଥିପାଇଁ ଲକ୍ଷ୍ମୀଧର ରାଗ ରଖି ରବିବାର ରାତି ପ୍ରାୟ ୩ଟାରେ ଅଭିଯୁକ୍ତ ଚା' ଦୋକାନ ନିକଟକୁ ଆସି ନିଆଁ ଲଗାଇ ଦେଇ ଫେରାର ହୋଇଯାଇଥିଲେ।

# ଗୋପାଳତୀର୍ଥ ମଠ ଗାଦିର ପୁନରୁଦ୍ଧାର ଦାବି

ପୁରୁଣା ଭୁବନେଶ୍ୱର,୨୦।୩(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପରମ୍ପରା ଏବଂ ନୀତି ସହିତ ଜଡ଼ିତ କେତେକ ପ୍ରାଚୀନ ମଠକୁ ଏକାମ୍ର ବିକାଶ ଯୋଜନା ଆଳରେ ଭାଙ୍ଗି ଦିଆଯାଇଅଛି। ଶିବ ତୀର୍ଥ ମଠ ଓ ଶଙ୍କରାନନ୍ଦ ମଠ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିବା ବେଳେ ଗୋପାଳତୀର୍ଥ ମଠର ଗାଦି ମନ୍ଦିରଟି ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ଏହି ଗୋପାଳତୀର୍ଥ ମଠର ପୁନରୁଦ୍ଧାର ପାଇଁ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏନେଇ ମଞ୍ଚ ପକ୍ଷରୁ ବୁଧବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଗୋପାଳତୀର୍ଥ ମଠ ସମ୍ରାଟ ପ୍ରତାପରୁଦ୍ର ଦେବଙ୍କ ସମୟରେ ନିର୍ମାଣ ହୋଇଥିଲା। ଶୈବ ଓ ବୈଷ୍ଣବ ସମ୍ପ୍ରଦାୟର ପ୍ରତୀକ ଥିଲା। ଏହି ମଠ ଦେବୋତ୍ତର ବିଭାଗ ଅଧୀନରେ ରହିଛି। ଇତିମଧ୍ୟରେ ୫ ବର୍ଷ ବିତିଗଲାଣି। କାଳକ୍ରମେ ବର୍ଷା, ଶୀତ, କାକର ଓ ଖରାରେ ଉକ୍ତ ଗାଦି ମନ୍ଦିରଟି ଭୁଶୁଡିବାରେ ଲାଗିଛି। ଅନାବନା ଗଛଲତାରେ ମନ୍ଦିରଟି ଆଚ୍ଛାଦିତ ହୋଇରହିଛି। ଅନ୍ୟପକ୍ଷରେ ଦୋଳ, ଜନ୍ମାଷ୍ଟମୀ, ରୁକୁଣା ରଥଯାତ୍ରା ଆଦି ପରମ୍ପରାରେ ମଠ ପକ୍ଷରୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ଥିବା ନୀତି ସମ୍ପାଦନ ହୋଇପାରୁନାହିଁ। ତୁରନ୍ତ ଏହି ଗୋପାଳତୀର୍ଥ ମଠର ଗାଦି ମନ୍ଦିରର ପୁନରୁଦ୍ଧାର ପାଇଁ ଦାବି କରାଯାଇଛି।

# ସାହିତ୍ୟିକ ଦୃଷ୍ଟିଭଙ୍ଗୀ ନେଇ ଇତିହାସ ଲେଖୁଥିଲେ ଜଗନ୍ନାଥ



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟମାନେ 'ରକ୍ତତୀର୍ଥ ଇରମ'ର ପରମାର୍ଜିତ ସଂସ୍କରଣକୁ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୨୦।୩ (ସୌମ୍ୟରଞ୍ଜନ ରାଉତ)

ଭଦ୍ରକ ସମ୍ମିଳନୀ ଏବଂ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଐତିହାସିକ ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୁରୁବାର ଗୀତଗୋବିନ୍ଦ ସଦନଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଂସ୍କୃତି, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ କହିଲେ, ଇତିହାସକୁ ଲୋକପ୍ରିୟ କରାଇବାରେ ସ୍ୱର୍ଗତ ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ବିପୁଳ ଅବଦାନ ଥିଲା। ସେ ଥିଲେ ବହୁମୁଖୀ ପ୍ରଜ୍ଞାପୁରୁଷ। ଇତିହାସକୁ ସରଳ ଭାଷାରେ ସାହିତ୍ୟିକ ଦୃଷ୍ଟିଭଙ୍ଗୀ ନେଇ ରଚନା କରିବାରେ ପଟ୍ଟନାୟକ ଥିଲେ ସିଦ୍ଧହସ୍ତ। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ସାରସ୍ୱତ ସଭା ଓ ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଜଗନ୍ନାଥ ପଟ୍ଟନାୟକ କେବଳ ଭଦ୍ରକର ନୁହେଁ, ସାରା ଓଡ଼ିଶାର ଗର୍ବ ବୋଲି ଅଭିହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଶାସକ ତଥା କବି ଡ. ରବିନାରାୟଣ ସେନାପତି ନିଜ ଗୁରୁ ବୋଲି କହିବା ସହ କେତେକ ଅନୁଭୂତି ବର୍ଣ୍ଣନା କରିଥିଲେ। ସଂସ୍କୃତି ବିଭାଗର ଯୁଗ୍ମସଚିବ ଦେବପ୍ରସାଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଟ୍ଟନାୟକଙ୍କ ସାହିତ୍ୟିକ ଓ ଐତିହାସିକ ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଇତିହାସକୁ ପଟ୍ଟନାୟକଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଜଗନ୍ନାଥ ପଟ୍ଟନାୟକଙ୍କ ରଚିତ ତଥା ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ 'ରକ୍ତତୀର୍ଥ ଇରମ'ର ପରମାର୍ଜିତ ସଂସ୍କରଣକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ବଂଶୀଧର ଭୋଇ ଧନ୍ୟବାଦ ଦେଇଥିଲେ।

# ମଣିପାଲ ହସ୍ପିଟାଲରେ ସଫଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୨୦।୩ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ରାଉରକେଲାରେ ଜନ୍ମିତ ଶିଶୁ ଗଭୀର ମସ୍ତିଷ୍କ ସମସ୍ୟାରେ ସମ୍ମୁଖୀନ ହୋଇ ହସ୍ପିଟାଲ ଆସିଥିଲେ। ବରିଷ୍ଠ ନ୍ୟୁରୋସର୍ଜନ ଡା. ସୁନୀଲ କୁମାର ପାତ୍ର ଶିଶୁଟି ଏକ ଜଟିଳ ବ୍ରେନ୍ ରୋଗ ଅନ୍ତର୍କ୍ରାନିଆଲ ହେମାଟୋମାରେ (Intracranial Hematoma) ଶିକାର ହୋଇଥିବା ଚିହ୍ନଟ କରିଥିଲେ। ଏଥିରେ ବ୍ରେନ୍ ଭିତରେ ରକ୍ତ ଜମାଟ ବାନ୍ଧିଥିବା ପୀଡ଼ିତ ବୋଲି ଡାକ୍ତର ଚିହ୍ନଟ କରିଥିଲେ। ଏହି ଅବସ୍ଥା ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କଠାରେ ଦେଖାଯାଏ। ନବଜାତ ଶିଶୁର ଜୀବନ ରକ୍ଷା କରିବା ପାଇଁ ଡା. ସୁନୀଲ କୁମାର ପାତ୍ର ଶିଶୁ ମସ୍ତିଷ୍କର ଡାହାଣ ପାର୍ଶ୍ୱରେ ସର୍ତ୍ତକତା ସହିତ ଅପରେଶନ କରିଥିଲେ। ଫଳରେ ଶିଶୁଟି ନୂତନ ଜୀବନ ପାଇଛି। ଏଥିପାଇଁ ଡା. ସୁନୀଲ କୁମାର ପାତ୍ର ମଣିପାଲ ହସ୍ପିଟାଲର ନ୍ୟୁରୋ ଆନାସ୍ଥେସିଓଲୋଜିଷ୍ଟ ଡା. ଭାଗ୍ୟରଞ୍ଜନ ଜେନା, ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା ଜାନକୀ ବଲ୍ଲଭ ପ୍ରଧାନ ଏବଂ ମଣିପାଲ ହସ୍ପିଟାଲର ସମସ୍ତ ଓଟି ଷ୍ଟାଫ୍,ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏ ସମ୍ପର୍କରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ପରାମର୍ଶଦାତା ନ୍ୟୁରୋସର୍ଜନ ଡା. ସୁନୀଲ କୁମାର ପାତ୍ର କହିଥିଲେ, ମାତ୍ର ୧୪ଦିନର ଶିଶୁର ବ୍ରେନ ଅପରେଶନ୍ କରିବା ଅତ୍ୟନ୍ତ ଜଟିଳ ଥିଲା, କାରଣ ନବଜାତ ଶିଶୁଙ୍କ ବ୍ରେନର ଟିସୁଗୁଡ଼ିକ ଖୁବ୍ ପତଳା ଓ ସମ୍ବେଦନଶୀଳ ଥାଏ। ବ୍ରେନ୍ ଭିତରେ ରକ୍ତସ୍ରାବ ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କ ଠାରେ ଦେଖାଯାଏ, ନବଜାତ ଶିଶୁର ବ୍ରେନ୍ ଭିତରେ ରକ୍ତସ୍ରାବ ହେବା ଏକ ବିରଳ ଘଟଣା। ଶିଶୁଟିର ଜୀବନ ରକ୍ଷା କରିବା ପାଇଁ ଆମକୁ ତୁରନ୍ତ ବ୍ରେନ୍ ଅପରେଶନ୍ କରିବାକୁ ପଡିଥିଲା। ମଣିପାଲ ହସ୍ପିଟାଲର ଅଭିଜ୍ଞ ଟିମ୍ ଓ ଅତ୍ୟାଧୁନିକ ଓଟି ଓ ଅନ୍ୟାନ୍ୟ ସୁବିଧା କାରଣରୁ ଆମେ ଶିଶୁଟିର ସଫଳ ବ୍ରେନ ଅପରେସନ୍ କରିବାକୁ ଆମେ ସଫଳ ହେଇଛୁ। ସେହିଭଳି ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ହସ୍ପିଟାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର ଏଥିପାଇଁ ଡାକ୍ତର ସୁନୀଲ ପାତ୍ର, ଡାକ୍ତର ଭାଗ୍ୟରଞ୍ଜନ ଜେନା, ଡା. ଜାନକୀ ବଲ୍ଲଭ ପ୍ରଧାନଙ୍କ ଟିମ୍ ଓ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତ ପ୍ରକାର ବ୍ରେନ୍ ସର୍ଜରୀ ଓ ନବଜାତ ଶିଶୁଙ୍କ ଯତ୍ନ ନେବା ପାଇଁ ମଣିପାଲ ହସ୍ପିଟାଲରେ ଅଭିଜ୍ଞ ଡାକ୍ତର ଓ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଉପଲବ୍ଧ ଅଛି ବୋଲି ସୂଚନା ଦେଇଛନ୍ତି।

# ରମାକାନ୍ତ ରଥଙ୍କ 'ଶ୍ରୀରାଧା' କାଳଜୟୀ ରହିବ

ଭୁବନେଶ୍ୱର,୨୦।୩ (ସୌମ୍ୟରଞ୍ଜନ ରାଉତ)



ରମାକାନ୍ତ ରଥଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥି।

ଆଧୁନିକ ଓଡ଼ିଆ କବିତାର ଶୀର୍ଷ ସ୍ଥାନରେ ରମାକାନ୍ତ ରଥଙ୍କ 'ଶ୍ରୀରାଧା' କାଳଜୟୀ ହୋଇରହିବ। ଓଡ଼ିଆ କବିତାରେ ରମାକାନ୍ତ ଏକ ନୂତନ ମୋଡ଼ ଦେଇ ଶିଖର ପୁରୁଷ ଭାବେ ଗଣାହୋଇ ରହିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ଲେଖକ ସମବାୟ ସମିତିର ପକ୍ଷରୁ ଆୟୋଜିତ ରମାକାନ୍ତଙ୍କ ସ୍ମୃତି ସଭାରେ ଅତିଥିମାନେ ଭାଗନେଇ ରମାକାନ୍ତଙ୍କ କବିତାର କିଛି ଅଂଶ ଆବୃତ୍ତି କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସମିତି ସଭାପତି ପୀତବାସ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ସ୍ମୃତିସଭାରେ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର, ପ୍ରଫେସର ଶରତ ଚନ୍ଦ୍ର ରଥ, ଗାଳ୍ପିକା ବନଜ ଦେବୀ, ମାନସୀ ଦାସ, କବି ବିଜୟଲକ୍ଷ୍ମୀ ପଟ୍ଟନାୟକ, ମିନତୀ ଷଡ଼ଙ୍ଗୀ, ଆରତି କର, ପୌରୁଷର ସମ୍ପାଦକ ଅସିତ ମହାନ୍ତି, ଗୋଧୂଳି ସମ୍ପାଦିକା ବିମଳା ସିଂହ, ପ୍ରଶାସକ ଅଲେଖ ଚନ୍ଦ୍ର ପଢ଼ିଆରୀ, ସୁକାନ୍ତ ପ୍ରଧାନ, ପ୍ରଭାତ କୁମାର ନନ୍ଦ, ବିରଳା ଶତପଥ, ନିଶାକର ରାଉତ, ଡ. ସିଦ୍ଧାର୍ଥ କାନୁନ୍‌ଗୋ, ସୀତାବଲ୍ଲଭ ମହାପାତ୍ର, ରାମନାରାୟଣ ମିଶ୍ର ଯୋଗଦେଇ ରମାକାନ୍ତଙ୍କୁ ଜଣେ ଭଦ୍ର ଅମାୟିକ ସରଳ ଓ ନିରାଡମ୍ବର ବ୍ୟକ୍ତି ଭାବେ ବର୍ଣ୍ଣନା କରିଥିଲେ। ସାହିତ୍ୟିକ ପର୍ଶୁରାମ ଦ୍ୱିବେଦୀ ତାଙ୍କୁ ଓଡ଼ିଆ ସାହିତ୍ୟର ମହାଦ୍ରୁମ ବୋଲି ଘୋଷଣ କରିବା ସହ ଯୁବ ସାହିତ୍ୟିକଙ୍କର ପ୍ରେରଣାର ଉତ୍ସ ବୋଲି ବର୍ଣ୍ଣନା କରିଥିଲେ। ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଥଣ୍ଡା ପାନୀୟରେ ନିଶା ଦେଇ ମହିଳାଙ୍କୁ ବଳାତ୍କାର

## ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୦।୩ (ସୂର୍ଯ୍ୟକାନ୍ତ ବେହେରା)


ଅଭିଯୁକ୍ତ ଶ୍ୟାମ ସୁନ୍ଦର ଦାସ।

ପ୍ରଥମେ ମହିଳାଙ୍କ ନିକଟତର ହୋଇ ସାହାଯ୍ୟ ମାଗିଲେ। ପରେ ମହିଳାଙ୍କ ସହ ବିଶ୍ୱାସଘାତକତା କରି ଥଣ୍ଡା ପାନୀୟରେ ନିଶା ଦେଇ ବଳାତ୍କାର କଲେ। ଲକ୍ଷ୍ମୀସାଗର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ସତ୍ୟନଗରରେ ରହୁଥିବା କେନ୍ଦ୍ରାପଡ଼ାର ଶ୍ୟାମ ସୁନ୍ଦର ଦାସ। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ପୀଡ଼ିତାଙ୍କ ଘର ନିକଟରେ ଅଭିଯୁକ୍ତଙ୍କ ଏକ ଗ୍ରୋସରି ଦୋକାନ ଥିଲା। ପୀଡ଼ିତା ନିୟମିତ ଭାବେ ଅଭିଯୁକ୍ତଙ୍କ ଦୋକାନରୁ ସଉଦା ଆଣୁଥିବାରୁ ଉଭୟଙ୍କ ମଧ୍ୟରେ ଉତ୍ତମ ବନ୍ଧୁତା ହୋଇଥିଲା। ଏହି ବନ୍ଧୁତା ମଧ୍ୟରେ ଅଭିଯୁକ୍ତ ଜଣକ ମହିଳାଙ୍କ ନିକଟରୁ ଅନେକଥର ହାତ ଉଧାରି ନେଇ ପରେ ଫେରସ୍ତ ମଧ୍ୟ କରିଥିଲେ। ୨୦୨୪ ଅକ୍ଟୋବର ୯ ସନ୍ଧ୍ୟାରେ ଅଭିଯୁକ୍ତ ସତ୍ୟନଗର କାଳୀମନ୍ଦିର ଛକ ନିକଟକୁ ମହିଳାଙ୍କୁ ଡାକିଥିଲେ। ଏହାପରେ ମହିଳା ଅଭିଯୁକ୍ତଙ୍କ ପାଖରେ ପହଞ୍ଚିଥିଲେ। ଏହି ସମୟରେ ମହିଳାଙ୍କୁ ଥଣ୍ଡା ପାନୀୟ ପିଇବା ଲାଗି ଅଭିଯୁକ୍ତ ଦେଇଥିଲେ। ଥଣ୍ଡାପାନୀୟ ପିଇସାରିବା ପରେ ମହିଳା ସେଠାରେ ଅଚେତ ହୋଇଯାଇଥିଲେ। ଅଭିଯୁକ୍ତ ତାଙ୍କୁ ସେଠାରୁ ଚିନ୍ତାମଣିଶ୍ୱର ଅଞ୍ଚଳରେ ଥିବା ଏକ ଭଡ଼ା ଘରକୁ ନେଇ ବଳାତ୍କାର କରିବା ସହ କିଛି ଫଟୋ ଓ ଭିଡିଓ ନିଜ ମୋବାଇଲ ଫୋନରେ ସଂଗ୍ରହ କରିନେଇଥିଲେ। ମହିଳାଙ୍କ ଚେତା ଆସିବା ପରେ, ଅଭିଯୁକ୍ତ ତାଙ୍କୁ ଘଟଣା ସମ୍ପର୍କରେ ବାହାରେ ପ୍ରଘଟ କଲେ ଜୀବନରୁ ମାରିଦେବା ସହ ଫଟୋଗୁଡ଼ିକୁ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏହାକୁ ମାଧ୍ୟମ କରି ଅଭିଯୁକ୍ତ ଜଣକ ଏକାଧିକ ଥର ମହିଳାଙ୍କ ଇଚ୍ଛା ବିରୋଧରେ ବଳପୂର୍ବକ ବଳାତ୍କାର କରିବାରୁ ସେ ଅନ୍ତଃସତ୍ତ୍ୱା ହୋଇଥିଲେ। ଏହା ଜାଣିବା ପରେ ଅଭିଯୁକ୍ତ ତାଙ୍କୁ ଗର୍ଭନଷ୍ଟ ଲାଗି ଔଷଧ ଦେଇଥିଲେ। ମହିଳା ଔଷଧ ଖାଇବାକୁ ମନା କରିବାରୁ ଅଭିଯୁକ୍ତ ତାଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ୨୦୨୫ ଜାନୁଆରୀ ୩ରେ ଅଭିଯୁକ୍ତ ମହିଳାଙ୍କୁ ନେଇ କୋଲକାତା ଯିବାକୁ ଚେଷ୍ଟା କରୁଥିବାବେଳେ ରସୁଲଗଡ଼ ଛକରୁ ସେ କୌଶଳକ୍ରମେ ତାଙ୍କ କବଳରୁ ଖସି ଆସି ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ମୁଣ୍ଡମୁହାଣ ପଞ୍ଚଦୋଳ ମେଳଣ ଉଦ୍‌ଯାପିତ

ଝାଁଳା,୨୦।୩(ବୁଲା ବାରିକ)

ମୁଣ୍ଡମୁହାଣର ପ୍ରସିଦ୍ଧ ପଞ୍ଚଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ତୃତୀୟା ତିଥିରୁ ଆରମ୍ଭ ହୋଇଥିବା ଏହି ମେଳଣ ଗୁରୁବାର ଷଷ୍ଠୀ ତିଥିରେ ହରିହର ଭେଟ ସହ ସମ୍ପନ୍ନ ହୋଇଛି। ଗତ ସୋମବାର ରାତିରେ ଜମାଣ ପର୍ବ ଆଡମ୍ବରରେ ହୋଇଥିଲା। ବାଜା, ବାଣ, ରୋଷଣୀ ସହ ଘୋଡ଼ା ନାଚ, ଷଣ୍ଢ ନାଚ, ନାଗା ନାଚ ଆଦି ବିଭିନ୍ନ ପାରମ୍ପରିକ ଲୋକକଳାରେ ସଜ୍ଜିତ ଶୋଭାଯାତ୍ରାରେ ଗ୍ରାମର ଆରାଧ୍ୟ ଥାନପତି ଗ୍ରାମେଶ୍ୱର ମହାଦେବ ଓ ଚନ୍ଦ୍ରଶେଖରଙ୍କ ଚଳନ୍ତି ପ୍ରତିମାକୁ ବିମାନରେ ଗ୍ରାମ ପରିକ୍ରମା କରାଯାଇ ମେଳଣ ପଡ଼ିଆକୁ ନିଆଯାଇଥିଲା। ସେଠାରେ ଥାନପତି ଆଖପାଖ ୧୫ଖଣ୍ଡ ଗ୍ରାମରୁ ନିମନ୍ତ୍ରିତ ହୋଇଥିବା ଅତିଥି ଚଳନ୍ତି ପ୍ରତିମାଙ୍କୁ ସ୍ୱାଗତ କରିଥିଲେ। ମେଳଣ ପଡ଼ିଆରେ ନାମ ସଂକୀର୍ତ୍ତନ କରାଯାଇଥିଲା। ପରେ ଅତିଥି ଠାକୁରମାନେ ମେଲାଣି ନେଇଥିଲେ।

### ଶିଶୁ ବାଟିକାରେ ନାମ ଲେଖାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର ବଣ୍ଟନ

ଖୋର୍ଦ୍ଧା/ଟାଙ୍ଗୀ,୨୦।୩
(ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ)

ଚଳିତ ଶିକ୍ଷାବର୍ଷରୁ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ ହେବ। ଆସନ୍ତା ଏପ୍ରିଲ ୨ରେ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମ ପାଇଁ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବାଣପୁର ବ୍ଲକର ଭୀମପୁର ଗ୍ରାମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବଣ୍ଟନ କରିଛନ୍ତି। ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସି.ଏଚ୍. ବିଜୟଲକ୍ଷ୍ମୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ ସେଠୀ, ସରପଞ୍ଚ ସୁରେଶ ଚନ୍ଦ୍ର ବାରିକ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ ନିମନ୍ତ୍ରଣପତ୍ର ବଣ୍ଟନ କରାଯାଇଥିଲା।

ସେହିପରି ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ବଡ଼ପାରୀ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ବଡପାରୀ ସରପଞ୍ଚ ପ୍ରଫୁଲ୍ଲ ଦାସ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବନଲତା ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ବଡ଼ପାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାକର ଜୟସିଂ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦୁଃଶାସନ ପ୍ରଧାନ, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଳଭଦ୍ର ସେଠୀ, ସନ୍ତୋଷ ବେହେରା, ଶତ୍ରୁଘ୍ନ ପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଘର ଘର ବୁଲି ଯୋଗ୍ୟ ପିଲାମାନଙ୍କ ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ସାଗରିକା ପାଇକରାୟ, କାମିନୀ ବାଳା ସେଠୀ, ଉଲାସିନୀ ଦେଇ, ସୁଶାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ସରିଲା ବାଣପୁର ପଞ୍ଚଦୋଳ ମେଳଣ

ବାଣପୁର,୨୦।୩(ଦିଲୀପ କୁମାର ସ୍ୱାଇଁ)



ବାଣପୁର ପଲଟଣ ପଡ଼ିଆରେ ଅନୁଷ୍ଠିତ ପଞ୍ଚଦୋଳ ମେଳଣରେ ଶ୍ରଦ୍ଧାଳୁଙ୍କ ଗହଳି।

ବାଣପୁର ପଲଟଣ ପଡ଼ିଆରେ ଅନୁଷ୍ଠିତ ପଞ୍ଚଦୋଳ ମେଳଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନାଧିପତି ଶ୍ରୀଚରଣ ଚକାଦେବଙ୍କ ନିମନ୍ତ୍ରଣକ୍ରମେ ବୁଧବାର ବିଳମ୍ବିତ ରାତିରେ ଦକ୍ଷେଶ୍ୱର ଦେବ, ମା'ଭଗବତୀ, ଆଠ ଶାସନର ମୁଖ୍ୟ ରଙ୍ଗନାଥ ଦେବ, ନଅ ଦେଉଳର ମୁଖ୍ୟ ଉମାମହେଶ୍ୱର ଦେବ, ଭେଟିନାଥ ଦେବ ପ୍ରମୁଖ ଦେବଦେବୀଙ୍କ ସହିତ କପିଳେଶ୍ୱର ଦେବ, ଗୋପୀନାଥ ଦେବ, ବାଲୁଙ୍କେଶ୍ୱର ଦେବ, ରଘୁନାଥ ଦେବ, ଗଡିଶ୍ୱର, ଗୁପ୍ତେଶ୍ୱର, ରାମେଶ୍ୱର, ସ୍ୱପ୍ନେଶ୍ୱର ଦେବ, ଝାଡ଼େଶ୍ୱର ଦେବ, ଗ୍ରାମେଶ୍ୱର ଦେବଙ୍କ ସମେତ ବିଭିନ୍ନ ଗ୍ରାମର ୧୭୦ ଠାକୁରଙ୍କ ବିଜେ ପ୍ରତିମା ବୃଷଭ, ସିଂହ, ଗରୁଡ଼, ହନୁମାନ ଓ ଚଉଦୋଳ ଆଦି ୮୪ଟି ବିମାନରେ ସୁସଜ୍ଜିତ ହୋଇ ପଟୁଆରରେ ବିଭିନ୍ନ ଗ୍ରାମ ପରିକ୍ରମା କରି ପଲଟଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ପାଇକ ଆଖଡ଼ା, ଘୋଡାନାଚ, ଯୋଡି ଶଙ୍ଖ ସହ ଡିଜେ ଶବ୍ଦରେ ପ୍ରକମ୍ପିତ ହୋଇଉଠିଥିଲା ପଲଟଣ ପଡ଼ିଆ। ମା' ଭଗବତୀ, ଚରଣ ଚକାଦେବ, ରଙ୍ଗନାଥ ଦେବ, ଉମା ମହେଶ୍ୱର ଦେବ ପ୍ରମୁଖ ଆସନ ଗ୍ରହଣ କରିବା ପରେ ଅନ୍ୟାନ୍ୟ ଦେବଦେବୀ ନିଜ ଆସନରେ ଉପବେଶନ ହୋଇଥିଲେ।ଏହା ପରେ ବାଦ୍ୟଯନ୍ତ୍ର, ରୋଷଣୀ ଓ ଶୋଭାଯାତ୍ରା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚଉଦୋଳରେ ଉମାମହେଶ୍ୱର ଦେବ ବାଲୁଗାଁ, ସିଂହରେ କନକ ଦୁର୍ଗା ଦେବୀ ପାଟପୁର, ବୃଷଭରେ କପିଳେଶ୍ୱର ଦେବ ଅଚ୍ୟୁତରାଜପୁର, ଗରୁଡ଼ରେ କୁଞ୍ଜବିହାରୀ ଦେବ ସାନହନୁଆଡ, ହନୁମାନରେ ରାମଚନ୍ଦ୍ର ଦେବ ଭୀମପୁର, ଶୋଭାଯାତ୍ରାରେ ଗାଲୁଆର ଗୁପ୍ତେଶ୍ୱର ଦେବ, ବାଲିପଦରର ଲୋକନାଥ ଦେବ ଏବଂ ଭେଟେଶ୍ୱରର ଭେଟିନାଥ ଦେବଙ୍କ ସମେତ ପୁଞ୍ଜିଆମାର କନକ ଦୁର୍ଗା ଦେବୀ ଏବଂ ଭେଟିନାଥ ଦେବଙ୍କ ମାର୍ଫତଦାରଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବୁଧବାର ମଧ୍ୟାହ୍ନରୁ ଲୋକଙ୍କ ଭିଡ଼ ଲାଗିରହିଥିବା ବେଳେ ସନ୍ଧ୍ୟାରେ ତୁଳସୀ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଗୁରୁବାର ଭୋରୁ ଶୋଭାଯାତ୍ରା, ଆତସବାଜି ପ୍ରତିଯୋଗିତା ହୋଇଥିଲା। ପୂର୍ବାହ୍ନ ୯ଟାରୁ ଅପରାହ୍ନ ଯାଏ ଠାକୁରଙ୍କ ନୀତିକାନ୍ତି ସହ ସଂକୀର୍ତ୍ତନ, ଭୋଗଲାଗି ହେବା ସହ ଦିନତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ମେଳଣରେ ପ୍ରାୟ ୫୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପଞ୍ଚଦୋଳ ଯାତ୍ରା କମିଟିର କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧିମାନେ ପରିଚାଳନା କରିଥିବା ବେଳେ ନେହେରୁ ସେବା ସଂଘ, ସତ୍ୟସାଇ ସେବାକେନ୍ଦ୍ର, ଦ ହୋଲି ଫ୍ୟାମିଲି, ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସହଯୋଗ କରିଥିଲେ। ସ୍ଥାନୀୟ ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ପୁରୀ ଏମ୍‌ପି ଡା.ସମ୍ବିତ ପାତ୍ର, ଜିଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ପ୍ରମୁଖ ଯାତ୍ରାରେ ଯୋଗଦେଇ ଠାକୁରଙ୍କ ଆଶିଷ ଲାଭ କରିଥିଲେ। ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ, ବାଣପୁର ଥାନାଧିକାରୀ ରମେଶ କୁମାର ଦେବତା ପ୍ରମୁଖ ୩ ପ୍ଲାଟୁନ ଫୋର୍ସ ସହ ପଡିଆରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ମାଲୁଦ ପଞ୍ଚଦୋଳ: ଏକାଠି ହେଲେ ୨୩ ଠାକୁର



ମେଳଣ ପଡ଼ିଆରେ ଦୋଳ ବିମାନ।

କୃଷ୍ଣପ୍ରସାଦ,୨୦।୩
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ମାଲୁଦ ପଞ୍ଚଦୋଳ ଯାତ୍ରା ଆରମ୍ଭ ହୋଇଛି। ମାଲୁଦର ଦଧିବାମନ ଦେବ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିଥାନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୨୩ ଠାକୁର ପଞ୍ଚଦୋଳ ପଡ଼ିଆରେ ନିଜ ଆସ୍ଥାନ ଉପରେ ବିଜେ ହୋଇଛନ୍ତି। ଆକର୍ଷଣ ସାଜିଥିଲା ୧୩ଠାକୁର ଚିଲିକାରେ ପଶି ଆଗମନ କରିବା। ସଂକୀର୍ତ୍ତନ, ଘୋଡା ନାଚ, ବାଘ ନାଚ, ପାଇକ ଆଖଡ଼ା, ଆଦିବାସୀ ବାଦ୍ୟ ଏବଂ ଶ୍ରଦ୍ଧାଳୁଙ୍କ ନୃତ୍ୟର ତାଳେତାଳେ ପଡ଼ିଆରେ ଠାକୁରମାନେ ପହଞ୍ଚି ଆସନ ଗ୍ରହଣ କରିଥିଲେ। ୩ ଦିନ ଧରି ଦୁଇଟି ଗଣନାଟ୍ୟ ନାଟ୍ୟ ପରିବେଷଣ କରିବେ। ଏଠାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ଗୁରୁଜଙ୍ଗ ମେଳଣ ଜମିଲା

ଖୋର୍ଦ୍ଧା,୨୦।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୁରୁଜଙ୍ଗ ଗ୍ରାମ୍ୟ ପଞ୍ଚଦୋଳ କମିଟି ଆନୁକୂଲ୍ୟରେ ସ୍ଥାନୀୟ ମେଳଣ ପଡିଆରେ ବୁଧବାରରାତିରୁ ଠାକୁରମାନେ ଜମାଣ ହୋଇଥିଲେ। ଗୁରୁବାର ସକାଳେ ମଙ୍ଗଳ ଆଳତି, ବାଳଭୋଗ ଅର୍ପଣ କରାଯାଇଛି। ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମେଳଣ ପଡିଆକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଥାନପତିଭାବେ ଶ୍ରୀଧବଳେଶ୍ୱର ବିଜେ କରିଛନ୍ତି। ବିଳମ୍ବିତ ରାତିରେ ସ୍ୱମନ୍ଦିରରୁ ଏକ ବିମାନରେ ଧବଳେଶ୍ୱର ବିରାଟ ପଟୁଆରରେ ମେଳଣ ପଡିଆକୁ ଆସି ବିଜେ କରିଛନ୍ତି। ବିଭିନ୍ନ ଫୁଲରେ ମହାଦେବଙ୍କୁ ସୁସଜ୍ଜିତ କରାଯାଇଛି। ପରେ ବିଭିନ୍ନ ଗ୍ରାମର ଠାକୁରମାନେ ମେଳଣ ପଡିଆରେ ବିଜେ କରିଥିଲେ। ଗୁରୁଜଙ୍ଗ, ଖୋର୍ଦ୍ଧା ସହର ସମେତ ୨୨ ଗ୍ରାମର ଠାକୁର ଏଠାରେ ବିଜେ କରିଛନ୍ତି। ମେଳଣ ପୂର୍ବରୁ କମିଟି ପକ୍ଷରୁ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରାଯାଏ। ୩ଦିନ ଧରି ଠାକୁରଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ, ନାମ ସଂକୀର୍ତ୍ତନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ଠାକୁରଙ୍କୁ ବାଳଭୋଗ, ଶୁଖିଲା ଭୋଗ ଅର୍ପଣ କରାଯାଇଥାଏ। ବିଦାୟ ଦିନ ପ୍ରତ୍ୟେକ ଠାକୁରଙ୍କୁ ହାଣ୍ଡିଭୋଗ ଅର୍ପଣ କରାଯାଏ। କମିଟି ସଭାପତି ବିଧାନ ଚନ୍ଦ୍ର ମହାନ୍ତି କୁହନ୍ତି, ଶୃଙ୍ଖଳିତ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। କୌଣସି ଉଚ୍ଚ ଶବ୍ଦଭେଦି ଆତସବାଜୀ ଫୁଟାଯିବ ନାହିଁ। ପ୍ରଶାସନ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି।

## 'ପୁସ୍ତକମେଳା ଜ୍ଞାନ ବିକାଶର ଏକ ମାଧ୍ୟମ'



ବାର୍ଷିକ ପତ୍ରିକା ଜ୍ଞାନପ୍ରଭାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କୃଷ୍ଣପ୍ରସାଦ,୨୦।୩
(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପଞ୍ଚଦୋଳ ପଡିଆରେ ଷଷ୍ଠ ଆମ ପୁସ୍ତକ ମେଳା ଉଦ୍‌ଘାଟିତ ହୋଇଯାଇଛି। ଦଧିବାମନ ଦେବଙ୍କ ମାର୍ଫତଦାର ସଂଗ୍ରାମ କେଶରୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଉଲ୍ଲାସ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ଦଳେଇ, ମୁଖ୍ୟ ବକ୍ତା ଉମାକାନ୍ତ ରାଉତ, ସମ୍ମାନିତ ଅତିଥିଭାବେ ସୁସାହିତ୍ୟିକ ବିଜୟ ଚନ୍ଦ୍ର ମିଶ୍ର, କେଦାରନାଥ ଦାସ, ବିଭୂତି ହରିଚନ୍ଦନ, ଦୈତାରୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ପୁସ୍ତକ ମେଳା ଜ୍ଞାନ ବିକାଶର ଏକ ମାଧ୍ୟମ। ପୁସ୍ତକ ପଢ଼ିଲେ ଜ୍ଞାନର ବିକାଶ ହୁଏ ଏବଂ ସବୁଠାରୁ ମୂଲ୍ୟବାନ ଧନ ହେଉଛି ଜ୍ଞାନ ବୋଲି ସୁସାହିତ୍ୟିକ ବିଜୟ କୁମାର ମିଶ୍ର ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁସାହିତ୍ୟିକ ଲଳିତ କୁମାର ସ୍ୱାଇଁ, ବିଦ୍ୟାଧର ଦଳବେହେରା ନେତୃତ୍ୱ ନେଇଥିଲେ। ଶିକ୍ଷାବିତ୍ ମହେନ୍ଦ୍ର କୁମାର ବେହେରା, ବିଦ୍ୟାଧର ପ୍ରଧାନ, ସୁରେନ୍ଦ୍ର କୁମାର ପ୍ରଧାନ ଏବଂ ପୁସ୍ତକ ମେଳା ପରିଚାଳନା କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ବାର୍ଷିକ ପତ୍ରିକା ଜ୍ଞାନପ୍ରଭାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା କୈଳାସ ଚନ୍ଦ୍ର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପୁସ୍ତକ ମେଳା ୩ଦିନ ଧରି ଚାଲିବ ବୋଲି ସଦାନନ୍ଦ ଗୌଡ଼ କହିଛନ୍ତି।

## ସମରକଳା ଉତ୍ସବ ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୨୦।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ପଞ୍ଚଦୋଳ ପଡିଆରେ ବାବା ଆଖଣ୍ଡଳେଶ୍ୱର ପାଇକ ଆଖଡ଼ା ସଂଘର ୨ୟ ବାର୍ଷିକ ସମରକଳା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଡିଓ ଅମିୟ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ବ୍ରଜ କିଶୋର ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କୃଷ୍ଣପ୍ରସାଦ ଥାନା ଆଇଆଇସି ଭାବଗ୍ରାହୀ ରାଉତ, ସଂଘ ସଭାପତି ଯୋଗେନ୍ଦ୍ର ନାଥ ବୈରୀଗଞ୍ଜନ, ସମ୍ପାଦକ ସୁକାନ୍ତ ବିଶ୍ୱାଳ, ସଂଘର ସାଂସ୍କୃତିକ ସମ୍ପାଦକ ପ୍ରଭାତ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରଥମ ରାତିରେ ବ୍ରହ୍ମପୁର ପଞ୍ଚାୟତର ପରଳା ଗ୍ରାମ ଏବଂ ବଜ୍ରକୋଟ ପଞ୍ଚାୟତ ରସଦି ଗ୍ରାମର ଖେଳାଳିମାନେ ପାଇକ ଆଖଡ଼ା ପ୍ରଦର୍ଶନ କରିଥିଲେ।ଏହିଅବସରରେ ଉଭୟ ଦଳର ଦଳପତି ଏବଂ ବ୍ଲକର ପାଇକ ଗୁରୁମାନଙ୍କୁ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମା'ରାମଚଣ୍ଡୀଙ୍କ ପଞ୍ଚଦୋଳ ଯାତ୍ରା: ପୂଜା ପାଉଛନ୍ତି ୬୦ ଦେବଦେବୀ



ବେଗୁନିଆ,୨୦।୩(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଗଡମାଣତୀର ଗଡ଼ସ୍ଥିତ ମା' ରାମଚଣ୍ଡୀଙ୍କ ପଞ୍ଚଦୋଳ ଯାତ୍ରା ଆରମ୍ଭ ହୋଇଯାଇଛି। ଗଡମାଣତୀର ଗଡରେ ଥିବା ମହାରାଜାଙ୍କ କଚେରି ଦୁଆରେ ଅତିଥି ଠାକୁରଙ୍କ ଭୋଗଖିଆ ନୀତିରେ ସତନ୍ତ୍ରତା ପରିଲକ୍ଷିତ ହୋଇଛି। ବୁଧବାର ରାତିରୁ ଏହି ପଞ୍ଚଦୋଳ ଯାତ୍ରା ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଉଦଯାପିତ ହେବ। ପଟୁଆରରେ ଗଡମାଣତୀର ଗଡ ବୁଧବାର ରାତିରେ ଥାନପତି ଠାକୁରାଣୀଙ୍କ ଚାଟେରି ଭୋଗ ଖିଆ ନୀତି ହୋଇଥିଲା। ପରେ ବାରପଲ୍ଲୀର ବିଭିନ୍ନ ନାମରେ ନାମିତ ଚଳନ୍ତି ପ୍ରତିମାକୁ ଦୋଳବିମାନରେ ବସାଇ ଶ୍ରଦ୍ଧାଳମାନେ ଯାତ୍ରା ପଡିଆକୁ ବିଜେ କରାଇଥିଲେ। ପ୍ରାୟ ୬୦ ଦେବଦେବୀ ପୂଜା ପାଉଛନ୍ତି। ଆୟୋଜକ ଯାତ୍ରା କମିଟି ପକ୍ଷରୁ ଗତ ୧୫ଦିନ ପୂର୍ବରୁ ଶ୍ରୀମନ୍ଦିରରୁ ମହାପ୍ରସାଦ ଓ ଭୋଗ ପୁଡିଆ ଆସିଥିଲା। ପାନ ଗୁଆ ମହାପ୍ରସାଦ ପୁଡିଆ ଦେଇ ଅତିଥି ଦେବଦେବୀଙ୍କୁ ଆଗୁଆ ନିମନ୍ତ୍ରଣ କରାଯାଇଥିଲା।

## ଘରେ ପଶି ପିଟିଲେ, ଯୁବକଙ୍କୁ ଉଠାଇନେଲେ

### ୩ ଘଣ୍ଟା ପରେ ଅପହୃତ ଯୁବକ ଉଦ୍ଧାର

ଖୋର୍ଦ୍ଧା,୨୦।୩(ପ୍ରଭାତ ପାଣିଗ୍ରାହୀ)

ଘରେ ପଶି ପରିବାରଲୋକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଆଦର୍ଶ ଥାନା ପୋଲିସ ଏକ ମାମଲା (ନଂ.୧୧୮/୨୫) ରୁଜୁକରି ତଦନ୍ତ ଚଳାଇବା ସହ ଅପହୃତ ଯୁବକ କୁମାରବସ୍ତ ଗ୍ରାମର ସୁମିତ ପାଇକରାୟଙ୍କୁ ଉଦ୍ଧାର କରିଛି। ଅଭିଯୋଗ ଅନୁଯାୟୀ, ଗୁରୁଜଙ୍ଗ ମେଳଣ ଥିବାରୁ ସୁମିତଙ୍କ ଘରେ ବନ୍ଧୁବାନ୍ଧବ ଏବଂ ତାଙ୍କ ସାଙ୍ଗମାନେ ଆସିଥିଲେ। ବୁଧବାର ରାତିରେ ମେଳଣ ଜମାଣ ସମୟରେ ସୁମିତ ରୋଷଣି ଦେଖୁଥିବା ବେଳେ ତାଙ୍କୁ କେତେଜଣ ଦୁର୍ବୃତ୍ତ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ପହଞ୍ଚିବାରୁ ଦୁର୍ବୃତ୍ତମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ପ୍ରାୟ ଅଧଘଣ୍ଟା ପରେ ଦୁର୍ବୃତ୍ତମାନେ ପୁଣି ସୁମିତଙ୍କ ଘରେ ପଶି କାର୍, ବାଇକ୍ ସମେତ ଘରର ସମସ୍ତ ଝରକା, କବାଟ ଭାଙ୍ଗିବା ସହ ଆକ୍ରମଣ କରିଥିଲେ। ଏପରିକି ବୋମା ପକାଇ ମାରିଦେବାକୁ ଧମକ ଦେଇଥିଲେ। ତେବେ ଆକ୍ରମଣରେ ଆହତ ସୁମିତ ଚିକିତ୍ସା ପାଇଁ ଗୁରୁବାର ସକାଳ ୭ଟା ଏକ ଗାଡ଼ିରେ ମେଡିକାଲ ଯାଉଥିବା ବେଳେ ଦୁର୍ବୃତ୍ତମାନେ ପୁରୁଣା ଦମକଳଛକ ଗୋଡିପୋଖରୀ ନିକଟରେ ବନ୍ଧୁକ ଦେଖାଇ ତାଙ୍କୁ ଅପହରଣ କରିନେଇଥିଲେ। ଏନେଇ ସୁମିତଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଚଳାଇବା ସହ ପୂର୍ବାହ୍ନ ସାଢ଼େ ୧୦ଟାରେ ସୁମିତଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଥିଲା। ଅନ୍ୟପଟେ ଥାନାଠାରୁ ୧୦୦ମିଟର ଦୂରରୁ ଯୁବକଙ୍କୁ ବନ୍ଧୁକ ଦେଖାଇ ଅପହରଣ କରାଯିବା ଘଟଣା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୩୦ରେ ମୁଖ୍ୟମନ୍ତ୍ରୀଙ୍କ ବାଣପୁର ଗସ୍ତ

### ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର କରିବେ ଶୁଭାରମ୍ଭ

ଖୋର୍ଦ୍ଧା,୨୦।୩(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟ ସରକାରଙ୍କ ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତି ପଞ୍ଚାୟତରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି। ଏହି ଯୋଜନାରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ମୋଟ୍ ୬,୭୯୪ଟି ବିଦ୍ୟାଳୟ ନିର୍ମାଣ ହେବାର ଯୋଜନା ରହିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୩୦ତାରିଖରେ ଖୋର୍ଦ୍ଧା ଜିଲା ବାଣପୁରସ୍ଥିତ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ନାମିତ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ କରିବେ।

ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଗୁରୁବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ପୁରୀ ଏମ୍‌ପି ଡା.ସମ୍ବିତ ପାତ୍ର ଉକ୍ତ ବିଦ୍ୟାଳୟର କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ବାଣପୁରର ମଣ୍ଡଳ ଶିକ୍ଷା ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।



ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସ୍ଥିତି ଅନୁଧ୍ୟାନ କରିବା ସହ ଆଲୋଚନା କରୁଛନ୍ତି।

## ଓଡ଼ିଶାର ପରମ୍ପରା ବହନ କରୁଛି ପଖାଳ

ଖୋର୍ଦ୍ଧା,୨୦।୩(ପ୍ରଭାତ ପାଣିଗ୍ରାହୀ)

ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ଶ୍ୟାମମାଧବ ବାସନ୍ତୀ ପାଠାଗାର ସଭାଗୃହରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ସଂସଦ ସଭାପତି ସତ୍ୟବାଦୀ ବଳିୟାରସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଶାନ୍ତିଲତା ବଳିୟାରସିଂହ, ଗୟାପ୍ରସାଦ ମିଶ୍ର, ଦେବରାଜ ପ୍ରଧାନ, ସ୍ତମ୍ଭକାର ସୁଜିତ ମିଶ୍ର, ରାଜ କିଶୋର ବଳୟାରସିଂହ, ଲକ୍ଷ୍ମୀଧର ବଡ଼ଜେନା, କୃଷ୍ଣଚନ୍ଦ୍ର ହରିଚନ୍ଦନ, ବିନତିମିଶ୍ର, କୈଳାସ ଚନ୍ଦ୍ର ପୃଷ୍ଟି, ନୀଳାଦ୍ରି ନାଥ ଜଗଦ୍ଦେବ ପ୍ରମୁଖ ଯୋଗଦେଇ ପଖାଳ ଦିବସ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବି ଗୋବିନ୍ଦ ଚନ୍ଦ୍ର ମହାରଣା, ଶାନ୍ତିଲତା ଦେବୀ, ଦିବ୍ୟ ଲୋଚନ ଭାରିମଲ୍ଲ, ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ସଂଯୋଜନାରେ ପଖାଳକୁ ନେଇ କବିତା ପାଠ ହୋଇଥିଲା। ଚିନ୍ମୟୀ ପଣ୍ଡା, ଶୁଭଦର୍ଶିନୀ ସ୍ୱାଇଁ, ମିନତି ଦାସ, ନମିତା ତ୍ରିପାଠୀ ଏବଂ ସଞ୍ଜୁକ୍ତା ପଣ୍ଡା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଙ୍ଗୀତ ଗୁରୁ ରାଜାରାମ ବେହେରା, ନୃତ୍ୟ ଗୁରୁ ହେମନ୍ତ କୁମାର ବେହେରା ସଂଯୋଜନା କରିଥିଲେ। ସମ୍ପାଦିକା ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।



ପରେ ସମସ୍ତେ ମିଶି ପଖାଳ ଖାଇଥିଲେ।

**ବାଲୁଗାଁ,(ସଂଗ୍ରାମ ପାଇକରାୟ):** ରାଜ୍ୟ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ୍ରମେ ଗୁରୁବାର ବଡକୁଳ ପାନ୍ଥନିବାସଠାରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କରଙ୍କ ତତ୍ତ୍ୱାବଧାନରେ ଛୁଙ୍କ ପଖାଳ ସାଙ୍ଗକୁ ଓଡ଼ିଆ ଖାଦ୍ୟର ନିଆରା ସମ୍ଭାର ଦେଶ ବିଦେଶରୁ ଆସିଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥିଲା। ପଖାଳ ସହିତ ବଡ଼ିଚୁରା, କଖାରୁ ଫୁଲ ପିଠଉ, ଶାଗଭଜା, ଆଳୁସାରୁ ଚକଟା, ବାଇଗଣ ଭର୍ତ୍ତା, ପଣସ କସା, ଭେଣ୍ଡିଆଳୁ ଫ୍ରାଏ, ଛୁଇଁଆଳୁ ବେସର, ଆମ୍ବ ଛେଚା, ଆଚାର, ପାମ୍ପଡ଼, ସାଲାଡ଼ ଏବଂ ଆମିଷ ମଧ୍ୟରେ ମାଛ ଭଜା ଓ ଚିଙ୍ଗୁଡ଼ି ଛେଚା ଆଦି ବ୍ୟଞ୍ଜନ ଖାଇଥିଲେ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ। ନିରାମିଷ ଥାଳି ସର୍ବନିମ୍ନ ୧୩୫ ଏବଂ ସର୍ବାଧିକ ୩୫୦ ଟଙ୍କା ଥିବା ବେଳେ ଆମିଷ ଥାଳି ୪୫୦ଟଙ୍କା ରହିଥିଲା। ଗ୍ରୀଷ୍ମଋତୁ ଅବଧି ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ନିମନ୍ତେ ଏହି ପଖାଳ ବ୍ୟଞ୍ଜନ ବ୍ୟବସ୍ଥା ଜାରି ରହିବ ବୋଲି ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କହିଛନ୍ତି ।

**ବେଗୁନିଆ,(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ସଦରମହକୁମାସ୍ଥିତ ଆଦର୍ଶ କ୍ଲବ ସଭାଗୃହରେ ପଦ୍ମାଳୟା ଆଦର୍ଶ ଗୃହିଣୀ ସମାଜ ଆନୁକୂଲ୍ୟରେ ପଖାଳ ଦିବସ ପାଳିତ ହୋଇଯାଇଛି। ଏଥିରେ ସଭାନେତ୍ରୀ ମମତା କୁମାରୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବିଷ୍ଣୁ ପ୍ରସାଦ କର ମନ୍ତ୍ରୋଚ୍ଚାରଣ ପୂର୍ବକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପଖାଳକୁ ନୈବେଦ୍ୟ ଭାବେ ସମର୍ପଣ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଡ.ହରିପ୍ରସାଦ ଦାସ ଉକ୍ତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ବେଗୁନିଆ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଣ୍ଡା ମୁଖ୍ୟ ଅତିଥି, ସୁଶ୍ରୀ ସଂଘମିତ୍ରା ରଥ ମୁଖ୍ୟ ବକ୍ତା, ତିଳୋତ୍ତମା ମହାପାତ୍ର, ସୁଧାକର ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କବିକେତନ ଗୌରାଚରଣ ସମନ୍ତସିଂହାରଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠରେ କୈଳାସ ନାଥ ପଟ୍ଟନାୟକ, ରାମଚନ୍ଦ୍ର ବେହେରା, ଶରତ ପଣ୍ଡା, ପତିତପାବନ ବଳବନ୍ତରାୟ, ରାମଚନ୍ଦ୍ର ସାହୁ, ବାସନ୍ତୀ ପ୍ରଧାନ, ବିଜୟଲକ୍ଷ୍ମୀ ଷଡ଼ଙ୍ଗୀ, ପ୍ରଶାନ୍ତ ବାରିକ, ସୁରେନ୍ଦ୍ର ପାଲଟାସିଂହ, କୈଳାସ ଚନ୍ଦ୍ର ସାହୁ, ଅଶ୍ୱିନୀ ପଟ୍ଟନାୟକ, ବଂଶୀଧର ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ଉପସଭାନେତ୍ରୀ ମାନସୀ ଦାସ ଧନ୍ୟବାଦ ଦେଇଥିଲେ।

ସେହିପରି ଶ୍ୱେତପଦ୍ମା ସାହିତ୍ୟ ଓ ସେବା ସଂସଦ ଆନୁକୂଲ୍ୟରେ ପଖାଳ ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଭାଗୀରଥି ପରିଡ଼ା ଅଧ୍ୟକ୍ଷତା କରିଥିଲେ। ସମ୍ପାଦିକା ସୁଶ୍ରୀ ପ୍ରତିମା ପ୍ରଧାନ ଉପସ୍ଥିତ ଥିଲେ। ପରେ ସ୍ୱ ରଚିତ କବିତା ପାଠୋତ୍ସବ ହୋଇଥିଲା। ଉକ୍ତ କବିତା ଆସରରେ ପ୍ରଫୁଲ୍ଲ ସାହୁ, କୋଷାଧ୍ୟକ୍ଷ ସୋମନାଥ ସାହୁ, ଲକ୍ଷ୍ମୀଧର ମହାରଣା, ଶ୍ରୀକୁମାର ସାହୁ, ବାସନ୍ତୀ ସାହୁ, କବିତା ରାଉତ, ଶୁଭଲକ୍ଷ୍ମୀ ପ୍ରଧାନ, ପତିତପାବନ ବଳବନ୍ତରାୟ, ରାମଚନ୍ଦ୍ର ସାହୁ, ରାମ ଚନ୍ଦ୍ର ବେହେରା, ଅନସୂୟା ପଣ୍ଡା, ସୁଦୀପ୍ତା ନାୟକ ପ୍ରମୁଖ ଭାଗନେଇଥିଲେ। ପ୍ରଦୀପ କିଶୋର ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଜଗଦୀଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

**ଘରେ ପଶି ମହିଳାଙ୍କୁ ହତ୍ୟା ଧମକ**

ନିମାପଡ଼ା,୨୦।୩(ବିଚିତ୍ରାନନ୍ଦ ସାହୁ)- ନିମାପଡ଼ା ଓମ୍‌ଫେଡ ଛକ ଗୌତମ ନଗରଠାରେ ରହୁଥିବା ମଧୁସ୍ମିତା ସାହୁଙ୍କ ଘରେ ୪ ଜଣ ବ୍ୟକ୍ତି ଜବରଦସ୍ତି ପଶି ତାଙ୍କୁ ମାରଣାସ୍ତ୍ର ଦେଖାଇ ଗାଳିଗୁଲଜ କରି ହତ୍ୟା ଧମକ ଦେଇଛନ୍ତି। ଏନେଇ ମଧୁସ୍ମିତା ବୁଧବାର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ୮୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।ଗୋପ ଥାନା ଅଧୀନ ଯାଉଁଳିପୋଖରୀ ଗ୍ରାମର ସନ୍ତୋଷ ମିଶ୍ର, ନେତପୁର ଗ୍ରାମର ବିଜୟ ପୃଷ୍ଟି, ପାଇକ ସାହି ଗ୍ରାମର ରମେଶ ଜେନା, ଓରୁଆଳି ଗ୍ରାମର ପ୍ରକାଶ ପ୍ରମୁଖ ଗତ ୯ ତାରିଖ ମଧ୍ୟାହ୍ନ ସମୟରେ ବିଭିନ୍ନ ମାରଣାସ୍ତ୍ର ସହ ମଧୁସ୍ମିତାଙ୍କ ଘରେ ପଶିଥିଲେ। ଗାଳିଗୁଲଜ କରିବା ସହ ରୋଜାଲିନ୍ (ଲିଲି)ଙ୍କୁ କେଉଁଠି ଲୁଚାଇ ରଖିଛ ବୋଲି ପ୍ରଶ୍ନ କରି ବିଭିନ୍ନ ଧମକ ଦେଇଥିବା ମଧୁସ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୩।୨୦୨୫

| | |
|---|---|
| ୪,୬୬,୩୩୬ ଟଙ୍କା | |
| ସୁନା | ୮.୧୦୦ ଗ୍ରାମ୍ |
| ରୁପା | ୪୫.୩୦୦ ଗ୍ରାମ୍ |

## ସଂକ୍ଷେପରେ

### ହାଇୱା ଧକ୍କାରେ ବୃଦ୍ଧ ମୃତ, ଜଣେ ଗୁରୁତର

ଗୋପ,୨୦।୩(ଭାରତୀ ଭୂଷଣ ଉପାଧ୍ୟାୟ)

ବାଲି ବୋଝେଇ ହାଇୱା ଧକ୍କାରେ ବୁଧବାର ଗୋପ ବାୟାକୁଦା ଗ୍ରାମର କୁମର ସେନାପତି(୭୨)ଙ୍କ ମୃତ୍ୟୁ ଘଟିଥିବାବେଳେ ବିଳମ୍ବିତ ରାତିରେ ବିଚିତ୍ରାନନ୍ଦ ମହାରଣା (୩୭) ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଗୋପ ଥାନାରେ ୮୫/୨୫ ଓ ୮୬/୨୫ରେ ମାମଲା ରୁଜୁ କରାଯାଇଛି। ଗ୍ରାମବାସୀ ହାଇୱା (ଓଡି-୦୧-ପି-୩୨୫୩)କୁ ଧରି ପୋଲିସ ଜିମା ଦେଇଛନ୍ତି। ଚାଳକ ଫେରାର ହୋଇଯାଇଛନ୍ତି।

### ଘରୁ ୪ ଲକ୍ଷ ଟଙ୍କା, ସୁନାଗହଣା ଚୋରି

ଡେଲାଙ୍ଗ,୨୦।୩(ରଶ୍ମିରଞ୍ଜନ ପ୍ରଧାନ)

ହରିରାଜପୁର ପାଣ୍ଡି ଅଞ୍ଚଳର ନିପୁର ଗ୍ରାମରୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ନିପୁର ଗ୍ରାମର ଶକୁନ୍ତଳା ଚମ୍ପତିଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ନଗଦ ୪ ଲକ୍ଷ ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଘରେ କେହି ନ ଥିବା ବେଳେ ଦୁର୍ବୃତ୍ତମାନେ ଘର ତାଲା ଓ ଗଡ୍‌ରେଜ ତାଲା ଭାଙ୍ଗି ୪ଟି ହାର, ୭ଟି ସୁନାମୁଦି, ୪ ହଳ କାନଫୁଲ, ୬ଟି ସୁନା ଚୁଡ଼ି, ୭ଟି ମଙ୍ଗଳସୂତ୍ର, ୩ଟି ସୁନା ଚେନ, ୪ ହଳ ରୁପା ପାଉଜି, ପିଲାଙ୍କ ସୁନା ପଦକ, ରୁପା ଅଣ୍ଟା ଡୋର ସହ ନଗଦ ୪ ଲକ୍ଷ ଟଙ୍କା ଚୋରି ହୋଇଥିବା ଶକୁନ୍ତଳା କହିଛନ୍ତି।

### ଗାନ୍ଧୀ ପାର୍କରୁ ନାଗ ସାପ ଉଦ୍ଧାର

ପୁରୀ,୨୦।୩(ଅଜିତ୍ କୁମାର ମହାନ୍ତି)

ଗାନ୍ଧୀ ପାର୍କରୁ ଏକ ନାଗସାପକୁ ଗୁରୁବାର ଉଦ୍ଧାର କରାଯାଇଛି। ଏହା ଏକ ଛୁଆ ସାପ ହୋଇଥିବାରୁ ପାର୍କରେ ଆହୁରି ସାପ ଥିବା ସନ୍ଦେହ କରାଯାଉଛି। କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ସେମାନେ ବସୁଥିବା ସ୍ଥାନ ନିକଟରେ ଏକ ନାଗ ସାପଥିବା ଦେଖିବାକୁ ପାଇ ସ୍ନେକ ହେଲ୍ପ ଲାଇନକୁ ସୂଚନା ଦେଇଥିଲେ। ସ୍ନେକ ହେଲ୍ପ ଲାଇନ ସଦସ୍ୟ ସଂଗ୍ରାମ ମିଶ୍ର ପହଞ୍ଚି ତାହାକୁ ଉଦ୍ଧାର କରିଥିଲେ।

# ପୂଜା ସାମଗ୍ରୀ ଗୋଦାମରୁ ବିପୁଳ ବାଣ ଜବତ

ପୁରୀ,୨୦।୩(ଅଜିତ୍ କୁମାର ମହାନ୍ତି)

ଗତ ୧୫ ତାରିଖରେ ହୋଲିଦିନ ନରେନ୍ଦ୍ର ପୁଷ୍କରିଣୀଠାରେ ବାଣ ଫୁଟାଯିବା ଘଟଣା ନେଇ ପୁରୀ ପୋଲିସ ତଦନ୍ତ ଜାରିରଖିଥିବା ବେଳେ ଗୁରୁବାର କୁମ୍ଭାରପଡ଼ା ଥାନା ଅଧୀନ ନବକଳେବର ଅଞ୍ଚଳର ଏକ ପୂଜା ଓ ଭୋଗ ସାମଗ୍ରୀ ଗୋଦାମରୁ ବିପୁଳ ପରିମାଣର ବାଣ ସମେତ ବାଣ ପ୍ରସ୍ତୁତି ସାମଗ୍ରୀ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୧୧୪/୨୫) ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ଗୋଦାମ ମାଲିକ ବାସେଳିସାହି ଥାନା ଅନ୍ତର୍ଗତ ଓଡ଼ିଆ ମଠ ଅଞ୍ଚଳର ଅଜିତ କୁମାର ସେନାପତିଙ୍କୁ ଗିରଫ କରାଯାଇଛି।

ସୂଚନା ଅନୁଯାୟୀ, ଗତ ହୋଲି ଦିନ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କର ନୀତି ରହିଥିଲା। ନୀତି ସମୟରେ ସେଠାରେ ବହୁ ପରିମାଣର ବାଣ ଫୁଟାଯାଇଥିଲା। ଏପରି କି ପୁରୀ ସହରର ବିଭିନ୍ନ କାର୍ଯ୍ୟକ୍ରମରେ ବାଣ ଫୁଟାଯାଉଛି। ପ୍ରଶାସନ ବାଣଫୁଟା ଉପରେ କଟକଣା ଲଗାଇଥିବା ବେଳେ କିପରି ସହରରେ ଖୁଲମଖୁଲା ବାଣ ଫୁଟାଯାଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିବା ସହ ପୋଲିସର କୋହଳ ମନୋଭାବକୁ ଦାୟୀ କରାଯାଇଥିଲା। ଏହାପରେ ପୋଲିସ ଓ ପ୍ରଶାସନର ଚେତା ପଶିଥିଲା। ଘଟଣାର ତଦନ୍ତ ହେବ ବୋଲି ଜିଲାପାଳ ଏବଂ ଏସ୍‌ପି କହିଥିଲେ। ପୋଲିସ ଉକ୍ତ ଘଟଣାର ତଦନ୍ତ କରୁଥିବାବେଳେ ଆଳୁ ଖୋଳୁ ଖୋଳୁ ମହାଦେବ ମିଳିଲା ପରି କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନବକଳେବର ରୋଡ୍ କେଟିଏମ୍ ଲେନ୍‌ର ଏକ ପୂଜା ଓ ଭୋଗ ସାମଗ୍ରୀ ଗୋଦାମରେ ଗଢିଉଠିଥିବା ବେଆଇନ ବାଣ ଗୋଦାମକୁ ଠାବ କରିଥିଲା। ଏହି ଗୋଦାମରେ ପୋଲିସ ଚଢାଉ କରି ବିପୁଳ ପରିମାଣର ବାଣ ଏବଂ ବାଣ ତିଆରି ସାମଗ୍ରୀକୁ ଜବତ କରିଛି। ୫ରୁ ୬ଟି ମିନିଟ୍ରକ୍‌ରେ ବାଣ, ବାଣ ତିଆରି ସହ ଅନ୍ୟ ସାମଗ୍ରୀ, ୧୫ କେଜି ଓଜନର ୨୦ ପ୍ୟାକେଟ କୋଇଲା, ୪ ବ୍ୟାଗ ପ୍ଲାଷ୍ଟିକ୍ ବଲ, ୧୦ କେଜିର ଦୁଇ ପ୍ୟାକେଟ୍ କେମିକାଲ, ବିପୁଳ ବିସ୍ଫୋରକ, ହାଇସାଉଣ୍ଡ ଶର୍ଟ ୧୫ କାର୍ଟୁନ, ସିଙ୍ଗିଲ ଶର୍ଟ ୨ ବ୍ୟାଗ, କୁମ୍ପି ୧୦ ପ୍ୟାକେଟ, ଝୁରୁଝୁରି ୭ କାର୍ଟୁନ, ହାଇସାଉଣ୍ଡ ବମ୍ ୮ କାର୍ଟୁନ, କଲରଫୁଲ ସୂର୍ଯ୍ୟ ୧୫ କାର୍ଟୁନ୍, ତାଳଫୋଟକା ୫ କାର୍ଟୁନ, ମଲ୍‌ଟିପୁଲ ୬୦ ଶର୍ଟ ୧୪ କାର୍ଟୁନ, ଲଙ୍ଗରେଞ୍ଜ ୩୦ ଶର୍ଟ ୮ କାର୍ଟୁନ, ସୋଡ଼ା ପାଉଡର ୨ ବ୍ୟାଗ, ଆଲୁମିନିୟମ ପାଉଡର ୨ ବ୍ୟାଗ ଆଦି ଜବତ ହୋଇଛି। ଏ ସମ୍ପର୍କରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ପୁରୀ ସହରରେ ବାଣଫୁଟା ଉପରେ କଟକଣା ରହିଛି। ମାତ୍ର ବାଣ ଫୁଟାଯାଉଥିବା ଦେଖିବାକୁ ମିଳିଥିଲା। ତେଣୁ ବାଣ କିପରି ଓ କେଉଁଠୁ ଆସୁଛି ସେ ନେଇ ତଦନ୍ତ ଚାଲିଥିଲା। କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନବକଳେବର ରୋଡ୍‌ର କେଟିଏମ୍ ଲେନରେ ଥିବା ଏକ ପୂଜା ଭୋଗ ସାମଗ୍ରୀ ଗୋଦାମରେ ବେଆଇନ ଭାବେ ବାଣ ବିକ୍ରି ହେଉଥିବା ଖବର ମିଳିଥିଲା। ଏହାପରେ ପୋଲିସ ପକ୍ଷରୁ ଉକ୍ତ ଗୋଦାମରେ ଚଢାଉ କରାଯାଇ ବିପୁଳ ପରିମାଣର ବାଣ ଓ ତିଆରି ସାମଗ୍ରୀ ଜବତ କରାଯାଇଛି। ଗୋଦାମ ମାଲିକଙ୍କୁ ଗିରଫ କରାଯାଇଛି। ସେହିପରି ସମ୍ପୃକ୍ତ ଘର ମାଲିକଙ୍କୁ ଜେରା କରାଯିବ। ସୁରକ୍ଷା ଦୃଷ୍ଟିରୁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପାଣି ପକାଇ ବାଣ ଓ ବିସ୍ଫୋରକଗୁଡ଼ିକୁ ନଷ୍ଟ କରିବା ପରେ ମିନିଟ୍ରକରେ ନିଆଯାଇଥିଲା। ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିଏସ୍‌ପି ସାହୁ କହିଛନ୍ତି। ସେହିପରି ସାହି ବାସିନ୍ଦା ସଚ୍ଚିଦାନନ୍ଦ ବିଶୋଇ କହିଛନ୍ତି, ପୂଜା ସାମଗ୍ରୀ ଗୋଦାମ ଘରେ ବାଣ ବ୍ୟବସାୟ ଚାଲିଥିବା ନେଇ ସାହିଲୋକେ ଜାଣି ନ ଥିଲେ। ଭଗବାନଙ୍କ ଦୟାରୁ କୌଣସି ଅଘଟଣ ପୂର୍ବରୁ ଘଟଣା ଲୋକଲୋଚନକୁ ଆସିଛି। ଅନ୍ୟପକ୍ଷରେ ସାହିରେ ଅନେକ ଦିନ ଧରି ପୂଜା ସାମଗ୍ରୀ ବିକ୍ରୟ ନାମରେ ବାଣ ବ୍ୟବସାୟ ଚାଲିଥିବାବେଳେ ସମ୍ପୃକ୍ତ ଘର ମାଲିକ, ସ୍ଥାନୀୟ ଲୋକେ କିମ୍ବା ପୋଲିସ କିପରି ଜାଣିପାରିଲା ନାହିଁ ତାହାକୁ ନେଇ ପ୍ରଶ୍ନ ଉଠୁଛି।



ଗୋଗାମରୁ ଜବତ ହୋଇଥିବା ବାଣ ଓ ପ୍ରସ୍ତୁତି ସାମଗ୍ରୀ।

**ପ୍ରସ୍ତୁତି ସାମଗ୍ରୀ ଓ ବିସ୍ଫୋରକ ମିଳିଲା, ମାଲିକ ଗିରଫ**

# ଜାତୀୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ପରିବେଷିତ ନାଟକ 'କର୍ଣ୍ଣଭାରମ୍'ର ଏକ ଦୃଶ୍ୟ ।

- ପ୍ରଥମ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା 'କର୍ଣ୍ଣଭାରମ୍'
- ବରେଣ୍ୟ ପଟ୍ଟନାୟକଙ୍କୁ 'ରଙ୍ଗଶାଳା ସମ୍ମାନ'

ପୁରୀ,୨୦।୩(ଅଜିତ୍ କୁମାର ମହାନ୍ତି)

'ରଙ୍ଗଶାଳା' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ୧୫ତମ ଜାତୀୟସ୍ତରୀୟ ନାଟକ ମହୋତ୍ସବ-୨୦୨୫ ପୁରୀର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଶ୍ରୀମନ୍ଦିର ସେବାୟତ ତଥା ଭାଜପା ନେତା ମଧୁସୂଦନ ସିଂହାରୀ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ହୋଟେଲ ହଲିଡେ ରିସର୍ଟର ଅଧ୍ୟକ୍ଷ ରାଜକିଶୋର ପାତ୍ର, ଜିଲା ଭାଜପା ସମ୍ପାଦକ ରମାକାନ୍ତ ନାୟକ, ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ବନମାଳି ବିଶ୍ୱାଳ, ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର, 'ରଙ୍ଗଶାଳା' ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ନାୟକ ଏବଂ ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଭରତ ନାୟକ, ଜିଲା ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଯୋଗଦେଇ ନାଟକ ତଥା କଳା ସଂସ୍କୃତି ବଞ୍ଚାଇ ରଖିବା ନେଇ ଅନୁଷ୍ଠାନର ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ସଭା ପରେ ବିଶିଷ୍ଟ ମଞ୍ଚ କଳାକାର ବରେଣ୍ୟ ପଟ୍ଟନାୟକଙ୍କୁ 'ରଙ୍ଗଶାଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର, ପୁରୀର କଳାକାରମାନେ ଡ. ସୁବ୍ରତ ଷଡ଼ଙ୍ଗୀ ଓ ସନ୍ଦୀପ୍ ଚାଟାର୍ଜୀଙ୍କ ନିର୍ଦ୍ଦେଶିତ ଏବଂ ମହାକବି ଭାସ୍‌ଙ୍କ ରଚିତ ନାଟକ 'କର୍ଣ୍ଣଭାରମ୍' ପରିବେଷଣ କରିଥିଲେ। ଏଥିରେ ଶୁଭଲକ୍ଷ୍ମୀ ଭାରତ, ଲକ୍ଷ୍ମୀପ୍ରିୟା ସରଣ, ମୋନାଲିସା ପାତ୍ର, ଅର୍ପିତା ପ୍ରିୟଦର୍ଶନୀ ମଲ୍ଲ, ଶୁଶ୍ରୀ ରୋଜାଲିନ୍ ମହାରଣା, ସୁମନ ସୁବୁଦ୍ଧି, ଶୁଭମ ପାଇଟାଳ, ଅଂଶୁମାନ ଆଚାର୍ଯ୍ୟ, ଅନନ୍ତ କୁମାର ଦାଶ, ଆନନ୍ଦରାଜ ଷଡ଼ଙ୍ଗୀ, ଦେବାଶିଷ ପଟ୍ଟନାୟକ, ଅଭିଶିଖା ମିଶ୍ର, ସବ୍ୟସାଚୀ ପତି, ରିଶିକେଶ ତ୍ରିପାଠୀ, ବିଶ୍ୱଜିତ୍ କରସିଂ, ସୁନୀଲ ଦାସ, ସ୍ୱର୍ଣ୍ଣଲିପି ଆଚାର୍ଯ୍ୟ, ଯାଜ୍ଞସେନ ପଣ୍ଡା, ବେଦ ପ୍ରକାଶ ମହାପାତ୍ର, ସିଦ୍ଧାର୍ଥ ଶେଖର ସ୍ୱାଇଁ ଅଭିନୟ କରିଥିଲେ।





ସିଉଳା ଗ୍ରାମଠାରେ ସିଉଳା କପ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି ।

## ଭୁବନେଶ୍ୱରର ଏସ୍‌ଏସ୍ ସାନ ଚାମ୍ପିୟନ

ପିପିଲି,୨୦।୩(ଦୁର୍ଗା ମାଧବ ମିଶ୍ର)

ସିଉଳା ଗ୍ରାମଠାରେ ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ସିଉଳା କପ୍ ୨୦୨୫ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଟିମ୍ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚରେ ସିଉଳା ସାଇ ଇଲେଭେନକୁ ହରାଇ ଭୁବନେଶ୍ୱରର ଏସ୍‌ଏସ୍ ସାନ ଦଳ ଚାମ୍ପିୟନ ହୋଇ ଟ୍ରଫି ହାସଲ କରିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ପୁରୀ ନିମାପଡ଼ା ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ସିନେ ତାରକା ବବି ମିଶ୍ର, ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ, ପିପିଲି ସାଂସ୍କୃତିକ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର, ସହସମ୍ପାଦକ ଦୀନବନ୍ଧୁ ବେହୁରା ଅତିଥି ଭାବେ ଯୋଗଦେଇ ବିଜୟୀ ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ଦିଲୀପ ପ୍ରଧାନ, ସଞ୍ଜୟ ବିଶୋଇ, ଅକ୍ଷୟ ବିଶୋଇ, ସୁଶାନ୍ତ ପ୍ରଧାନ, ଟୁକୁନା ବିଶୋଇ ଏବଂ ଆର୍ତ୍ତ ନାୟକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## କଇଁଛ, ଡଲ୍‌ଫିନ୍ ସୁରକ୍ଷା ସଚେତନତା ଶିବିର

ପୁରୀ,୨୦।୩(ଅଜିତ୍ କୁମାର ମହାନ୍ତି)

ପୁରୀର ସାତପଡ଼ା ସହ ଭିତରକନିକା ଓ ଦେବୀ ମୁହାଣରେ ଡଲଫିନ ଦେଖାଯାନ୍ତି। ସେମାନଙ୍କ ସୁରକ୍ଷା, ବଂଶବୃଦ୍ଧି, ଗବେଷଣା ସହ ପର୍ଯ୍ୟଟନ ଦୃଷ୍ଟିକୋଣରୁ ସମ୍ପୃକ୍ତ ଅଞ୍ଚଳର ବିକାଶ ହେବା ଆବଶ୍ୟକ। ଜଙ୍ଗଲ ଓ ପରିବେଶ ବିଭାଗର ଅଧିକାରୀ, ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର, ମତ୍ସ୍ୟଜୀବୀ, ସ୍ଥାନୀୟ ବାସିନ୍ଦା ଓ ଜୈବ ବିବିଧତା ଉପରେ କାମ କରୁଥିବା ବ୍ୟକ୍ତିଙ୍କ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୁରୀ ବନ୍ୟପ୍ରାଣୀ ବିଭାଗ ଏବଂ ଓଡ଼ିଶା ଇକୋଲୋଜି ସେଣ୍ଟରର ମିଳିତ ସହଯୋଗରେ ୧ ମାସ ବ୍ୟାପୀ କଇଁଛ ଓ ଡଲଫିନଙ୍କ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପୁରୀ ୟୁଥ୍ ହଷ୍ଟେଲରେ ଛାତ୍ରୀଛାତ୍ର ଓ ଜଙ୍ଗଲ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ପୁରୀ ସମୁଦ୍ର କୂଳ ଓ ଏହାର ୨ କି.ମି ପରିଧି ମଧ୍ୟରେ ଦେଖାଯାଉଥିବା ବିଭିନ୍ନ ସାମୁଦ୍ରିକ ଜୀବ ସୁରକ୍ଷା ଓ ସେମାନଙ୍କ ଗତିବିଧି ଉପରେ ଅଧ୍ୟୟନ କରିବାକୁ କର୍ମଶାଳାରେ ଆଲୋଚନା ହୋଇଥିଲା। ସେହିପରି ଡଲଫିନଙ୍କ ସଂଖ୍ୟା ଗଣନା ଓ ପ୍ରଜାତି ଚିହ୍ନଟକୁ ଅଗ୍ରାଧିକାର ଦେବାକୁ ବୈଜ୍ଞାନିକମାନେ ବୁଝାଇଥିଲେ। ପୁରୀ ଡିଏଫ୍‌ଓ ବିବେକ କୁମାର, ଉପବନ ସଂରକ୍ଷକ ସୌମ୍ୟକ ସାମନ୍ତରାୟ, ଡଲଫିନ ବିଶେଷଜ୍ଞ ଡ. ମୁନ୍‌ତାଜ ଖାନ୍ ପ୍ରମୁଖ ଯୋଗଦେଇ ଅଲିଭରିଡ୍‌ଲେ ଓ ଡଲଫିନଙ୍କ ସଂକ୍ରାନ୍ତରେ ସବିଶେଷ ତଥ୍ୟ ରଖିଥିଲେ।

## ବ୍ରହ୍ମଗିରି ପଞ୍ଚପାଣ୍ଡବ ମେଳଣ ଆରମ୍ଭ

ବ୍ରହ୍ମଗିରି,୨୦।୩(ସ୍ୱାଧୀନ ଚମ୍ପତିରାୟ)

ଓଡ଼ିଶା ଦୋଳ ମେଳଣ ଇତିହାସରେ ବ୍ରହ୍ମଗିରି ପଞ୍ଚପାଣ୍ଡବ ମେଳଣ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏକ ସାଙ୍ଗରେ ପାଣ୍ଡବ ପାଞ୍ଚ ଭାଇ ବା ୫ଟି ମହାଦେବଙ୍କ ସହିତ ଭଗବାନ୍ ବିଷ୍ଣୁଙ୍କୁ ଏକ ସାଙ୍ଗରେ ଦର୍ଶନ କରି ମୋକ୍ଷ ପ୍ରାପ୍ତି ହେବାର କିମ୍ବଦନ୍ତୀକୁ ଆଧାର କରି ଏହି ମେଳଣର ସୃଷ୍ଟି। ଏନେଇ କେଉଁ ଆବାହନ କାଳରୁ ବ୍ରହ୍ମଗିରିର ଏହି ପଞ୍ଚ ପାଣ୍ଡବ ମେଳଣର ସୃଷ୍ଟି। ୩ ଦିନ ଧରି ଚାଲିଥିବା ମେଳଣର ବୁଧବାର ପ୍ରଥମ ଦିନ ବା ଦିଅଁ ଜମାଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମଧ୍ୟରାତ୍ରରେ ପାଣ୍ଡବ ୫ ଭାଇ ଅର୍ଥାତ୍ ଯୁଧିଷ୍ଠିର ଦେବ ବିଜେ ଗୌଡ଼ିକେରା, ଭୀମେଶ୍ୱରଦେବ ବିଜେ ବେଢ଼ାସୁନ୍ଦର, ଅର୍ଜ୍ଜୁନେଶ୍ୱରଦେବ ବିଜେ କାଳିକାବାଡ଼ି, ନକୁଳେଶ୍ୱରଦେବ ବିଜେ ନାଗେଶ୍ୱର ଓ ସହଦେବ ବିଜେ ବ୍ରହ୍ମଗିରିର ଠାକୁରମାନେ ଏକତ୍ରିତ ହେବା ପରେ ଉକ୍ତ ମେଳଣର ଥାନପତି ଗୋପୀନାଥ ଦେବଙ୍କ ସହ ମିଶି ବିରାଟ ପଟୁଆରରେ ମେଳଣ କୁଞ୍ଜକୁ ବିଜେ କରିଥିଲେ। ଏହି ପାଣ୍ଡବ ପାଞ୍ଚ ଭାଇ ମେଳଣ କୁଞ୍ଜକୁ ପ୍ରବେଶ କରିବା ପରେ ପ୍ରାୟ ୧୦୦ଟି ଦୋଳ ମେଳଣ କୁଞ୍ଜରେ ବିଜେ କରିଥିଲେ। ଉକ୍ତ ମେଳଣଟି ବ୍ରହ୍ମଗିରି ଅଞ୍ଚଳର ଭାଇଚାରାର ଏକ ପ୍ରତୀକ। ଏହାର ସୁପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## କଣାସ ପଞ୍ଚଦୋଳ ଜମିଲା

କଣାସ,୨୦।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଅଞ୍ଚଳର ପଞ୍ଚଦୋଳ ଯାତ୍ରା କଣାସ, ଦୋକନ୍ଦା, ସିରେଇ, ଜଙ୍କିଆ, ଅଣ୍ଡାଳସିଂ ଏବଂ ବକୁଠାରେ ଜମିଛି। କଣାସ ମେଳଣର ଆରାଧ୍ୟ ଠାକୁର ବୈଦ୍ୟନାଥ ଦେବ, କଣାସ ବଡ଼ମଠର ରାଧାକାନ୍ତ ଦେବ, ଶ୍ରୀଲୋକନାଥ ଦେବ, ଲକ୍ଷ୍ମୀନାରାୟଣ ଦେବ, ଭଗବତ ଦେବ, ଭଗବତ ବାସୁଦେବ, ଗାଣ୍ଡପଡ଼ା ଗ୍ରାମର ଭଗବତ ବାସୁଦେବ, ଡିମିରି ଗ୍ରାମର ଭଗବତ ବାସୁଦେବ, ସହନା ଗ୍ରାମର ଭଗବତ ବାସୁଦେବ, ଚାନ୍ଦପଡ଼ା ଗ୍ରାମର ଭଗବତ ବାସୁଦେବ, ପୋତାଘର ଗ୍ରାମର ଭଗବତ ବାସୁଦେବ, ବଡାସ ଗ୍ରାମର ଭଗବତ ବାସୁଦେବ, ବୈଦ୍ୟନାଥପାଟଣା ଗ୍ରାମର ଭଗବତ ବାସୁଦେବ ପୃଥକ ପୃଥକ ଭାବେ ସୁସଜ୍ଜିତ ବିମାନରେ ବସି କଣାସ ସାନମଠ ଠାରୁ ବାହାରି ମେଳଣ ପଡ଼ିଆକୁ ଆସିଥିଲେ। ଠାକୁରଙ୍କ ଆଗେ ଆଗେ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ କାର୍ଯ୍ୟକ୍ରମ, ଗୋଟିପୁଅ ନୃତ୍ୟ, ଚନ୍ଦନପୁରର ଓଡ଼ିଶୀ ନୃତ୍ୟ, ବଡାସ ଗ୍ରାମର ନାଗା ନୃତ୍ୟ, ଜଟଣୀ କଳାକାରଙ୍କ ଦ୍ୱାରା ବାଘ, ଭାଲୁ, ବିଲେଇ, ବୃଷଭ, ଘୋଡ଼ା ନୃତ୍ୟ, କଣାସ କଳାକାରଙ୍କ ଦ୍ୱାରା ନାଗା, ପରୀ, ବୁଢାବୁଢୀ, ଚକ୍ରିନୃତ୍ୟ ବିଶେଷ ଭାବେ ଆକର୍ଷଣ ସାଜିଥିଲା। କଣାସ ଥାନା ଆଇ.ଆଇ.ସି ପ୍ରମୋଦ କୁମାର ଜୁଝାରସିଂହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଉପସ୍ଥିତ ଥିବାବେଳେ ମା' କୁଞ୍ଜେଶ୍ୱରୀ ଗ୍ରାମ୍ୟ ପରିଚାଳନା କମିଟି ସଭାପତି ରୋହିତ ପ୍ରଧାନ, ସମ୍ପାଦକ ପ୍ରଦୀପ ଭୋଳ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ପ୍ରଧାନ, ଗୁଣ୍ଡୁଚି ପ୍ରଧାନ, ଦାମୋଦର ବେହେରା, ଭାଗିରଥି ଖୁଣ୍ଟିଆ ଏବଂ ଅନ୍ୟ ସଦସ୍ୟ ମେଳଣ ପରିଚାଳନା କରିଥିଲେ।



ଠାକୁରଙ୍କୁ ବିମାନରେ ମେଳଣକୁ ନିଆଯାଉଛି ।

## ଇନ୍ଦ୍ରେଶ୍ୱରଙ୍କ ବିମାନ ଓଲଟି ୫ ଆହତ

କଣାସ,୨୦।୩(ବିଭୂତି ଭୂଷଣ ତ୍ରିପାଠୀ)

ଓଲବେଦରପଡ଼ା ଗ୍ରାମର ଆରାଧ୍ୟ ଠାକୁର ବାବା ଇନ୍ଦ୍ରେଶ୍ୱର ଦେବ ପ୍ରତିବର୍ଷ ଭାଇଲିପୁର, ଶୁକଳ, ବାମବରଡା, ବିଜିପୁର, ନନ୍ଦିଗୋଦା, କୋଟକଣା, ବେଣାଗାଁ, ଗଡ଼ସାହି, ମର୍ଦ୍ଧାପଲ୍ଲୀ, ଜଙ୍କିଆ ୧୦କିମି ଅତିକ୍ରମ କରି ଜଙ୍କିଆ ମେଳଣ ପଡ଼ିଆରେ ନିଜ ଆସ୍ଥାନରେ ବିରାଜମାନ କରିଥାନ୍ତି। ଗୁରୁବାର ବାବା ଇନ୍ଦ୍ରେଶ୍ୱର ଦେବ ସୁସଜ୍ଜିତ ବିମାନରେ ଜଙ୍କିଆ ପଞ୍ଚଦୋଳ ମେଳଣକୁ ଆସୁଥିବାବେଳେ ବିଜିପୁର ଠାରେ ବିମାନ ବାହକ ଓ ପୂଜକମାନଙ୍କ ଅସାବଧାନତା ଯୋଗୁ ବିମାନଟି ଓଲଟି ପଡ଼ିଥିଲା। ଫଳରେ ଜଣେ ମହିଳା ଭକ୍ତଙ୍କ ମୁଣ୍ଡ ଫାଟିବା ସହ ଆଖିରେ ଗୁରୁତର ଆଘାତ ଲାଗିଛି। ସେହିପରି ବିମାନ ପାଖରେ ଥିବା ୪ ଜଣ ଭକ୍ତ ଆହତ ହୋଇଛନ୍ତି। ଏପରି ଅଘଟଣକୁ ନେଇ ସାଧାରଣରେ ନାନା ଚର୍ଚ୍ଚା ଚାଲିଛି।

# ପଖାଳ ଖାଇଲେ, ଉପକାରିତା ସମ୍ପର୍କରେ ବୁଝାଇଲେ

ପୁରୀ/ ଡେଲାଙ୍ଗ/କୋଣାର୍କ/ ଚାରିଛକ/ ଅସ୍ତରଙ୍ଗ, ୨୦।୩ ( ଅଜିତ କୁମାର ମହାନ୍ତି/ ରଶ୍ମିରଞ୍ଜନ ପ୍ରଧାନ/ ଜ୍ୟୋତିରାଜ ମହାନ୍ତି/ ଶିଶିର ସ୍ୱାଇଁ/ ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀର ରାଷ୍ଟ୍ରସେବା ଟ୍ରଷ୍ଟ ପକ୍ଷରୁ ଗୁରୁବାର ପଖାଳ ଦିବସ ପାଳନ କରାଯାଇଛି। ମଠ ମହନ୍ତ, ସାଧୁସନ୍ଥ ଏକତ୍ର ପଖାଳ ଖାଇଛନ୍ତି। ପାରମ୍ପରିକ ମାଟିସରାରେ ଦହିପଖାଳ, କଦଳୀପତ୍ରରେ ବିନା ପିଆଜ ରସୁଣରେ ପ୍ରସ୍ତୁତ ୧୫ରୁ ଊର୍ଦ୍ଧ୍ୱ ପ୍ରକାର ଓଡ଼ିଆ ଖାଦ୍ୟ ପରଷା ଯାଇଥିଲା। ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରାଜକୁମାର ଝୁନଝୁନୱାଲା, ରାମାବତାର ଅଗ୍ରୱାଲ, ରାମକୃଷ୍ଣ ଦାସମହାରାଜ, ମହନ୍ତ ଶୁଭାନନ୍ଦ ପୁରୀ ମହାରାଜ, ମହନ୍ତ ଶୁକଦେଲ ଦାସ, ପାପୁଡ଼ିଆ ମଠ ମହନ୍ତ ମହାମଣ୍ଡଳେଶ୍ୱର ରାମକୃଷ୍ଣ ଦାସ, ନାରାୟଣ ରାମାନୁଜ ଦାସ, ଡ. ରାମଚରଣ ଦାସ, ବିଷ୍ଣୁଚରଣ ପଣ୍ଡା, ଡି. ଗର୍ଗ, ଦିଗଦର୍ଶନ ପଟ୍ଟନାୟକ, ଉମାକାନ୍ତ ନାୟକ, ମନୋଜ ରଥ, ବିଷ୍ଣୁଦତ୍ତ ଦାସ ପ୍ରମୁଖ ପଖାଳ ଖାଇବା ସହ ଏହାର ଉପକାରିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ରଞ୍ଜିତା ପାଢ଼ୀ ଓ ସମ୍ପାଦକ ରାଜେଶ ଦେବତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବିଶ୍ୱ ପଖାଳ ଦିବସ ଅବସରରେ ଗୁରୁବାର ପୁରୀ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସର୍କିଟ ହାଉସରେ ପଖାଳ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଏଡିଏମ୍‌ଓ ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଏଡିପିଏସ୍‌ସିଓ ବେଣୁଧର ନାୟକ, ଶିଶୁ ସୁରକ୍ଷା ୟୁନିଟ ଆଇନ ପରାମର୍ଶଦାତା ସନ୍ତୋଷ କୁମାର ସାହୁ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ଚନ୍ଦ୍ରପ୍ରଭା ଦେଇ, ବାଲ୍ୟବତୀ ମହାନ୍ତି, ସିଡିପିଓ, ସୁପରଭାଇଜର ପ୍ରମୁଖ ଯୋଗଦେଇ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳ ଖାଇଥିଲେ। ପ୍ରାରମ୍ଭରେ ଏଡିଏମ୍‌ଓ ଡା. ଆଚାର୍ଯ୍ୟ ପଖାଳର ଉପକାରିତା ଓ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଦହିପଖାଳ ସହ ବ୍ୟଞ୍ଜନରେ ପାରମ୍ପରିକ ବଡ଼ିଚୁରା, ଶାଗ ଭଜା, ବିଭିନ୍ନ ଭଜା ସାମିଲ ଥିଲା। ସେହିପରି 'ଉର୍ଜାବାନ ଓଡ଼ିଶା' ଅନୁଷ୍ଠାନ ପକ୍ଷରୁ ବୁଧବାର ବଡ଼ଶଙ୍ଖଠାରେ ପଖାଳ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, ରାଜନେତା, ସମାଜସେବୀ, ସଂସ୍କୃତିପ୍ରେମୀ ଯୋଗଦେଇଥିଲେ। ସମସ୍ତଙ୍କୁ ପଖାଳ ସହ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପରଷାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା ନିହାରିକା ତ୍ରିପାଠୀ ଅତିଥିମାନଙ୍କୁ ବୃକ୍ଷ ପ୍ରଦାନ କରିଥିଲେ। ଉପଦେଷ୍ଟା ପୁଷ୍ପଜିତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଭାପତି ସନ୍ତୋଷ ସେନାପତି ଧନ୍ୟବାଦ ଦେଇଥିଲେ।

ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ପକ୍ଷରୁ କୁରୁଜଙ୍ଗ ପଞ୍ଚାୟତ ଅଧୀନ ବାମେରା ଗ୍ରାମରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ମହିଳାମାନେ ପଖାଳ ସହ ବିଭିନ୍ନ ପ୍ରକାର ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ପ୍ରାରମ୍ଭରେ 'ହିଂସାକୁ କରିବା ନା' ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ରୂପେ ନୂଆଦିଲ୍ଲୀ ସ୍ମାର୍ଟ ଅନୁଷ୍ଠାନ ପକ୍ଷରୁ ୨ ପର୍ଯ୍ୟବେକ୍ଷକ ମାନସୀ ଚୌଧୁରୀ, ଶୋଭା ଡୋଗ୍ରା, ପୁରୀ ଜିଲା ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ଇତିବାଳା ପ୍ରଧାନ, ଆକାଂକ୍ଷା ମିଶ୍ର, ସୁଶାନ୍ତି ଜେନା ଉପସ୍ଥିତ ଥିଲେ। ରେଡିଓ ନମସ୍କାର ସଂଯୋଜିକା ଏସ୍. କାଜଲ, କୁରୁଜଙ୍ଗ ମହିଳା ମହାସଂଘ ସଭାନେତ୍ରୀ ଝରଣା ପରିଡ଼ା ପ୍ରମୁଖ ମହିଳାଙ୍କୁ ଘରୋଇ ହିଂସା, ବାଲ୍ୟ ବିବାହ ନିରୋଧ ଆଇନ ଆଦି ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ରେଡିଓ ନମସ୍କାର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ ପ୍ରଧାନ, ରାନୁ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

ପୁରୀ ଜିଲା ଚାରିଛକଠାରେ ଚାରିଛକ ପ୍ରେସ୍ କ୍ଲବ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବ ସଭାପତି ଶିଶିର କୁମାର ସ୍ୱାଇଁ, ସମ୍ପାଦକ କେଦାର ନାଥ ସାହୁ, ସନ୍ତୋଷ ଦାସ, ଶଶିକାନ୍ତ ତ୍ରିପାଠୀ, ଉମାକାନ୍ତ ଭୋଇ, ବିନୋଦ ପ୍ରଧାନ, ରଶ୍ମି ରଞ୍ଜନ ସାହୁ, କୃଷକ ନେତା ସନାତନ ପାତ୍ର, ଚନ୍ଦ୍ରକାନ୍ତ ଦଳାଇ ପ୍ରମୁଖ ଏକତ୍ରିତ ହୋଇ ପଖାଳ ଭାତ ସହିତ ଶାଗ, ବଡ଼ିଚୂରା, ବାଇଗଣ ପୋଡ଼ା, ଆଳୁ ଚକଟା ପ୍ରଭୃତି ଓଡ଼ିଆ ଘରର ଖାଦ୍ୟ ଖାଇ ପଖାଳ ଦିବସ ପାଳିଥିଲେ। ଗ୍ରୀଷ୍ମଋତୁରେ ପଖାଳ ଭାତ ତୃଷାର୍ତ୍ତଙ୍କ ପାଇଁ ଅମୃତ ସଦୃଶ। ଶ୍ରୀଜଗନ୍ନାଥ ମଧ ସବୁଦିନ ଭିନ୍ନ ଭିନ୍ନ ପ୍ରକାରର ପଖାଳ ଖାଇଥାନ୍ତି ବୋଲି ଅତିଥିମାନେ କହିଥିଲେ।

ଅସ୍ତରଙ୍ଗ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସବୁଜ ଶାଖା ଆନୁକୂଲ୍ୟରେ ପଖାଳ ଦିବସ ପାଳିତ ହୋଇଯାଇଛି। ଅଞ୍ଚଳର ଶିକ୍ଷାବିତ୍, କବି, କବୟିତ୍ରୀଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଦିବସରେ ଦହି ପଖାଳ ସହ ୩୫ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ପରଷା ଯାଇଥିଲା। ଅନୁଷ୍ଠାନ ଉପଦେଷ୍ଟା ଦିବାକର ଛାଟୋଇ, ଖବରଦାତା ବିପିନ ଦାଶ, ଅସ୍ତରଙ୍ଗ ମିଡିଆ ଫୋରମ ସଭାପତି ବିଜୟ ବେହେରା, ପରିବେଶବିତ୍ ସୋମ୍ୟରଞ୍ଜନ ବିଶ୍ୱାଳ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

ବିଶ୍ୱ ପଖାଳ ଦିବସ ଅବସରରେ ନିଖିଳ ଓଡ଼ିଶା ଉପଭୋକ୍ତା ସୁରକ୍ଷା ମହାସଂଘ ପକ୍ଷରୁ ଡେଲାଙ୍ଗ ରାମଚନ୍ଦ୍ରପୁରସ୍ଥିତ ବିଜୟ ମଣ୍ଡପଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ଚିତ୍ରସେନ ନିଶଙ୍କ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସମ୍ମିଳିତ ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋରଚନ୍ଦ୍ର ଛୋଟରାୟ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କଂଗ୍ରେସ ନେତ୍ରୀ ନିରୁପମା ପାତ୍ର, ଯୁବ କଂଗ୍ରେସର ବିଶ୍ୱରଞ୍ଜନ ବଳବନ୍ତରାୟ, ମହାସଂଘ ଉପଦେଷ୍ଟା ପ୍ରସନ୍ନ ତ୍ରିପାଠୀ, ସମବାୟ ସଙ୍ଗଠକ ପ୍ରତାପ ଚନ୍ଦ୍ର ସାମଲ, ଡେଲାଙ୍ଗ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଲଛମନ ଦଳେଇ, ଡେଲାଙ୍ଗ ହାଟ ବଜାର ବ୍ୟବସାୟୀ ସଂଘ ସଭାପତି ମନୋରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଙ୍କୁ ପଖାଳ ସହ ୧୪ ପ୍ରକାର ବ୍ୟଞ୍ଜନରେ ଆପ୍ୟାୟିତ କରାଯାଇଥିଲା।



ପୁରୀର ରାଷ୍ଟ୍ରସେବା ଟ୍ରଷ୍ଟ ପକ୍ଷରୁ ପଖାଳ ଦିବସ ପାଳନ ଅବସରରେ ମଠ ମହନ୍ତ, ସାଧୁସନ୍ଥ ଓ ଲୋକେ ଏକତ୍ର ପଖାଳ ଖାଉଛନ୍ତି।

**ବିଶ୍ୱ ଘରଚଟିଆ ଦିବସ ପାଳିତ**

ନିଆଳି,(ସୁକାନ୍ତ କୁମାର ସିଂହ): ଓଡ଼ିଶା ବାୟାଡ଼େର ସୁରକ୍ଷା ଅଭିଯାନ ପକ୍ଷରୁ ନିଆଳିସ୍ଥିତ ମହିମା ଅଲେଖ ଆଶ୍ରମ ପରିସରରେ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସମ୍ପାଦକ ପାବନୀ ବସ୍ତିଆ, ଆବାହକ ପୀତାମ୍ବର ରାଉତ, ବାବା ଫଗୁ ଦାସ, ଶିକ୍ଷାବିତ୍ ଅଶୋକ ରାୟ, ସାମାଜିକ କର୍ମୀ ଅବ୍ଦୁଲ ବାରି, ଅଜିତ୍ ସେନାପତି, ଡଳି ରାଉତ, ନମିତା ସେଠୀ, ଆରତୀ ରାଉତଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ଏହି ଉପଲକ୍ଷେ ଘରଚଟିଆର ମଙ୍ଗଳ ପାଇଁ ଦୀପଦାନ କରାଯାଇଥିଲା। ଏବେ ଘରଚଟିଆଙ୍କ ବଂଶ ଲୋପ ହେବାକୁ ବସିଲାଣି। ତେଣୁ ବିଭିନ୍ନ ସ୍ଥାନରେ ଚାଳଚୁଙ୍ଗି କଲେ ଏମାନେ ବଂଶ ବିସ୍ତାର କରିପାରନ୍ତେ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ଚୌଦ୍ୱାର,୨୦।୩(ଆଶୁତୋଷ ଦାସ)

ଆକ୍ରମଣ ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଓଟିଏମ୍ କଲୋନୀର ସ୍ନେହାଶିଷ ମଲ୍ଲିକ। ଶନିବାର ହୋଲି ଦିନ ଉକ୍ତ କଲୋନୀର କମଳ କୁମାର ପ୍ରଧାନଙ୍କ ଘର ସମ୍ମୁଖରେ ୪ ଜଣ ଯୁବକ ହୋହଲ୍ଲା କରିଥିଲେ। ଏହାକୁ କମଳ ବିରୋଧ କରିବାରୁ ସେମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୬୪/୨୫) ରୁଜୁ କରିବା ସହ ସ୍ନେହାଶିଷଙ୍କୁ ଗିରଫ କରିଥିଲା।

## ଯାତ୍ରୀବାହୀ ବସ୍‌କୁ ଧକ୍କାଦେଲା ଜେସିବି

ବାରଙ୍ଗ,୨୦।୩(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତାର ପଦ୍ମନାଭ ନଗର ମଠ ଛକରେ ଯାତ୍ରୀବାହୀ ବସ୍‌କୁ ଏକ ଜେସିବି ଧକ୍କା ଦେଇଛି। ସୌଭାଗ୍ୟବଶତଃ ବସ୍‌ରେ ଥିବା ଯାତ୍ରୀ ସୁରକ୍ଷିତ ଭାବେ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଥିବାବେଳେ କେତେଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗୁରୁବାର ଏକ ଯାତ୍ରୀବାହୀ ବସ୍ (ଓଡି ୧୯ଜେଡ ୧୧୭୭) ଅନୁଗୋଳରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ପଦ୍ମନାଭ ନଗର ମଠ ଛକରେ ଏକ ଜେସିବି (ଓଡି ୩୩ଏବି ୮୫୫୫) ବସ୍‌ଟିକୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସ୍‌ର ପଛପଟ ଭାଙ୍ଗି ଯାଇଥିଲାବେଳେ ଅଳ୍ପ କେତେଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବାରଙ୍ଗ ଥାନା ପୋଲିସ ସେଠାରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଦାଦାବଟିକୁ କେନ୍ଦ୍ରକରି ବୋମାମାଡ଼ ଘଟଣା: ୨ଗିରଫ

ସାଲେପୁର,୨୦।୩(ଅରବିନ୍ଦ ଭୂୟାଁ)

ଦାଦାବଟି ନ ଦେବାରୁ ସାଲେପୁର ବ୍ଲକର କୁଶପୁର ଗ୍ରାମରେ ମାର୍ଚ୍ଚ ୧୭ରେ ବୋମା ମାଡ଼ ହୋଇଥିଲା। ପୋଲିସ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତପୁର ଥାନା ଜରିପଡ଼ା ଗ୍ରାମର ପ୍ରଶାନ୍ତ ଦାସ, ତିଳିଦା ଗ୍ରାମର ହୁମାୟୁନ୍ ରସିଦ। ପୋଲିସ ସୂଚନା ଅନୁଯାୟୀ, ଗୋପୀନାଥପୁର ବଜାରରେ ଦୋକାନ କରିଥିବା କୁଶପୁର ଗ୍ରାମର ମକସୁଦ୍ ଖାଁଙ୍କୁ ଅଭିଯୁକ୍ତ ଦ୍ୱୟ ଦାଦାବଟି ମାଗିଥିଲେ। ମକସୁଦ ସେମାନଙ୍କୁ ବଟି ନ ଦେବାରୁ ୧୭ତାରିଖ ବିଳମ୍ବିତ ରାତ୍ରିରେ ପ୍ରଶାନ୍ତ ଓ ହୁମାୟୁନ ତାଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ। ଏନେଇ ମକ୍‌ସୁଦ ଖାଁ ଜପକୁଦ ଫାଣ୍ଡି ଓ ସାଲେପୁର ଥାନାରେ ଲିଖିତ ଅଭିଯୋଗ କଲାପରେ ପୋଲିସ ମାମଲା (ନଂ. ୧୦୬/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ଆମ୍ବଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ତିଗିରିଆ,୨୦।୩(ଜାଫର ଖାଁ)

ତିଗିରିଆ ଥାନା ଅନ୍ତର୍ଗତ ଭୋଗଡା ପଞ୍ଚାୟତସ୍ଥିତ ଭେଜିଆ (ମରିଚିଆ) ଗ୍ରାମ ନିକଟ ଏକ ଆମ୍ବତୋଟାରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ନବକିଶୋର ନାଏକ(୪୦)। ତିଗିରିଆ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୩/୨୫) ରୁଜୁ ହୋଇଛି। ପାରିପାର୍ଶ୍ୱିକସ୍ଥିତିରୁ ଏହା ଏକ ଆତ୍ମହତ୍ୟା ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏନେଇ ଅଧିକ ତଥ୍ୟ ମିଳିପାରିବ ବୋଲି ଆଇଆଇସି ସମରେନ୍ଦ୍ର ପାଇକରାୟ କହିଛନ୍ତି। ନବକିଶୋର ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ବୁଧବାର ରାତିରୁ ସେ ଘରୁ କେଉଁଆଡେ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ନବକିଶୋରଙ୍କ କୌଣସି ପତ୍ତା ମିଳି ନ ଥିଲା। ଗୁରୁବାର ଗ୍ରାମ ନିକଟ ଆମ୍ବ ତୋଟାରେ ଜଣେ ବ୍ୟକ୍ତି ଛେଳି ଚରାଇବାକୁ ଯାଇଥିବା ବେଳେ ତୋଟା ମଧ୍ୟରେ ଥିବା ଏକ ଗଛରେ ନବକିଶୋରଙ୍କ ଝୁଲନ୍ତା ମୃତଦେହ ଦେଖି ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ।

# ଶିଶୁଭବନ ନୂତନ କୋଠାରେ ଅବ୍ୟବସ୍ଥା

କଟକ,୨୦।୩(ଶିକ୍ସା ପ୍ରିୟଦର୍ଶିନୀ)



ଅପରିଷ୍କାର ହୋଇପଡ଼ିଥିବା ଶିଶୁଭବନ ନୂତନ କୋଠା।

■ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି
■ଅପରିଷ୍କାର ହୋଇପଡ଼ିଛି ଶୌଚାଳୟ

କଟକ ଶିଶୁଭବନର ନୂତନ କୋଠାରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସେଠାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଫଳରେ ପୁରୁଣା କୋଠାରେ ଥିବା କର୍ମଚାରୀଙ୍କୁ ନେଇ ନୂତନ କୋଠାରେ କାର୍ଯ୍ୟ କରାଯାଉଛି। ଉକ୍ତ କୋଠାର ଚଟାଣ ସଫା କରାଯାଉ ନ ଥିବାରୁ ଅପରିଷ୍କାର ହୋଇପଡ଼ିଛି। ଏପରି କି ଲିଫ୍ଟରେ ଯାତାୟାତ ପାଇଁ ରୋଗୀ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଶିଶୁଭବନର ଜି+୬ ନୂତନ କୋଠା ଗତ ଫେବୃଆରୀ ୧୫ ତାରିଖରେ କାର୍ଯ୍ୟକାରୀ ହୋଇଥିଲା। ପ୍ରଥମେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରେ ଆଡ୍‌ମିନିଷ୍ଟ୍ରେଟିଭ ୟୁନିଟ୍ କାର୍ଯ୍ୟକାରୀ କରାଯାଇଥିଲା। ଏହାପରେ ମେଡିସିନ ଓ ସର୍ଜରି ଓପିଡି ଖୋଲିଥିଲା। କିଛିଦିନ ବ୍ୟବଧାନରେ ମେଡିସିନ ଓ ସର୍ଜରି ୱାର୍ଡ କାର୍ଯ୍ୟକାରୀ କରାଯାଇଥିଲା। ଏହି କୋଠାର ଉପର ମହଲାରୁ ତଳକୁ ଯିବାଆସିବା କରିବା ପାଇଁ ୭ଟି ଲିଫ୍ଟ କାର୍ଯ୍ୟ କରୁଛି। ହେଲେ ଲିଫ୍ଟ ପରିଚାଳନା ପାଇଁ କର୍ମଚାରୀ ନାହାନ୍ତି। ଫଳରେ ଶିଶୁରୋଗୀଙ୍କ ସମ୍ପର୍କୀୟ ଗୋଟିଏ ମହଲାକୁ ଯିବା ପରିବର୍ତ୍ତେ ଭୁଲ୍‌ବଶତଃ ଅନ୍ୟଆଡେ ବାଟବଣା ହୋଇ ଘୂରି ବୁଲୁଛନ୍ତି। ସେହିପରି କୋଠାର ତୃତୀୟ ମହଲାରେ ଟ୍ୟାପ୍ ଖୋଲା ରହିବାରୁ ପାଣି ବାହାରି ଉକ୍ତ ଅଞ୍ଚଳ ଜଳମଗ୍ନ ହୋଇପଡୁଛି। ଅପରପକ୍ଷରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଉକ୍ତ କୋଠାରେ ଥିବା ଶୌଚାଳୟ ସଫା ନ ହୋଇ ଅପରିଷ୍କାର ହୋଇପଡିଛି। ସମସ୍ୟା ସମ୍ପର୍କରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର କହିଛନ୍ତି, ନୁତନ କୋଠା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇନାହିଁ। ଅନ୍ୟାନ୍ୟ କାମ ଜାରି ରହିଛି। ପୁରୁଣା କର୍ମଚାରୀଙ୍କୁ ନେଇ ଏବେ କାର୍ଯ୍ୟ କରାଯାଉଛି। କର୍ମଚାରୀ ନିଯୁକ୍ତି ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି। ପୂର୍ବ ଅପେକ୍ଷା ନୂତନ କୋଠାରେ ରୋଗୀଙ୍କ ସମ୍ପର୍କୀୟ ଭଲ ସେବା ପାଉଛନ୍ତି। ଯାହା ଅବ୍ୟବସ୍ଥା ରହିଛି ଖୁବ୍‌ଶୀଘ୍ର ସେଥିରେ ସୁଧାର ଆଣାଯିବ ବୋଲି ସେ କହିଛନ୍ତି।

# ବୈଷ୍ଣବୀଙ୍କ ଶରୀରରେ ଲାଗିବ କୃତ୍ରିମ ଗୋଡ଼

କଟକ,୨୦।୩(ଶିକ୍ସା ପ୍ରିୟଦର୍ଶିନୀ)

**ଦୁର୍ଘଟଣାରେ ଗୋଡ଼ ହରାଇବା ଘଟଣା**



ବୈଷ୍ଣବୀ ସିଂ

ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅନ୍ତର୍ଗତ କରଞ୍ଜିଆ ଗ୍ରାମର ବୈଷ୍ଣବୀ ସିଂ(୮)ଙ୍କ ଶରୀରରେ କୃତ୍ରିମ ଗୋଡ଼ ଲଗାଯିବ। ସେ ଏବେ ଆଇସିୟୁରେ ରହି ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟାବସ୍ଥା ଠିକ୍ ହେବା ପରେ ତାଙ୍କ ଶରୀରରେ କୃତ୍ରିମ ଗୋଡ଼ ଲଗାଯିବ ବୋଲି ଏସ୍‌ସିବିର ପ୍ଲାଷ୍ଟିକ ସର୍ଜରି ବିଭାଗୀୟ ମୁଖ୍ୟ ଡା. ବିଭୂତି ଭୂଷଣ ନାୟକ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ ୧୪ ତାରିଖ ଅପରାହ୍ନରେ ବୈଷ୍ଣବୀ ତାଙ୍କ ମା' ମମତା ସିଂଙ୍କ ସହ ସମ୍ପର୍କୀୟଙ୍କ ବାଇକ୍‌ରେ ମେଳା ବୁଲିବାକୁ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ବୈଷ୍ଣବୀଙ୍କ ବାମ ଗୋଡ଼ ସମ୍ପୂର୍ଣ୍ଣ ଛିଣ୍ଡି ଶରୀରରୁ ଅଲଗା ହୋଇଯାଇଥିଲା। ବେତନଟୀ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବିର ପ୍ଲାଷ୍ଟିକ ସର୍ଜରି ବିଭାଗରେ ଅସ୍ତ୍ରୋପଚାର କରାଯାଇ ବୈଷ୍ଣବୀଙ୍କ ବାମ ଗୋଡ଼ ଯୋଡ଼ା ହୋଇଥିଲା। ହେଲେ ସଂକ୍ରମଣ ହେବାରୁ ବୁଧବାର ତାଙ୍କ ଶରୀରରୁ ଗୋଡ଼କୁ ଅଲଗା କରାଯାଇଥିଲା।

## ଉଦ୍ୟାନ କୃଷି ସମ୍ପର୍କରେ ତାଲିମ ନେଲେ ଚାଷୀ

କଟକ ସଦର,୨୦।୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ଦକ୍ଷତା ବୃଦ୍ଧି ତାଲିମ ଶିବିର ବୁଧବାର କିଶୋର ନଗରଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଯୋଗାଇ ଦେଉଥିବା ସୁବିଧାର ଲାଭ ଚାଷୀମାନେ ଉଠାଇବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଆତ୍ମାର ସଭାପତି ରମା ପ୍ରସାଦ ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି ହୃଷୀକେଶ ଜେନା, କିଶୋର ନଗର ସମବାୟ ସମିତି ସଭାପତି ବିରଞ୍ଚି ପଣ୍ଡା ଓ କିଶୋର ନଗର ସରପଞ୍ଚ ସୁଜାତା ସେଠୀ ଯୋଗଦେଇଥିଲେ। ମୁଗ ଫସଲରେ ରୋଗ ଓ ପୋକ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ମୋନାଲିସା ଜେନା ବୁଝାଇଥିଲେ। ଏହି ଅବସରରେ ତେଲଦିଆର ନାରାୟଣ ମଲ୍ଲିକ ଓ ଦିଲୀପ ସାହୁଙ୍କୁ ଅଗ୍ରଣୀ ଚାଷୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଜପା ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ, ପ୍ରଭାତ ସେଠୀ, ଅବିନାଶ ମହାନ୍ତି, ରଘୁନାଥ ଚୌଧୁରୀ, ଖିତିନ୍ଦ୍ର ମିତ୍ର, ଅଭୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ବିଶିଷ୍ଟ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ବିୟୋଗରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ଶୋକସଭାରେ ଉପସ୍ଥିତ ସଦସ୍ୟବୃନ୍ଦ।

## ରାସ୍ତାପାର୍ଶ୍ୱରେ ମାଂସ ବ୍ୟବସାୟ ବନ୍ଦ ଦାବି

ଚୌଦ୍ୱାର,୨୦।୩(ଆଶୁତୋଷ ଦାସ)

ଚୌଦ୍ୱାର ଅଞ୍ଚଳର ରାସ୍ତାପାର୍ଶ୍ୱରେ ଛେଳି ଓ କୁକୁଡା କଟାଯାଇ ଏହାର ମାଂସ ବିକ୍ରି କରାଯାଉଛି। ଏଭଳି ଦୃଶ୍ୟ କୋମଳମତି ଛାତ୍ରୀଛାତ୍ର, ମହିଳା ଓ ନିରାମିଶାଷି ବ୍ୟକ୍ତିଙ୍କ ମନରେ କୁପ୍ରବାହ ପକାଉଛି । ତେଣୁ ଏହି ବିକ୍ରି ଉପରେ ରୋକ୍ ଲଗାଇବା ପାଇଁ ଷ୍ଟେଟ୍ ହ୍ୟୁମାନ ରାଇଟ୍ସ କାଉନସିଲ ଦାବି କରିଛି। ଏ ସମ୍ପର୍କିତ ଏକ ଦାବିପତ୍ର ଗୁରୁବାର ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଏହି ବ୍ୟବସାୟ ପାଇଁ ସ୍ୱତନ୍ତ୍ର ସ୍ଥାନ ନିରୁପଣ ସହିତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ସଭାପତି ସସ୍ମିତା ଦାସ, ନାରାୟଣ ବିଶ୍ୱାଳ, ରଞ୍ଜନ କୁମାର ବେହେରା, ସଞ୍ଜିତ୍ ମହାନ୍ତି, ଶିବାୟ ସାହୁ ପ୍ରମୁଖ ନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରର ଏକ ନକଲ ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ଓ କଟକ ଡିସିପିକୁ ପ୍ରଦାନ କରାଯାଇଥିବା ଜଣାପଡିଛି।



କଟକ ଅନ୍ନପୂର୍ଣ୍ଣା ଥିଏଟରରେ ଥିଏଟର ଫର୍ ଏଜୁକେଶନାଲ ଆୱାରନେସ୍ ମୁଭ୍‌ମେଣ୍ଟ ଭୁବନେଶ୍ୱର ପକ୍ଷରୁ ମଞ୍ଚସ୍ଥ ନାଟକ 'ଶୂନ୍ୟତାର ଝଡ଼'ର ଏକ ଦୃଶ୍ୟ।

# 'ସମାଜର ପ୍ରତ୍ୟେକ ସ୍ତରରେ ଉନ୍ନତି ଆସିବା ଆବଶ୍ୟକ'

କଟକ,୨୦।୩(କାର୍ତ୍ତିକ ସାହୁ)

**ରେଭେନ୍‌ଶା ସମାଜଶାସ୍ତ୍ର ବିଭାଗ ପକ୍ଷରୁ କର୍ମଶାଳା**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମାଜଶାସ୍ତ୍ର ବିଭାଗ ପକ୍ଷରୁ ଭାରତୀୟ ସ୍ୱାଧୀନତା ପରେ ବିକାଶ ଧାରାର ପୁନଃବିଚାର ଶୀର୍ଷକ ଆଲୋଚନାଚକ୍ର ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗ ପ୍ରଫେସର ଡ. ସତ୍ୟପ୍ରିୟ ରାଉତ ଯୋଗଦେଇ କହିଛନ୍ତି, ଭାରତର ବିକାଶ ଧାରା ପାଶ୍ଚାତ୍ୟ କୈନ୍ଦ୍ରିକ ହେବା କଥା ନୁହେଁ। ରାଷ୍ଟ୍ରର ପୁନରୁଦ୍ଧାର ପାଇଁ ଜାତି, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ସମାଜର ପ୍ରତ୍ୟେକ ସ୍ତରରେ ସର୍ବାଙ୍ଗୀନ ଉନ୍ନତି ଆସିବା ଆବଶ୍ୟକ। ନିଜର ଆଭ୍ୟନ୍ତରଣୀୟ ପରିସ୍ଥିତି, ପରମ୍ପରାର ଆବଶ୍ୟକତା ଏବଂ ଆକାଂକ୍ଷା ଉପରେ ଭାରତର ବିକାଶ ଆଧାରିତ ହେବା ଉଚିତ୍ ବୋଲି ସେ କହିଛନ୍ତି। ବିଭାଗୀୟ ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେଇଥିଲେ। ସହାୟକ ପ୍ରଫେସର ଡ. ମନୋସ୍ମିତା ମହାପାତ୍ର ଏବଂ ଈଶ୍ୱର ଚନ୍ଦ୍ର ନାୟକ ମାନପତ୍ର ପ୍ରଦାନ କରିଥିଲେ। ପ୍ରଫେସର ଜେମ୍ସ କିଣ୍ଡୋ ଧନ୍ୟବାଦ ଦେଇଥିଲେ। ପ୍ରଫେସର ମନୋରଞ୍ଜନ ଦାସ, ପ୍ରଫେସର ଜ୍ଞାନରଞ୍ଜନ ପୃଷ୍ଟି, ଅଧାପିକା ଚିନ୍ମୟୀ ମହଲା, ଅଭିପ୍ସା ରାୟ, ଦେବରତୀ ସେନଗୁପ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଭିନ୍ନ ବିଭାଗର ଅଧାପିକା, ଅଧାପକ, ଗବେଷିକା, ଗବେଷକ ଏବଂ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଆକାଶ ତ୍ରିପାଠୀ, ପ୍ରଜ୍ଞାନ ପୂଜାରୀ, ଶ୍ରାବଣୀ ପଲେଇ, ସନ୍ଦୀପ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବେଆଇନ ମାଟି ଉଠାଣ, ୫ ଡ୍ରାଇଭର ଅଟକ

ମଙ୍ଗୁଳି-ଜଗତପୁର,୨୦।୩(ମାନସ ସାମଲ)

ବେଆଇନ ଭାବେ ମାଟି ଉଠାଇବା ଘଟଣାରେ ଟାଙ୍ଗୀ ପୋଲିସ ୫ ଜଣ ଚାଳକଙ୍କୁ ଗୁରୁବାର ଥାନାରେ ଅଟକ ରଖିଛି। ଏଥିସହ ୪ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବତ କରିଛି। ପୋଲିସ ସୂଚନା ମୁତାବକ, ଟାଙ୍ଗୀ ଥାନା ଅଧୀନ ରାମଚନ୍ଦ୍ରପୁର ଓ ଭଟିମୁଣ୍ଡା ଗ୍ରାମରୁ ଜେସିବି ସହାୟତାରେ ବେଆଇନ ଭାବେ ମାଟି ଉଠାଯାଇ ଟ୍ରାକ୍ଟରରେ ଲୋଡ୍ କରାଯାଉଥିଲା। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ଗାଡ଼ି ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି। ପ୍ରତିଦିନ ଏଭଳି ଭାବେ ଚଢାଉ ଜାରି ରହିବ ବୋଲି ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର କହିଛନ୍ତି।

# ଶାଶୁଘରୁ ନବବିବାହିତା ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

ବାଙ୍କୀ,୨୦।୩(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଥାନା ଅନ୍ତର୍ଗତ ସୁବର୍ଣ୍ଣପୁରବିଟ୍ ହାଉସ ଅଧୀନ ବନ୍ଦାଳ ପଞ୍ଚାୟତସ୍ଥିତ ଶୁଳିଆପଦା ଗ୍ରାମରୁ ଜଣେ ନବବିବାହିତା ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ପ୍ରସନ୍ନ କୁମାର ମାହାଳି ଓ ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତା ତାଳବସ୍ତ ଫାଣ୍ଡି ଅଞ୍ଚଳର ବୋଲି ଜଣାପଡିଛି। ୨ ମାସ ପୂର୍ବେ ସୁବର୍ଣ୍ଣପୁର ବିଟ୍ ହାଉସ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତର ସାଗର ଭୋଇଙ୍କୁ ସେ ପ୍ରେମ ବିବାହ କରିଥିଲେ। ଶାଶୁଘରେ କୌଣସି କାରଣବଶତଃ ଝଗଡ଼ା ଲାଗିବାରୁ ସେ ପିନ୍ଧା ଲୁଗାରେ ଝୁଲି ପଡିଥିବା ଚର୍ଚ୍ଚା ହେଉଛି। ଅପରପକ୍ଷେ ଝିଅକୁ ହତ୍ୟା କରାଯାଇଛି ବୋଲି ମା' ବାଙ୍କୀ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୧୦୮/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଏହି ଘଟଣାରେ ପୋଲିସ ସାଗରଙ୍କୁ ଗିରଫ କରିଛି।

# ପଖାଳ ଦିବସ ପାଳିତ

ମଙ୍ଗୁଳି-ଜଗତପୁର/ବାଙ୍କୀ/ସାଲେପୁର ୨୦।୩(ମାନସ ସାମଲ/ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଅରବିନ୍ଦ ଭୂୟାଁ) )

ସାଲେପୁର ଭାଜପା ମଣ୍ଡଳ ପକ୍ଷରୁ ଜଗତପୁର ଥାନା ଅଧୀନ ଚମ୍ପତିଠାରେ ବିଶ୍ୱ ପଖାଳ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଯୁବ ସଙ୍ଗଠକ ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି କାର୍ଯ୍ୟକ୍ରମ ଯୋଗଦେଇଥିଲେ। ସେମାନଙ୍କୁ ହିମାଂଶୁଙ୍କ ପକ୍ଷରୁ ଦହିପଖାଳ ସହିତ ୨୪ ପ୍ରକାର ବ୍ୟଞ୍ଜନ ପରସା ଯାଇଥିଲା। କାର୍ଯ୍ୟକ୍ରମରେ ରାଜୀବ ଷଡ଼ଙ୍ଗୀ, ଦେବାଶିଷ ସ୍ୱାଇଁ, ମନୋଜ ବିଶ୍ୱାଳ, ରିତେଶ ଦାସ, କାର୍ତ୍ତିକ ବେହେରା, ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ପଖାଳର ମଜା ଉଠାଇଥିଲେ। ବାଙ୍କୀ ବିଜ୍ଞାପିତ କ୍ଷେତ୍ର ପରିଷଦ ଅନ୍ତର୍ଗତ ଚକାପଦା ଗ୍ରାମର ଯୁବବନ୍ଧୁ ପରିସରରେ ଓ ତୁଳସୀପୁରଠାରେ ପ୍ରକୃତିବନ୍ଧୁ ସଙ୍ଗଠନ ଆନୁକୂଲ୍ୟରେ ପଖାଳ ଦିବସ ପାଳିତ ହୋଇଯାଇଛି। ସେହିପରି ସାଲେପୁର ବ୍ଲକ ଅନ୍ତର୍ଗତ ମହାଜନପୁର ପଞ୍ଚାୟତର କଲ୍ୟାଣ ମଣ୍ଡପ ପରିସରରେ ଉତ୍କଳ ଗୌରବ ମଧୁସୂଦନ ନାଗରିକ ମଞ୍ଚ ଓ ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଗୋପିନାଥପୁର ଆନୁକୂଲ୍ୟରେ ପଖାଳ ଦିବସ ପାଳିତ ହୋଇଯାଇଛି।

# ରାଜ୍ୟସ୍ତରୀୟ ଲଉଡ଼ି ମହୋତ୍ସବ



ଲଉଡ଼ି ମହୋତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ସାଲେପୁର,୨୦।୩(ଅରବିନ୍ଦ ଭୂୟାଁ)

ସାଲେପୁର ଯାଦବ ସଭା ପକ୍ଷରୁ ମହାପ୍ରଭୁ ଲକ୍ଷ୍ମୀନୃସିଂହ ମନ୍ଦିର ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ରାଜ୍ୟସ୍ତରୀୟ ଲଉଡ଼ି ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥିଭାବେ ଅଖିଳ ଭାରତ ଯାଦବ ମହାସଭାର ଯୁବ ସଭାପତି ପ୍ରଦୀପ ବେହେରା ଯୋଗଦେଇଥିଲେ। ସାଲେପୁର ଯାଦବ ମହାସଭାର ସଭାପତି ଅନନ୍ତ ଗୋପାଳ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପଶ୍ଚିମକଚ୍ଛ ଓ ମଧ୍ୟକଚ୍ଛ, ପଦ୍ମପୁର, ରଘୁନାଥପୁର, ଗୋପିନାଥପୁର, ଭାତପଡ଼ା, ଭଦିମୂଳ, କଟକ, ଗୁଜରପୁର, ପଦ୍ମପୁରରୁ ଆସିଥିବା ଯାଦବମାନେ ଲଉଡ଼ି ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ପଶ୍ଚିମକଚ୍ଛ ସରପଞ୍ଚ ବୁଦ୍ଧେଶ୍ୱର ଦାସ, ଚମ୍ପତି ସରପଞ୍ଚ ଗୌରାଙ୍ଗ ପରିଡ଼ା, କଟକ ଜିଲା ଯାଦବ ମହାସଭା ପକ୍ଷରୁ ତରୁଣ ଯାଦବ, ବୟାଳିଶି ମୌଜା ଯାଦବ ମହାସଭାର ପ୍ରସନ୍ନ ବେହେରା, ଅଚ୍ୟୁତ ସେନାର ସମ୍ପାଦକ ବିଜୟ ଦାସ, ନେମାଳ ମହାବିଦ୍ୟାଳୟର ଅଧାପକ ବିପିନ ବିହାରୀ ଦାସ, ନେମାଳ ଯାଦବ ମହାସଭାର ସମ୍ପାଦକ ପ୍ରଶାଦ ଦାସ, ଯାଦବ ସମିତି ବୋଦାମୁଣ୍ଡାଇର ସଭାପତି ପରମାନନ୍ଦ ପଲେଇ ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚଦୋଳରେ ଏକାଠି ହେଲେ ୫୪ ବିମାନ

ଆଠଗଡ଼,୨୦।୩(ସତ୍ୟ ପ୍ରସାଦ ରଥ)



ଦୋଳ ଉତ୍ସବରେ ସାମିଲ ହୋଇଥିବା ବିମାନ।

**ରାଜଦୋଳରୁ ଆରମ୍ଭ ଗଡ଼ଜାତ ଦୋଳ ଉତ୍ସବ**

■ଶ୍ରୀ ରାଧାଗୋବିନ୍ଦ ସଂକୀର୍ତ୍ତନ ମହାମଣ୍ଡଳର ବାର୍ଷିକ ଉତ୍ସବ

ଫଗୁ ଦଶମୀଠାରୁ ଆରମ୍ଭ ହୋଇଛି ଠାକୁରମାନଙ୍କ ଚାଚେରୀ ଭୋଗଖିଆ। ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ରାଜଦୋଳ ଏବଂ ଅଗ୍ନି ଉତ୍ସବରୁ ବିଧିବଦ୍ଧ ଭାବରେ ଆଠଗଡ଼ ଗଡ଼ଜାତର ପ୍ରସିଦ୍ଧ ଦୋଳ ଯାତ୍ରା ଆରମ୍ଭ ହୋଇଛି। ଏହା ଆସନ୍ତା ବାରୁଣୀ ସ୍ନାନରେ ଶେଷ ହେବାକୁ ଥିବାବେଳେ ଗୁରୁବାର ଆଠଗଡ଼ ଗଡ଼ଜାତର ପ୍ରସିଦ୍ଧ ପଞ୍ଚଦୋଳ ଯାତ୍ରା ପାଇଁ ଶ୍ରୀରାଧା ଗୋବିନ୍ଦ ଜୀଉଙ୍କ ମନ୍ଦିର ପରିସରରେ ଏକାଠି ହୋଇଛନ୍ତି ୫୪ବିମାନ। ଆଠଗଡ଼ ଆରାଧ୍ୟ ଶ୍ରୀରାଧାଗୋବିନ୍ଦଙ୍କ ନିମନ୍ତ୍ରଣକ୍ରମେ ଶ୍ରୀଅଙ୍ଗାଳୀ ଜଗନ୍ନାଥ, ଶ୍ରୀରଘୁନାଥ, ଶ୍ରୀନୃସିଂହ, ଶ୍ରୀସ୍ୱପ୍ନେଶ୍ୱର, ଶ୍ରୀକାଶୀ ବିଶ୍ୱନାଥଙ୍କ ସହିତ ଶ୍ରୀ ଧବଳେଶ୍ୱର, ଶ୍ରୀ ସର୍ପେଶ୍ୱର ମଧ ଏହି ଯାତ୍ରାରେ ସାମିଲ ହୋଇଛନ୍ତି। ଆଖପାଖ ବିଭିନ୍ନ ଗ୍ରାମ ସହିତ ନବେଡ଼ା ନଦୀକୂଳ ଅଞ୍ଚଳ ଗ୍ରାମଗୁଡ଼ିକର ଆରାଧ ଠାକୁର ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିବା ସହିତ ଦୁର୍ଗା ବଜାର ସ୍ଥିତ ଦୋଳ ମଣ୍ଡପରେ ବିଶ୍ରାମ ନେବେ। ରାତିରେ ଯଜ୍ଞ ନାରାୟଣ ମନ୍ଦିରରେ ଭେଟ ଆଳତି ଏବଂ ସକାଳୁ ମେଲାଣି ବିଦାକି ସହିତ ଆଳତି ପରେ ଠାକୁରମାନେ ନିଜ ନିଜର ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିବେ। ପଞ୍ଚଦୋଳଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଛି। ଏହି ଅବସରରେ ଶ୍ରୀରାଧା ଗୋବିନ୍ଦ ସଂକୀର୍ତ୍ତନ ମହାମଣ୍ଡଳର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ଅଜୟ କୁମାର ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ୩୬ ସଂକୀର୍ତ୍ତନମଣ୍ଡଳୀ ଝୁଲଣ ପଡ଼ିଆରେ ଏକତ୍ରିତ ହୋଇ ସଂକୀର୍ତ୍ତନ ପରିବେଷଣ କରିବା ସହିତ ପଞ୍ଚଦୋଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ନାବାର୍ଡ ସହ ବେଦାନ୍ତ ଆଲୁମିନିୟମର ବୁଝାମଣା



ଚୁକ୍ତିନାମା ସ୍ୱାକ୍ଷର ଅବସରରେ ଉଭୟ ବେଦାନ୍ତ ଓ ନାବାର୍ଡର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୦।୩(ଅଭୟ ଦାଶ)

ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ଏବଂ ବେଦାନ୍ତ ଆଲୁମିନିୟମ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଓଡ଼ିଶାର କଳାହାଣ୍ଡି ଜିଲାରେ କର୍ମଶକ୍ତି ଦକ୍ଷତା, ଜଳ ସମ୍ପଦ ପରିଚାଳନା ଏବଂ କୃଷି ବିବିଧତା ଉପରେ କେନ୍ଦ୍ରିତ ୧ କୋଟି ଟଙ୍କାର ଗ୍ରାମୀଣ ବିକାଶ ପଦକ୍ଷେପ କାର୍ଯ୍ୟକାରୀ କରିବା ପାଇଁ ନାବାର୍ଡ ସହିତ ବେଦାନ୍ତ ଆଲୁମିନିୟମ ସହଭାଗିତା କରିଛି। ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନା ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଏବଂ ନାବାର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେ. କେ. ମିଶ୍ରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା।

ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ, ନାବାର୍ଡ ସହ ଆମର ସହଭାଗିତା ହେଉଛି ଯୁବପିଢ଼ିଙ୍କୁ ଶିଳ୍ପ-ପ୍ରସ୍ତୁତ କୌଶଳ ସହିତ ସଜ୍ଜିତ କରିବା। ଏପରିକି ଅଭିନବ କୃଷି ପଦ୍ଧତି ପ୍ରଚଳନକରି ଏକ ଆତ୍ମନିର୍ଭରଶୀଳ ଗ୍ରାମୀଣ ଅର୍ଥନୀତି ସୃଷ୍ଟି କରିବା ଦିଗରେ ପଦକ୍ଷେପ ନେବା।

ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେ. କେ. ମିଶ୍ର କହିଥିଲେ, ନାବାର୍ଡ ଜୀବିକା ବୃଦ୍ଧି ଏବଂ କୃଷି ସ୍ଥିରତାକୁ ସୁଦୃଢ଼ କରୁଥିବା ଅଭିନବ ସହଭାଗୀତା ମାଧ୍ୟମରେ ସ୍ଥାୟୀ ଗ୍ରାମାଞ୍ଚଳ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ରହିଛି।

ବେଦାନ୍ତ ଆଲୁମିନିୟମ ସହ ଆମର ସହଯୋଗ ଅର୍ଥ ପୂର୍ଣ୍ଣ ପରିବର୍ତ୍ତନ ଆଣିବାରେ ଶିଳ୍ପ-ନେତୃତ୍ୱାଧୀନ ପଦକ୍ଷେପର ଶକ୍ତିର ପ୍ରମାଣ ପାଲଟିବ। ଆମର ଶକ୍ତିକୁ ମିଶ୍ରଣ କରି ଏହି କାର୍ଯ୍ୟକ୍ରମ ଓଡ଼ିଶାର ଗ୍ରାମାଞ୍ଚଳ ସମ୍ପ୍ରଦାୟ ପାଇଁ ସ୍ଥାୟୀ ଆର୍ଥିକ ସୁଯୋଗ ସୃଷ୍ଟି କରିବ, ଚାଷୀ ଏବଂ ଯୁବକମାନଙ୍କୁ ଏକ ଅଧିକ ସମୃଦ୍ଧ ଭବିଷ୍ୟତ ପାଇଁ ଆବଶ୍ୟକ ସମ୍ବଳ ଏବଂ ଦକ୍ଷତା ସହିତ ସଶକ୍ତ କରିବ। ଏପରିକି ମଞ୍ଜୁରୀ ପତ୍ର ଆଦାନପ୍ରଦାନ ମାଧ୍ୟମରେ ଆନୁଷ୍ଠାନିକ ଭାବେ ହୋଇଥିବା ଏହି ସହଯୋଗ ସମ୍ବଳ ସମୃଦ୍ଧ ତଥା ଆର୍ଥିକ ଦୃଷ୍ଟିରୁ ଅନୁନ୍ନତ ଅଞ୍ଚଳରେ ଏକ ଦକ୍ଷ କର୍ମଶକ୍ତି ନିର୍ମାଣ ଏବଂ କୃଷି ସ୍ଥିରତାକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ଚିହ୍ନିତ କରିଛି।

# ସେବାରେ ନିଜର ସ୍ୱତନ୍ତ୍ରତା ପ୍ରତିଫଳିତହେବା ଦରକାର

**ଦେଶିଆ ଇକୋ ରିସୋର୍ଟର ଫାଉଣ୍ଡର ତଥା ସଫଳ ଉଦ୍ୟୋଗୀ ହେଉଛନ୍ତି ଯୁଗବ୍ରତ କର। ପୁରୀରେ ତାଙ୍କର ଜନ୍ମ, ସେଇଠି ସେ ଛୋଟରୁ ବଡ଼ ହୋଇଛନ୍ତି। ପୁରୀ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ କାହାଣୀ ଜାଣିବାକୁ ତାଙ୍କୁ ଭଲ ଲାଗେ। ସେମାନେ ଯେପରି ବୁଲିବାକୁ ଆସୁଛନ୍ତି ସେ ମଧ ପୂରା ବିଶ୍ୱ ଭ୍ରମଣ କରିବାକୁ ଚାହୁଁଥିଲେ। ଅନ୍ୟ ମଧ୍ୟବିତ୍ତ ପରିବାର ଭଳି ତାଙ୍କ ଘରେ ମଧ ତାଙ୍କୁ ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରୋତ୍ସାହିତ କରୁଥିଲେ। କିନ୍ତୁ ସେ ଦେଶିଆ ଇକୋ ରିସୋର୍ଟ ମାଧ୍ୟମରେ ନିଜର ସ୍ୱପ୍ନ ସାକାର କରିପାରିଛନ୍ତି। ପରିବେଶ ଅନୁକୂଳ ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦେଉଥିବା ଯୁଗବ୍ରତଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...**

**ପ୍ର- ପର୍ଯ୍ୟଟନ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବା କଥା କିପରି ଚିନ୍ତାକଲେ?**

ଉ- ମୁଁ ମେକାନିକାଲ ଇଞ୍ଜିନିୟରିଂରେ ପାଠପଢ଼ା ସାରିବା ପରେ ଏକ ବହୁରାଷ୍ଟ୍ରୀୟ କମ୍ପାନୀ(ଏମ୍‌ଏନ୍‌ସି)ରେ ଯୋଗଦେଇଥିଲି। ଏଗ୍ରିକଲ୍‌ଚରାଲ ପମ୍ପ୍ ସେଲ୍ ପାଇଁ ମୋତେ ଗ୍ରାମୀଣ ଓଡ଼ିଶାକୁ ଯାତ୍ରା କରିବାକୁ ପଡୁଥିଲା। ମାତ୍ର ପରିଭ୍ରମଣ ଓ ନୂଆ ନୂଆ ପରମ୍ପରା ବିଷୟରେ ଜାଣିବାର ମୋର ଯେଉଁ ଆଗ୍ରହ ଥିଲା, ତାହା ମୋତେ ଚାକିରି ଛାଡ଼ିବାକୁ ବାଧ୍ୟ କରିଥିଲା ଏବଂ ପର୍ଯ୍ୟଟନ କ୍ଷେତ୍ରରେ ମୁଁ ଉଦ୍ୟୋଗୀ ଭାବେ ପାଦ ଦେଇଥିଲି। ଏହା ଭିତରେ ପ୍ରାୟ ୩୦ ବର୍ଷ ବିତିଗଲାଣି। ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି ସହ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ସଂସ୍କୃତି ଓ ଐତିହ୍ୟ ବିକାଶ ଦିଗରେ କାର୍ଯ୍ୟ କରୁଛି।

**ପ୍ର- ଏହି କ୍ଷେତ୍ରରେ ସୋସିଆଲ ମିଡିଆର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ?**

ଉ- ଓଡ଼ିଶା ଇକୋ ଟୁରିଜମ୍‌ର ପ୍ରଚାରପ୍ରସାର କ୍ଷେତ୍ରରେ ସୋସିଆଲ ମିଡିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାର ବିସ୍ତୃତ ସମୁଦ୍ର ତଟ, ଘଞ୍ଚ ଅରଣ୍ୟ, ବିବିଧ ବନ୍ୟପ୍ରାଣୀ ପର୍ଯ୍ୟଟକମାନଙ୍କୁ ବିଶେଷକରି ଯୁବପିଢ଼ିଙ୍କୁ ଖୁବ୍ ଆକୃଷ୍ଟ କରୁଛି। ଇନ୍‌ଷ୍ଟା, ଫେସ୍‌ବୁକ୍, ୟୁଟ୍ୟୁବ୍ ଆଦି ମାଧ୍ୟମରେ ଜାତୀୟ ଉଦ୍ୟାନ ଭିତରକନିକାଠାରୁ ଆରମ୍ଭ କରି ଶିମିଳିପାଳ, କୋରାପୁଟ ଉପତ୍ୟକା ଆଦି ସ୍ଥାନ ଲୋକପ୍ରିୟତା ସାଉଁଟୁଛି। ଭିଜୁଆଲ ଷ୍ଟୋରି ଟେଲିଂ ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରମାନେ ରାଜ୍ୟର ସ୍ୱତନ୍ତ୍ର ଐତିହ୍ୟ ପରମ୍ପରାର ପ୍ରଚାରପ୍ରସାରରେ ସହାୟକ ହେଉଛନ୍ତି। ବାର୍ଡ ୱାଚିଂ, ଟ୍ରେକିଂ ଓ ଭିଲେଜ୍ ଟୁର୍‌ର ଚାହିଦା ବଢୁଛି।

**ପ୍ର- ଆପଣଙ୍କ ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଗ୍ରାହକଙ୍କ ଚାହିଦା ଭିନ୍ନ ଭିନ୍ନ ରହିଥାଏ। ଆପଣ ଏହାର କେମିତି ସମାଧାନ କରନ୍ତି?**

ଉ- ଯେଉଁ ଅତିଥିମାନେ ଆମ ସହ ପରିଭ୍ରମଣ କରିଥା'ନ୍ତି ସେମାନେ ପ୍ରଥମରୁ ଆମେ ପ୍ରଦାନ କରୁଥିବା ସେବା ଓ ସୁବିଧା ସମ୍ପର୍କରେ ଅବଗତ ଥା'ନ୍ତି। ତେଣୁ ଅତିଥିମାନେ ସେହି ଅନୁରୂପ ସେବା ଆଶା ରଖନ୍ତି। ଆମେ ମଧ ଆମ ସେବାରେ ଅବହେଳା କରୁନା। ତେଣୁ କୌଣସି ଅସୁବିଧା ହୁଏ ନାହିଁ।

**ପ୍ର- ଆପଣଙ୍କ ଏ ପର୍ଯ୍ୟନ୍ତର ଯାତ୍ରା କିପରି ରହିଛି? ଆଗକୁ କ'ଣ ଯୋଜନା ରହିଛି?**

ଉ- ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବିଶ୍ୱ ଦରବାରରେ ପରିଚିତ କରାଇବାର ପ୍ରୟାସକୁ ଆମ ଟିମ୍, ପାର୍ଟନର ଏବଂ ସ୍ଥାନୀୟ ବାସିନ୍ଦା ସଫଳ କରିଛନ୍ତି। ପର୍ଯ୍ୟଟନ ଶିଳ୍ପରେ ପରିବେଶ ଅନୁକୂଳ କାର୍ଯ୍ୟକଳାପକୁ ଗୁରୁତ୍ୱ ଦେଉଛୁ। ନୀଳାଦ୍ରି ବିଚ୍, ସାତପଡ଼ା ଟୁରିଷ୍ଟ ଜେଟିସ୍‌କୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ଆମର ଓଡ଼ିଶା ଇକୋଟୁରିଜମ୍ ଫାଉଣ୍ଡେଶନ୍ କାର୍ଯ୍ୟ କରୁଥିବାବେଳେ ଆଗକୁ ଅନ୍ୟାନ୍ୟ ସ୍ଥାନରେ ଏହି ପଦକ୍ଷେପ ଗ୍ରହଣ କରାଯିବ। ଦେଶିଆ ଡୁଡୁମା, ଦେଶିଆ ଦେଓମାଳି, ଦେଶିଆ ଚିଲିକା ନେଷ୍ଟ ପରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଇକୋ ଲଜ୍ ପାଇଁ ଯୋଜନା କରାଯାଉଛି। ସୋସିଆଲ ମିଡିଆରେ ପ୍ରଚାରପ୍ରସାର ସହ କର୍ମଚାରୀଙ୍କୁ ଅଧିକ ତାଲିମ ଦିଆଯିବ।

**ପ୍ର- ପର୍ଯ୍ୟଟନ କ୍ଷେତ୍ରରେ ସଫଳ ଉଦ୍ୟୋଗୀ ହେବାର କ'ଣ ସୂତ୍ର ରହିଛି?**

ଉ- ପର୍ଯ୍ୟଟନ ଓ ସ୍ଥାନୀୟ ସମ୍ପ୍ରଦାୟର ବିକାଶ ଉଦ୍ଦେଶ୍ୟରେ ନିଷ୍ଠାର ସହ ଏହି କ୍ଷେତ୍ରରେ ପ୍ରବେଶକଲେ ସଫଳତା ମିଳିବ। ଅତିଥିଙ୍କୁ ପ୍ରଦାନ କରାଯାଉଥିବା ସେବାରେ ଆପଣଙ୍କ ସ୍ୱତନ୍ତ୍ରତା ପ୍ରତିଫଳିତ ହେବା ଦରକାର। ସେହିପରି ପରିବେଶ ଅନୁକୂଳ କାର୍ଯ୍ୟକଳାପ ଓ ସାମାଜିକ ଦାୟିତ୍ୱବୋଧ ଦୀର୍ଘକାଳୀନ ସଫଳତାର ସୂତ୍ର। ଏହିସବୁ ସୂତ୍ରକୁ ପାଥେୟ କରି ପର୍ଯ୍ୟଟନ ଶିଳ୍ପରେ ଭବିଷ୍ୟତ ଗଢ଼ିହେବ।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର


ଯୁଗବ୍ରତ କର

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨୦।୩

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୯୯ (୮୯୯.୦୧) ପଏଣ୍ଟ ବୃଦ୍ଧି ଘଟି ୭୬,୩୪୮ (୭୬,୩୪୮.୦୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୨୮୩ (୨୮୩.୦୫) ପଏଣ୍ଟ ବଢି ୨୩,୧୯୧(୨୩,୧୯୦.୬୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ନିବେଶର ସର୍ବୋତ୍ତମ ମାଧ୍ୟମ ସ୍ୱର୍ଣ୍ଣ: ସଞ୍ଜୀୟ

ଭୁବନେଶ୍ୱର,୨୦।୩


ସଞ୍ଜୀୟ ହଂସ

କ୍ରମାଗତ ଭାବେ ସୁନାର ମୂଲ୍ୟ ବଢ଼ି ଚାଲିଛି। ଖୁବ୍ ନିକଟରେ ଏହା ୧ ଲକ୍ଷେ ଟଙ୍କା ସ୍ପର୍ଶ କରିବାର ସମ୍ଭାବନା ଦେଖାଦେଇଛି। କାରଣ ଅର୍ଥନୈତିକ ଅନିଶ୍ଚିତତା ଏବଂ ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁନା କ୍ରୟ କରିବାରେ ଲାଗିଛନ୍ତି। ବଜାର ବିଶେଷଜ୍ଞ ଭାବେ ଜଣାଶୁଣା ଲାଲଚନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୀୟ ହଂସଙ୍କ ମତରେ ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା କାରଣରୁ ନିକଟ ଭବିଷ୍ୟତରେ ସୁନାର ମୂଲ୍ୟ ବୃଦ୍ଧି ଜାରି ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ତାଙ୍କ ମତରେ ବିଗତ ଅର୍ଦ୍ଧଦଶନ୍ଧି ଧରି ସ୍ୱର୍ଣ୍ଣର ମୂଲ୍ୟ ବୃଦ୍ଧି ଅନ୍ୟ ମାଧ୍ୟମଗୁଡ଼ିକ ଅପେକ୍ଷା ନିବେଶକ ମାନଙ୍କୁ ଅଧିକ ଆକୃଷ୍ଟ କରିଛି। କାରଣ ଲୋକେ ସୁନାକୁ କେବଳ ଅଳଙ୍କାର ଭାବେ ଦେଖୁନାହାନ୍ତି। ଲୋକଙ୍କ ଏହି ପରିବର୍ତ୍ତିତ ଦୃଷ୍ଟିକୋଣ ପାଇଁ ସୁନାର ମୂଲ୍ୟ ଏମ୍.ସି.ଏକ୍ସରେ ୧୦ ଗ୍ରାମ୍ ପ୍ରତି ୮୮,୩୫୦ ଟଙ୍କାରେ ପହଞ୍ଚିଥିବାବେଳେ ଅନ୍ତର୍ଜାତୀୟ ବଜାରରେ ସୁନାର ମୂଲ୍ୟ ଆଉନ୍ସ ପ୍ରତି ୩,୦୧୨ ଡଲାରରେ ପହଞ୍ଚିଛି। ସାରା ଦେଶର ନିବେଶକମାନେ ସୁନା ୧ ଲକ୍ଷ ଛୁଇଁବ ବୋଲି ଅନୁମାନ କରୁଛନ୍ତି। କେତେ ଚଞ୍ଚଳ ଏହା କହି ହେବ ନାହିଁ, କିନ୍ତୁ ଭବିଷ୍ୟତରେ ୧ ଲକ୍ଷ ଛୁଇଁବା ନିଶ୍ଚିତ। ସ୍ୱଳ୍ପ-ମିଆଦୀ ଦୃଷ୍ଟିକୋଣରୁ ଦେଖିଲେ, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏମ୍.ସି.ଏକ୍ସ.ରେ ୧୦ଗ୍ରାମ୍ ସୁନାର ମୂଲ୍ୟ ୯୧ ହଜାର ଟଙ୍କା ଏବଂ ଅନ୍ତର୍ଜାତୀୟ ବଜାରରେ ସୁନାର ମୂଲ୍ୟ ଆଉନ୍ସ ପ୍ରତି ୩୨୦୦ ଆମେରିକୀୟ ଡଲାର ସ୍ତରରେ ପହଞ୍ଚିବାର ଯଥେଷ୍ଟ ସମ୍ଭାବନା ରହିଛି।

# ଫୋନ୍‌ପେ ୱେଲ୍‌ଥର ନୂତନ ଟୁଲ୍

ନୂଆଦିଲ୍ଲୀ,୨୦।୩

ଫୋନ୍‌ପେ ୱେଲ୍‌ଥର ଏକ ନୂତନ ଟୁଲ୍ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ବିକଶିତ ସମାଧାନ 'ସିଆର୍‌ଆଇଏସ୍‌ପି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଟୁଲ୍ ନିବେଶକମାନଙ୍କୁ ମ୍ୟୁଚୁଆଲ ଫଣ୍ଡ ବିନିଯୋଗ ସମ୍ପର୍କରେ ଅଧିକ ସଚେତନ କରିଥାଏ। ନିବେଶକମାନଙ୍କୁ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଏହା ଏକ ଉଦ୍ଦିଷ୍ଟ ତଥା ଅନନ୍ୟ ଟୁଲ୍ ଭାବେ କାର୍ଯ୍ୟ କରିଥାଏ।

ଶେୟାର.ମାର୍କେଟ (ଫୋନ୍‌ପେ ୱେଲ୍‌ଥ)ର ବିନିଯୋଗ ପ୍ରଡକ୍ଟଗୁଡ଼ିକର ମୁଖ୍ୟ ନୀଲେଶ ଡି. ନାଏକ କହିଛନ୍ତି, ସିଆର୍‌ଆଇଏସ୍‌ପି ଭଳି ଅଭିନବ ଟୁଲ୍ ମାଧ୍ୟମରେ ଆମ ପ୍ଲାଟ୍‌ଫର୍ମରେ ନିବେଶକମାନଙ୍କୁ ସମର୍ଥନ କରିବା ସହିତ ଆମେ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟାଭିତ୍ତିକ ସମାଧାନଗୁଡ଼ିକ ବିକଶିତ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛୁ, ଯାହା ନିବେଶକମାନଙ୍କୁ ମୂଳ ବିନିଯୋଗ ନୀତିଗୁଡ଼ିକୁ ଗ୍ରହଣ କରିବା ତଥା ବିଚକ୍ଷଣତାର ସହିତ ସେମାନଙ୍କର ସମ୍ପତ୍ତି ସୃଷ୍ଟି କ୍ଷେତ୍ରରେ ଅଗ୍ରସର ହେବାରେ ସାହାଯ୍ୟ କରିଥାଏ ବୋଲି ନାଏକ ମତପ୍ରକାଶ କରିଛନ୍ତି।

ସିଆର୍‌ଆଇଏସ୍‌ପି (ଧାରାବାହିକତା, ରିସ୍କ ଏବଂ ପୋର୍ଟଫୋଲିଓରେ ବିନିଯୋଗ ଶୈଳୀ) ଟୁଲ୍ ନିବେଶକମାନଙ୍କୁ ଅତୀତର ରିଟର୍ନ ଦେଖିବାରେ ସାହାଯ୍ୟ କରିବା ସହିତ ଉପଯୁକ୍ତ ଫଣ୍ଡ ଚୟନ କରିବା କ୍ଷେତ୍ରରେ ଏକ ସାମଗ୍ରିକ ସମାଧାନ ପ୍ରଦାନକରି ଏହି ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜର ମୁକାବିଲା କରିଥାଏ। ରିଟେଲ ନିବେଶକମାନେ ୱେଲ୍‌ଥଟେକ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ ବିନିଯୋଗ କରୁଥିବା ନିବେଶକମାନେ ସେମାନଙ୍କର ବିନିଯୋଗ ପାଇଁ ନିଷ୍ପତ୍ତି ଗ୍ରହଣ କରିବାକୁ ଫଣ୍ଡର ଅତୀତର ପଏଣ୍ଟ-ଟୁ-ପଏଣ୍ଟ ପ୍ରଦର୍ଶନ ଉପରେ ନିର୍ଭର କରିଆସୁଛନ୍ତି। ଫଳରେ ନିବେଶକମାନେ ଅନେକ ସମୟରେ ବିନିଯୋଗ ପାଇଁ ଭୁଲ୍ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି। ସିଆର୍‌ଆଇଏସ୍‌ପି ମ୍ୟୁଚୁଆଲ ଫଣ୍ଡର କାର୍ଯ୍ୟଦକ୍ଷତା, ରିସ୍କ ଏବଂ ପୋର୍ଟଫୋଲିଓ ତଥ୍ୟକୁ କାର୍ଯ୍ୟକାରୀ ଅନ୍ତର୍ଦୃଷ୍ଟିରେ ରୂପାନ୍ତରିତକରି ବିନିଯୋଗ ପାଇଁ ସହଜରେ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥାଏ। ସିଆର୍‌ଆଇଏସ୍‌ପି ଗତ ୫ ବର୍ଷର ରୋଲିଂ ରିଟର୍ନ ଆଧାରରେ ଏକ ଫଣ୍ଡର କାର୍ଯ୍ୟଦକ୍ଷତାର ଧାରାବାହିକତାକୁ 'ଉଚ୍ଚ, ମଧ୍ୟମ କିମ୍ବା ନିମ୍ନ ସ୍କୋର ପ୍ରଦାନ କରିବା ମାଧ୍ୟମରେ ତାହାର ପିଅର ଗ୍ରୁପ୍ ତୁଳନାରେ ମୂଲ୍ୟାଙ୍କନ କରିଥାଏ।

# ତନେଇରାର ଦ୍ୱିତୀୟ ବାର୍ଷିକ ଉତ୍ସବ

**■ଗୋଟିଏ ଛାତ ତଳେ ବ୍ୟାପକ ରେଞ୍ଜ୍ ଶାଢ଼ି ସମ୍ଭାର**

**■୨୦ ହଜାର ଟଙ୍କାର କ୍ରୟରେ ସୁନା ମୁଦ୍ରା**

ଭୁବନେଶ୍ୱର,୨୦।୩(ଅନୁରାଧା ମହାରଣା)



ଟାଟା ଉତ୍ପାଦ ତନେଇରା ଏହାର ଭୁବନେଶ୍ୱର ଷ୍ଟୋର୍‌ର ଦ୍ୱିତୀୟ ବାର୍ଷିକୀ ପାଳନ କରୁଛି। ଷ୍ଟେଶନ ଛକସ୍ଥିତ ଏହି ଷ୍ଟୋରରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ୨୦ ହଜାର ଟଙ୍କା କିମ୍ବା ଏହାଠାରୁ ଅଧିକ ମୂଲ୍ୟର ଶାଢ଼ି କ୍ରୟ ଉପରେ ଏକ ସୁନା ମୁଦ୍ରା ପାଇପାରିବେ। ଏହି ଅଫର ମାର୍ଚ୍ଚ ୨୪ ଯାଏ ଉପଲବ୍ଧ। ତନେଇରା ଉଭୟ ହସ୍ତତନ୍ତ ଶାଢ଼ି ଏବଂ ପୋଷାକଗୁଡ଼ିକୁ ଗ୍ରାହକଙ୍କ ନିକଟରେ ପହଞ୍ଚାଉଥିବାବେଳେ ଏହି ସବୁ ଉତ୍ପାଦ ବୟନ କାରିଗରଙ୍କ ଦକ୍ଷତାକୁ ପ୍ରତିଫଳିତ କରେ। ନିତିଦିନିଆ ପୋଷାକଠାରୁ ଆରମ୍ଭ କରି ଉତ୍ସବ ତଥା ବିବାହ କଲେକ୍ସନର ଭଳିକି ଭଳି ସମ୍ଭାର ଏଠାରେ ଉପଲବ୍ଧ। ଇକତ୍, ସମ୍ବଲପୁରୀ, ଜାମଦାନି, ବନାରସୀ, ଟସର, କାଞ୍ଜିବରମ, ସାଉଥ୍ ସିଲ୍କ, ମାହେଶ୍ୱରୀ ଏବଂ ଚନ୍ଦେରି ଶାଢ଼ି ସହ ଷ୍ଟୋରରେ ରେଡି-ଟୁ-ୱେର୍ ପୋଷାକ, ବ୍ଲାଉଜ୍, କୁର୍ତ୍ତା ନନ୍‌ଷ୍ଟିଚ୍‌ଡ କୁର୍ତ୍ତା ସେଟ୍, ଲେହେଙ୍ଗା, ଷ୍ଟୋଲ୍, ଇନର୍ ସ୍କର୍ଟ ଏବଂ ଟ୍ରାଉଜର୍‌ର ମଧ୍ୟ ରହିଛି। ଶୁଦ୍ଧ ଏବଂ ପ୍ରାକୃତିକ ଫାବ୍ରିକ୍ସରେ ଏସବୁ ପ୍ରସ୍ତୁତ। ଉଚ୍ଚ ଗୁଣବତ୍ତା ନେଇ ପ୍ରତିବଦ୍ଧ ତନେଇରା ଏହାର ଶୁଦ୍ଧ ରେଶମ ଶାଢ଼ୀରେ ସିଲ୍କ ମାର୍କକୁ ସୁନିଶ୍ଚିତ କରିଥାଏ। ଜରି ସାର୍ଟିଫିକେଶନ ସହ ଏହି ଶାଢ଼ିଗୁଡ଼ିକ ଆସୁଛି। ଏ ଅବସରରେ ସୁମିତ ଘୋଷ କହିଛନ୍ତି, ଭୁବନେଶ୍ୱରରେ ଏହି ୨ବର୍ଷର ଯାତ୍ରାରେ ଗ୍ରାହକଙ୍କ ଭଲ ପାଇବା ଏବଂ ସମର୍ଥନ ପାଇଁ କୃତଜ୍ଞ। ଏହି ମାଇଲଖୁଣ୍ଟ ଆମର ସହଭାଗୀ ଯାତ୍ରାର ପ୍ରତିଫଳନ। ଆମ ସହିତ ଏ ଉତ୍ସବକୁ ପାଳନ କରିବାକୁ ଆମେ ଗ୍ରାହକଙ୍କୁ ଆମନ୍ତ୍ରିତ କରୁଛୁ।

# ଆଇସିଆଇସିଆଇ ପ୍ରୁ ଗିଫ୍ଟ ସିଲେକ୍ଟର ଶୁଭାରମ୍ଭ

ନୂଆଦିଲ୍ଲୀ,୨୦।୩

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ଏକ ଅନନ୍ୟ ଦୀର୍ଘମିଆଦୀ ସଞ୍ଚୟ ଉତ୍ପାଦ 'ଆଇସିଆଇସିଆଇ ପ୍ରୁ ଗିଫ୍ଟ ସିଲେକ୍ଟ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଯାହାକୁ ସମ୍ପତ୍ତି ସଂରକ୍ଷଣ ସହିତ ନିଶ୍ଚିତ ଆୟ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି।

ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ମୁଖ୍ୟ ଉତ୍ପାଦ ଓ ବିତରଣ ଅଧିକାରୀ ଅମିତ ପାଲଟା କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଗ୍ରାହକମାନଙ୍କୁ ସେମାନଙ୍କର ଦୀର୍ଘ ମିଆଦୀ ଆର୍ଥିକ ଆକାଂକ୍ଷାକୁ ନିଶ୍ଚିତ ଭାବେ ହାସଲ କରିବାରେ ସାହାଯ୍ୟ କରିବା। ଏହି ଉତ୍ପାଦ ନମନୀୟତା ପ୍ରଦାନ କରିଥାଏ, ଯାହା ଗ୍ରାହକଙ୍କୁ ସେମାନଙ୍କ ନିଶ୍ଚିତ ଆୟର ଅବଧି ଚୟନ କରିବାକୁ ଅନୁମତି ଦେଇଥାଏ ଏବଂ ଟିକସ-ଦକ୍ଷ ଉପାୟରେ ପରିପକ୍ୱତା ଉପରେ ଏକକାଳୀନ ରାଶି ମଧ୍ୟ ଗ୍ରହଣ କରିଥାଏ। ବାର୍ଷିକ ୫% ଆୟ ବୃଦ୍ଧି ସେମାନଙ୍କୁ ମୁଦ୍ରାସ୍ଫୀତିକୁ ପ୍ରଭାବଶାଳୀ ଭାବେ ପରିଚାଳନା କରିବାରେ ସାହାଯ୍ୟ କରିଥାଏ।

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସ ମଧ୍ୟ ଜୀବନବୀମା ବିତରଣକୁ ଡିଜିଟାଲ ଉଦ୍ଭାବନ ସହିତ ପରିବର୍ତ୍ତନ କରୁଛି, ଆଇପିଆର୍‌ୟୁ ଏଜ୍ ମୋବାଇଲ ଆପ୍ ମାଧ୍ୟମରେ ଏଜେଣ୍ଟମାନଙ୍କୁ ସଶକ୍ତ କରୁଛି। ଆଇପିଆର୍‌ୟୁ ଏଜ ସହିତ ଆମେ ସେମାନଙ୍କ ଆଙ୍ଗୁଠିରେ ଏକ ଡିଜିଟାଲ କାର୍ଯ୍ୟାଳୟ ସଜ୍ଜିତ କରୁଛୁ ବୋଲି ପାଲଟା କହିଛନ୍ତି।

ମୋବାଇଲ ଆପ୍ ବିଜ୍‌ନେସ୍ ଲିଡ୍,ସୋସିଆଲ ମିଡିଆ ମାର୍କେଟିଂ ବିଷୟବସ୍ତୁ ଏବଂ ଏକ କାଗଜବିହୀନ କ୍ରୟ ଯାତ୍ରା ପ୍ରଦାନ ସହ ଏଜେଣ୍ଟମାନଙ୍କୁ ଅଭିବୃଦ୍ଧି ଉପରେ ଧ୍ୟାନଦେବାକୁ ଅନୁମତି ଦେଇଥାଏ। ୨୦୨୪ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଆଇପିଆର୍‌ୟୁ ଏଜ ବ୍ୟବହାର କରୁଥିବା ଏଜେଣ୍ଟମାନଙ୍କ ଉତ୍ପାଦକତା ୨୫% ବୃଦ୍ଧି ପାଇଛି।

ଉଲ୍ଲେଖଯୋଗ୍ୟ, ଏହି ଆପ୍ ବ୍ୟବହାର କରୁଥିବା ଯୋଗ୍ୟ ଏଜେଣ୍ଟମାନଙ୍କ ମଧ୍ୟରୁ ୯୮%ଙ୍କୁ ସେହି ଦିନ କମିଶନ ପ୍ରଦାନ କରାଯାଇଥିଲା। ଏଆଇ-ଚାଳିତ ସମାଧାନଗୁଡିକ କମ୍ପାନୀ ସେହି ଦିନରେ ପ୍ରାୟ ୫୦% ସଞ୍ଚୟ ପଲିସି ଜାରି କରିବାକୁ ସକ୍ଷମ କରିଛି।

# ସମ୍ପ୍ରସାରଣରେ ୬୦୦ କୋଟି ନିବେଶ କରିବ ମାଲାବାର

**ମାର୍ଚ୍ଚରେ ୧୨ ନୂତନ ଶୋ'ରୁମ୍ ଖୋଲିବ**

ନୂଆଦିଲ୍ଲୀ,୨୦।୩

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ବ୍ରାଣ୍ଡ୍ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମ୍ପ୍ରସାରଣ କ୍ଷେତ୍ରରେ ପ୍ରାୟ ୬୦୦ କୋଟି ନିବେଶ କରିବ ବୋଲି ମାଲାବାର ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ସାରା ଭାରତରେ ଏହାର ଉପସ୍ଥିତିକୁ ଆହୁରି ମଜଭୁତ କରିବା ପାଇଁ ୨୦୨୫ ମାର୍ଚ୍ଚ ୨ସୁଦ୍ଧା ମାଲାବାର ୧୨ଟି ନୂତନ ଶୋ'ରୁମ୍ ଆରମ୍ଭ କରିବାକୁ ଯାଉଛି। ଏହି ସମ୍ପ୍ରସାରଣ ଯୋଗୁ ବ୍ରାଣ୍ଡର ଉପସ୍ଥିତି ୧୩ଟି ଦେଶରେ ମୋଟ ୩୯୧ ଶୋ'ରୁମକୁ ବୃଦ୍ଧି ପାଇବାକୁ ଥିବାବେଳେ ଭାରତରେ ବ୍ରାଣ୍ଡର ଉପସ୍ଥିତି ୧୯ଟି ରାଜ୍ୟରେ ରହିବ। ସେହିଭଳି ଏହି ନୂତନ ଶୋ'ରୁମ୍‌ଗୁଡ଼ିକ ମୁମ୍ବାଇର ପାନଭେଲ, ପୁଣେର ସିଂହଗଡ ରୋଡ, ଓଡ଼ିଶାର ବ୍ରହ୍ମପୁର ଏବଂ ସୌଭାଗ୍ୟନଗର, ଝାଡ଼ଖଣ୍ଡର ଧାନବାଦ, କର୍ଣ୍ଣାଟକର ହୋସ୍‌ପେଟ, ନଗରଭାବୀ ଏବଂ ଚିତ୍ରଦୁର୍ଗ, ଆନ୍ଧ୍ରପ୍ରଦେଶର ନନ୍ଦ୍ୟାଲ, ଅମଲାପୁରମ, ମଛଲିପଟ୍ଟନମ, ୟୁପିର ବାରାଣସୀ ଭଳି ପ୍ରମୁଖ ସହରରେ ଖୋଲିବ। ଉଲ୍ଲେଖଯୋଗ୍ୟ, ଏହି ସମ୍ପ୍ରସାରଣ ପର୍ଯ୍ୟାୟରେ ମାଲାବାର ଗ୍ରୁପ ୬୦୦ କୋଟି ଟଙ୍କା ନିବେଶ ସହିତ ୪୦୦ରୁ ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ଦେବ। ସେହିପରି ମାଲାବାର ଗୋଲଲ୍ଡ ଆଣ୍ଡ ଡାଇମଣ୍ଡସ ୨୦୨୫ରେ ୬୦ ଟି ନୂତନ ଶୋ'ରୁମ୍ ଖୋଲିବାକୁ ଯୋଜନା କରୁଛି, ଯାହାଦ୍ୱାରା ଏହାର ବିଶ୍ୱବ୍ୟାପୀ ଉପସ୍ଥିତି ଆହୁରି ବିସ୍ତାର ହେବ। ୨୦୨୫ ଏପ୍ରିଲରେ ଗ୍ରୁପ୍ ୫ ଟି ନୂତନ ଶୋ'ରୁମ୍ ଶୁଭାରମ୍ଭ ମଧ୍ୟ ପ୍ରାଚ୍ୟ, ୟୁକେ ଏବଂ କାନାଡା ଭଳି ରାଷ୍ଟ୍ରରେ ଆରମ୍ଭ ହେବାକୁ ଯାଉଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପ୍ରଖ୍ୟାତ ଅଭିନେତା ଏବଂ ବ୍ରାଣ୍ଡ ଆମ୍ବାସାଡର ଏନ୍‌ଟିଆର୍ ଜୁନିଅରଙ୍କ ସହିତ ଏକ ଗ୍ରାହକ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ବ୍ରାଣ୍ଡକୁ ଏକ ଦାୟିତ୍ୱବାନ ଅଳଙ୍କାର ବିକ୍ରେତା ଭାବେ ଉଜ୍ଜ୍ୱଳ କରିଥାଏ, ସ୍ଥାୟୀ ଅଭ୍ୟାସ, ପ୍ରାମାଣିକ ହଲମାର୍କିଂ ଅଳଙ୍କାର ଏବଂ ପ୍ରମାଣିତ ପ୍ରାକୃତିକ ହୀରା ପ୍ରତି ଏହାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥାଏ।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି, ଆମର ସମ୍ପ୍ରସାରଣ ଯୋଜନା ଆମର ବିଶ୍ୱସ୍ତରୀୟ ପାଦଚିହ୍ନକୁ ବିସ୍ତାର କରିବା ଏବଂ ସଫଳ ଅଭିଜ୍ଞତା ସହିତ ଆମର ବ୍ୟାପକ ଦୃଷ୍ଟିକୋଣ ସହିତ ସଂଯୁକ୍ତ ରହିଛି। ଏପରିକି ଆମେ ନୈତିକ ବ୍ୟବସାୟିକ ଅଭ୍ୟାସ ଏବଂ ଦାୟିତ୍ୱପୂର୍ଣ୍ଣ ସୋର୍ସିଂ ପ୍ରତି ଗଭୀର ଭାବେ ପ୍ରତିବଦ୍ଧ ରହିଛୁ, ଯାହା ଆମର ମୂଲ୍ୟବୋଧର ମୂଳରେ ରହିଛି। ଆମେ ବୃଦ୍ଧି ପାଇବା ଏବଂ ନୂତନ ବଜାରରେ ପ୍ରବେଶ କରିବା ସହିତ ପ୍ରତ୍ୟେକ ଶୋ'ରୁମ୍ ଖୋଲିବା ବିଶ୍ୱର ୧ ନମ୍ବର ଅଳଙ୍କାର ଏବଂ ଲକ୍ସୁରି ବ୍ରାଣ୍ଡ ହେବାର ଆମର ଦୃଷ୍ଟିକୋଣକୁ ସାକାର କରିବାର ଏକ ପାଦ ନିକଟତର କରିଥାଏ।

# ସିଆଇଆର୍‌ଟିଡିକୁ ଦ୍ୱାଦଶ ଶାମ୍ଭବୀ ପୁରସ୍କାର

ଭୁବନେଶ୍ୱର,୨୦।୩



ଭୁବନେଶ୍ୱରର ମେ ଫେୟାରଠାରେ ଆୟୋଜିତ ୧୨ତମ ଶାମ୍ଭବୀ ପୁରସ୍କାର ଉତ୍ସବରେ ପୁରସ୍କୃତ ପ୍ରତିଷ୍ଠାନର ପ୍ରତିନିଧିଙ୍କ ସହ ଅତିଥି, ବିଚାରକ ମଣ୍ଡଳୀ ଏବଂ ଇମ୍ଫା ଓ ବିଆଇପିଏଫ୍‌ର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଗ୍ରାମୀଣ ବିକାଶରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ(ବିଆଇପିଏଫ୍) ପକ୍ଷରୁ ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ୍ ରୁରାଲ ଆଣ୍ଡ ଟ୍ରାଇବାଲ ଡେଭଲପମେଣ୍ଟ (ସିଆଇଆର୍‌ଟିଡି)କୁ ଦ୍ୱାଦଶ ଶାମ୍ଭବୀ ପୁରସ୍କାର ପ୍ରଦାନ କରିଛି ସିଆଇଆର୍‌ଟିଡି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସୁନ୍ଦରଗଡ଼ ଜିଲାର ଚାଷୀ, ମହିଳା, ଶିଶୁ ଏବଂ ଯୁବବର୍ଗଙ୍କୁ ସେମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବାରେ ସାହାଯ୍ୟ କରିଆସୁଛି। ଶ୍ରବଣ ବାଧାଗ୍ରସ୍ତ ପିଲାମାନଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କୁ ନିଜ କ୍ଷମତା ଅନୁରୂପ ସକ୍ଷମ କରିବା ପାଇଁ ଓଡ଼ିଶାର ସୋନପୁରର ଡକ୍ଟର ଶିବାଜୀ ପଣ୍ଡାଙ୍କୁ ଜୁରୀ ପ୍ରଶଂସା ପ୍ରମାଣପତ୍ରରେ ସମ୍ମାନିତ କରାଯାଇଛି ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟୋଗ (ସ୍ୱାଧୀନ ଦାୟିତ୍ୱ) ଏବଂ ଶିକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିଂହ ଚୌଧୁରୀ ମୁଖ୍ୟ ଅତିଥି ଓ ପଦ୍ମଶ୍ରୀ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଏବଂ ଦକ୍ଷତା କ୍ଷେତ୍ର ଓ ବିଦ୍ୟାଳୟର ଯୁବ ପ୍ରତିନିଧିମାନଙ୍କ ମଧ୍ୟରେ ଏକ ସରଗରମ ଓ ରୋଚକ ଆଲୋଚନା ଏହି ସମାରୋହର ଏକ ପ୍ରମୁଖ ଆକର୍ଷଣ ଥିଲା

ବିଆଇପିଏଫର ଟ୍ରଷ୍ଟି ଏବଂ ପ୍ରତିଷ୍ଠାତା ସିଇଓ ଏବଂ ଇମ୍ଫାର ସିଏସ୍‌ଆର୍ (ସ୍ୱତନ୍ତ୍ର ପଦକ୍ଷେପ) ମୁଖ୍ୟ ଶୈଫାଳିକା ପଣ୍ଡାଙ୍କ ଦ୍ୱାରା ସଂଚାଳନ କରାଯାଇଥିବା ଏହି ଅଧିବେଶନରେ ଆଜିର ଯୁବପିଢ଼ିଙ୍କ ଆକାଂକ୍ଷା, ଚ୍ୟାଲେଞ୍ଜ ଏବଂ ଭବିଷ୍ୟତର ସୁଯୋଗ ବିଷୟରେ ଆଲୋଚନା କରାଯାଇଥିଲା

ଆଲୋଚନାରେ ଦକ୍ଷତା ବିକାଶ, କ୍ୟାରିଅର ପ୍ରସ୍ତୁତି ଏବଂ ନିଯୁକ୍ତି ସମ୍ଭାବନାକୁ ଉନ୍ନତ କରିବା ପାଇଁ ଏକ ସାମଗ୍ରିକ ଦୃଷ୍ଟିକୋଣର ଅବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଏହି ଅନ୍ତର୍ଦୃଷ୍ଟି ପୂର୍ଣ୍ଣଭାବ ଆଦାନ ପ୍ରଦାନ ଏକ ଅନ୍ତର୍ଭୁକ୍ତକାରୀ ଏବଂ ପ୍ରଗତିଶୀଳ ସମାଜ ଗଠନରେ ଯୁବ ପରିବର୍ତ୍ତନକାରୀଙ୍କ ଭୂମିକାକୁ ପ୍ରତିପାଦିତ କରିଥିଲା

୨୦୧୪ରେ ଏହାର ଶୁଭାରମ୍ଭ ହେବା ପରଠାରୁ ଶାମ୍ଭବୀ ପୁରସ୍କାର ୨୦ ରୁ ଅଧିକ ତୃଣମୂଳସ୍ତରର ପରିବର୍ତ୍ତନକାରୀଙ୍କୁ ସ୍ୱୀକୃତି ପ୍ରଦାନ କରିବା ସହିତ ସେମାନଙ୍କୁ ସଶକ୍ତ କରିଛି, ଯାହା ସେମାନଙ୍କର ପ୍ରଭାବକୁ ବୃଦ୍ଧି କରିବା ସହ ଗୋଷ୍ଠୀ-କେନ୍ଦ୍ରିକ ପରିବର୍ତ୍ତନକୁ ପ୍ରେରଣା ଯୋଗାଇଛି।

**ସ୍ତ୍ରୀ, ଝିଅଙ୍କୁ ହତ୍ୟାକରି ସ୍ୱାମୀଙ୍କ ଆତ୍ମହତ୍ୟା**

ବିକାନେର: ରାଜସ୍ଥାନ ବିକାନେରର ଏକ ଘରୁ ଗୁରୁବାର ବ୍ୟବସାୟୀ ନୀତିନ ଖତ୍ରୀ, ତାଙ୍କ ସ୍ତ୍ରୀ ରଜନୀ ଏବଂ ୧୮ ବର୍ଷୀୟ ଝିଅ ଜେସିକାଙ୍କ ମୃତଦେହ ମିଳିଛି। ନୀତିନଙ୍କ ମୃତଦେହ ରଶିରେ ଝୁଲୁଥିବାବେଳେ ତଳେ ରଜନୀ ଏବଂ ଜେସିକାଙ୍କର ମୃତଦେହ ପଡ଼ି ରହିଥିଲା। ଗତ ୧୫ ଦିନ ଧରି ଘର ମଧ୍ୟରେ ଏହି ୩ ମୃତଦେହ ପଡ଼ି ରହିଥିବା ନେଇ ପୋଲିସ ସୂଚନା ଦେଇଛି। ନୀତିନଙ୍କ ଘରୁ ଦୁର୍ଗନ୍ଧ ଆସିବାରୁ ତାଙ୍କ ପଡ଼ୋଶୀ ଏନେଇ ପୋଲିସକୁ ଖବର ଦେଇଥିଲେ। ୩ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତେବେ ନୀତିନ କାହିଁକି ଏପରି କଲେ ସେନେଇ ତଦନ୍ତ ଜାରି ରହିଛି।

# ମଦ ବ୍ୟବସାୟୀଙ୍କ ୨୫ସ୍ଥାନରେ ଆୟକର ଚଢ଼ାଉ

- ଅନୁଗୋଳ, ଢେଙ୍କାନାଳ, ଭୁବନେଶ୍ୱର, ପୁରୀରେ ଯାଞ୍ଚ
- ବିପୁଳ ଟଙ୍କା, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ସୂଚନା
- ୨୦୨୩ରେ ହୋଇଥିଲା ଜିଏସ୍ଟି ଚଢ଼ାଉ

ଭୁବନେଶ୍ୱର/ଅନୁଗୋଳ/ବଇଣ୍ଡା/କାମାକ୍ଷାନଗର,୨୦।୩ (ସତ୍ୟଜିତ୍ ରାଉତ, ଜ୍ୟୋତିରଞ୍ଜନ ସାହୁ, ପରିକ୍ଷିତ ସାହୁ, ସୁଧୀର ପରିଡ଼ା)



ଆୟକର ବିଭାଗ ସଦସ୍ୟ ମଦ ବ୍ୟବସାୟୀଙ୍କ ଘରକୁ ଯାଉଛନ୍ତି।

ଅନୁଗୋଳର ଜଣାଶୁଣା ମଦ ବ୍ୟବସାୟୀ ବିକ୍ରମ ସାହୁଙ୍କ ଘର ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଆୟକର ବିଭାଗ ପକ୍ଷରୁ ଗରୁବାର ବଡ଼ଧରଣର ଚଢ଼ାଉ ହୋଇଛି। ଆୟକର ଫାଙ୍କି, ବିଭିନ୍ନ ଆର୍ଥିକ ଅନିୟମିତତା ଅଭିଯୋଗରେ ବିକ୍ରମଙ୍କ ଦେଶୀ ମଦ ଭାଟି, ଗୋଦାମ, ମଦ ଦୋକାନ, ହୋଟେଲ ସମେତ ଅନୁଗୋଳ, ଢେଙ୍କାନାଳ, ଭୁବନେଶ୍ୱର, ପୁରୀ ଆଦିର ମୋଟ ୨୫ଟି ସ୍ଥାନରେ ଯାଞ୍ଚ କରାଯାଉଛି। ତେବେ ଚଢ଼ାଉ ହେବାର ପୂର୍ବ ସୂଚନା ପାଇ ବିକ୍ରମ ତାଙ୍କ ପରିବାର ସଦସ୍ୟଙ୍କୁ ନେଇ ରାଜ୍ୟ ବାହାରକୁ ଚାଲିଯାଇଥିବା ଜଣାପଡ଼ିଛି। ଏହି ଚଢ଼ାଉରେ ଆଇଟି ଟିମ୍ ବିପୁଳ ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ସୂଚନା ମିଳିଛି। ସୂଚନାନୁସାରେ, ଆୟକର ବିଭାଗର ୩ ଜଣିଆ ଟିମ୍ ଅନୁଗୋଳରେ ଚଢ଼ାଉ କରିଥିବାବେଳେ ବଇଣ୍ଡାସ୍ଥିତ ସମ୍ପର୍କୀୟ ତଥା କର୍ମଚାରୀଙ୍କ ଘର ଓ ଢେଙ୍କାନାଳ କାମାକ୍ଷାନଗରସ୍ଥିତ ଶକ୍ତି ମଲ୍ଟି ଏୟାର ଲିମୋନେଡ୍ ପ୍ରାଇଭେଟ ଲିମିଟେଡରେ ମଧ୍ୟ ଯାଞ୍ଚ କରିଛନ୍ତି। ଅନୁଗୋଳରେ ବିକ୍ରମଙ୍କ ଶକ୍ତି ଇଣ୍ଟରନ୍ୟାଶନାଲ ହୋଟେଲ, ବଇଣ୍ଡାସ୍ଥିତ ସମ୍ପର୍କୀୟ ତଥା କର୍ମଚାରୀଙ୍କ ଘର, ମଦ ଭାଟି, ପେଟ୍ରୋଲ ପମ୍ପ, ଢେଙ୍କାନାଳ ବଟଲିଂ ପ୍ଲାଣ୍ଟ ଆଦିରେ ଆଇଟି ଟିମ୍ ତନତନ ଯାଞ୍ଚ କରିବା ସହ ବିଭିନ୍ନ ଲୋକଙ୍କୁ ପଚରାଉଚରା କରିଛି। ଏହିସମୟରେ ଆୟକର ଅଧିକାରୀମାନେ ବିକ୍ରମଙ୍କ ବିଭିନ୍ନ ବ୍ୟାଙ୍କର ଆକାଉଣ୍ଟ ବହି, ବ୍ୟାଙ୍କ ଷ୍ଟେଟମେଣ୍ଟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଆର୍ଥିକ ରେକର୍ଡ ଯାଞ୍ଚ କରି ତଥ୍ୟ ହାସଲ କରିଛନ୍ତି। ଏନେଇ ଆୟକର ବିଭାଗ ପକ୍ଷରୁ କେହି ବି ମୁହଁ ଖୋଲି ନ ଥିବାବେଳେ ୧୨ ଜଣିଆ ଟିମ୍ ମଦ ଏବଂ ପରିବହନ କ୍ଷେତ୍ରରେ ଆର୍ଥିକ କାରବାର ଯାଞ୍ଚ କରିଥିଲେ। ସେହିପରି କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ବିକ୍ରମଙ୍କ ସମ୍ପର୍କୀୟ ସୀତାରାମ ସାହୁଙ୍କ ଘରେ ଆଇଟି ଟିମ୍ ସକାଳୁ ଚଢ଼ାଉ କରି ତାହାକୁ ସିଲ୍ କରିଥିଲା। ଅନୁଗୋଳରେ ଥିବା ସୀତାରାମ ବଇଣ୍ଡା ଆସିବା ପରେ ଉକ୍ତ ଟିମ୍ ତାଙ୍କ ଉପର ମହଲାସ୍ଥିତ ଘର ଓ ସେଠାରେ ଭଡ଼ାରେ ରହୁଥିବା ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚରା କରିଥିଲେ। ସେହିପରି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମାଛିଆ ଗ୍ରାମ ନିକଟରେ ଥିବା ଶକ୍ତି ମଲ୍ଟି ଏୟାରରେ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଆୟକର ଟିମ୍ ଯାଞ୍ଚ କରିଥିଲା। ତେବେ ବିକ୍ରମ କିଛିଦିନ ତଳେ ପୁରୀରେ ୩୫ କୋଟି ଟଙ୍କାରେ ଏକ ହୋଟେଲ କିଣିଥିବା ଆଇଟି ଟିମ୍ ଜାଣିବାକୁ ପାଇଛି। ଏହାପୂର୍ବରୁ ପୁରୀରେ ମଧ୍ୟ ତାଙ୍କର ଏକ ହୋଟେଲ ରହିଥିଲା। ବିକ୍ରମଙ୍କ ୬୦ରୁ ୭୦ଟି ଦେଶୀ ମଦଭାଟି ଥିବାବାଳେ ବହୁ କର୍ମଚାରୀଙ୍କୁ ଆୟକର ଟିମ୍ ପଚରାଉଚରା କରିଛି। ତେବେ ଅନୁଗୋଳ ବଜାର ଉପରେ ପେଟ୍ରୋଲ ପମ୍ପ ଜରିଆରେ ବିକ୍ରମ କଳା ଟଙ୍କାକୁ ଧଳା କରୁଥିଲେ ବୋଲି ଆଇଟି ବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି। ତେବେ ଏହି ଚଢ଼ାଉ ନେଇ ଆଇଟି ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଖୁବ୍‌ଶୀଘ୍ର ଏନେଇ ବିସ୍ତୃତ ତଥ୍ୟ ଦିଆଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଟିକସ ଫାଙ୍କି ଅଭିଯୋଗରେ ୨୦୨୩ରେ ବିକ୍ରମଙ୍କ ଘରେ ଜିଏସ୍ଟି ଚଢ଼ାଉ ହୋଇଥିଲା।

# ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା

## ସିସିଟିଭିରେ ଧରାପଡ଼ିଲା ମୃତଦେହ ଲୁଚାଇବାକୁ ନେବାର ଦୃଶ୍ୟ



ମୋଟର ସାଇକେଲ୍ ଯୋଗେ ମୃତଦେହ ନେଇ ଯାଉଥିବାର ଦୃଶ୍ୟ।(ବୃତ୍ତ ଚିହ୍ନିତ)

ଜୟପୁର(ରାଜସ୍ଥାନ),୨୦।୩

ପରକିୟା ପ୍ରେମ ଧରାପଡ଼ିଯିବାରୁ ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା କଲେ। ପରେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ମୃତଦେହକୁ ପୋଡ଼ିବାକୁ ନିକଟସ୍ଥ ଏକ ଜଙ୍ଗଲକୁ ନେବାବେଳର ଦୃଶ୍ୟ ଏବେ ସିସିଟିଭିରେ କଏଦ ହୋଇଛି। ଏଭଳି ଏକ ଘଟଣା ଘଟିଛି ରାଜସ୍ଥାନ ଜୟପୁରରେ। ସିସିଟିଭି ଫୁଟେଜକୁ ଅଧାର କରି ପୋଲିସ ଅଭିଯୁକ୍ତ ମହିଳା ଗୋପାଳି ଦେବୀଙ୍କୁ ଗିରଫ କରିଥିବାବେଳେ ଅନ୍ୟତମ ଅଭିଯୁକ୍ତ ତଥା ପ୍ରେମିକ ଦୀନଦୟାଲ୍ କୁଶଓ୍ୱାହ ଏବେ ଫେରାର ଅଛନ୍ତି। ପୋଲିସ ଅର୍ଦ୍ଧଦଗ୍ଧ ମୃତ ଶରୀରକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁସାରେ, ଗୋପାଳି ବିବାହିତ ହୋଇଥିବାବେଳେ ତାଙ୍କ ସ୍ୱାମୀ ଧନଲାଲ୍ ସାଇନୀ ଜଣେ ପରିବା ବ୍ୟବସାୟୀ। ଗତ ୫ବର୍ଷ ହେବ ଗୋପାଳି ଏବଂ କୁଶଓ୍ୱାହଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଏପରିକି ଗୋପାଳି ଏକ ଫ୍ୟାକ୍ଟ୍ରିରେ କାମ କରୁଛନ୍ତି ବୋଲି ସ୍ୱାମୀଙ୍କୁ ମିଛ କହି କୁଶଓ୍ୱାହଙ୍କ ସହ ସମ୍ପର୍କ ରଖି ଆସୁଥିଲେ। ସ୍ତ୍ରୀଙ୍କ କାର୍ଯ୍ୟକଳାପରେ ସନ୍ଦେହ ହେବାରୁ ସ୍ୱାମୀ ସାଇନୀ ଗତ ଶନିବାର କୁଶଓ୍ୱାହ କାମ କରୁଥିବା ଫ୍ୟାକ୍ଟ୍ରିକୁ ଯାଇଥିଲେ। ସେଠାରେ ସାଇନୀ ଉଭୟ ଗୋପାଳି ଏବଂ କୁଶଓ୍ୱାହଙ୍କୁ ଏକାଠି ପାଇଥିଲେ। ଗୋପାଳି ଏବଂ କୁଶଓ୍ୱାହଙ୍କ ସମ୍ପର୍କକୁ ନେଇ ସାଇନୀ ପ୍ରତିବାଦ କରିବାରୁ ଉଭୟେ ରାଗିଯାଇଥିଲେ। ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ସାଇନୀଙ୍କୁ କୁଶଓ୍ୱାହ ଉପରମହଲାକୁ ନେଇଯାଇ ତାଙ୍କ ମୁଣ୍ଡକୁ ଏକ ଲୁହାରଡ଼ରେ ପିଟି ଦେଇଥିଲେ। ଏପରିକି ଏକ ଦଉଡ଼ିରେ ବେକକୁ ଚାପି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସାଇନୀଙ୍କ ମୃତ୍ୟୁ ହୋଇଥିଲା। ପରେ ଗୋପାଳି ପ୍ରେମିକଙ୍କ ସହ ମିଶି ମୃତଦେହକୁ ଲୁଚାଇବା ଉଦ୍ଦେଶ୍ୟରେ କୁଶଓ୍ୱାହଙ୍କ ମୋଟରସାଇକେଲରେ ଜଙ୍ଗଲକୁ ନେଇଥିଲେ। ମୃତଶରୀରକୁ ଏକ କପଡ଼ାରେ ବାନ୍ଧି ମୋଟରସାଇକେଲରେ ମାର୍କେଟ ଅଞ୍ଚଳ ଦେଇ ଯିବାବେଳେ ଏହା ସିସିଟିଭିରେ କଏଦ ହୋଇଥିଲା। ଜଙ୍ଗଲକୁ ନେବା ବାଟରେ ରିଙ୍ଗରୋଡ୍ ପାର୍ଶ୍ୱରେ ମୃତଦେକୁ ଫିଙ୍ଗି ନିଆଁ ଲଗାଇଦେଇ ସେଠାରୁ ଉଭୟ ଗୋପାଳି ଏବ କୁଶଓ୍ୱାହ ପଳାଇଯାଇଥିଲେ। ରାସ୍ତାପାର୍ଶ୍ୱରେ ଅର୍ଦ୍ଧଦଗ୍ଧ ମୃତଦେହକୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ପରେ ସିସିଟିଭିର ଦୃଶ୍ୟ ଭାଇରାଲ ହେବାରୁ ପୋଲିସ ଗୋପାଳିଙ୍କୁ ଧରି ପଚରାଉଚରା କରିବା ପରେ ସେ ସବୁକଥା ସ୍ୱୀକାର କରିଥିଲେ ବୋଲି ଦକ୍ଷିଣ ଜୟପୁର ଡିସିପି ଦିଗନ୍ତ ଆନନ୍ଦ କହିଛନ୍ତି।

# ରାଜାଙ୍କ ଘନିଷ୍ଠ ସହଯୋଗୀ ସୁଶାନ୍ତ ଗିରଫ

ଭୁବନେଶ୍ୱର,୨୦।୩ (ସତ୍ୟଜିତ୍ ରାଉତ)

**ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା**



ସୁଶାନ୍ତ ସାମଲ

ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା କେନ୍ଦୁଝରେ ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିଃରେ ହୋଇଥିବା ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ବିଜେଡି ନେତା ସୌମ୍ୟ ଶଙ୍କର ଚକ୍ର ଓରଫ ରାଜା ଏବେ ରିମାଣ୍ଡରେ ଅଛନ୍ତି। ତାଙ୍କ ସହ ସମବାୟ ସମିତିର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାଶଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବୁଧବାରଠାରୁ ୩ ଦିନିଆ ରିମାଣ୍ଡରେ ଆଣି ମାରାଥନ ଜେରା କରୁଛି। ସେମାନଙ୍କଠାରୁ ଇଓଡବ୍ଲ୍ୟୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ଗୁରୁବାର ରାଜାଙ୍କ ଘନିଷ୍ଠ ସହଯୋଗୀ ସୁଶାନ୍ତ ସାମଲଙ୍କୁ ଗିରଫ କରି ଇଓଡବ୍ଲ୍ୟୁ ବାଲେଶ୍ୱର ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଛି। ରାଜାଙ୍କ ବହୁ କୋଟି ଟଙ୍କାକୁ ବିଭିନ୍ନ ସ୍ଥାନରେ ଲୁଚାଇ ରଖିବାରେ ସୁଶାନ୍ତ ସହଯୋଗ କରିଥିଲେ ବୋଲି ଇଓଡବ୍ଲ୍ୟୁ ପ୍ରମାଣ ପାଇଛି। ଅପରପକ୍ଷରେ ଅଭିଯୁକ୍ତମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ସହ ସେସବୁ ଆକାଉଣ୍ଟରୁ କାହା ପାଖକୁ ଟଙ୍କା ଟ୍ରାନ୍ସଫର୍ ହୋଇଛି ତାହା ଜାଣିବାକୁ ଇଓଡବ୍ଲ୍ୟୁ ଛାନ୍‌ଭିନ୍ ଚଳାଇଛି। ଇଓଡବ୍ଲ୍ୟୁ ଟିମ୍ ଅଭିଯୁକ୍ତମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଏକାକୀ ଓ ପରେ ମୁହାଁମୁହିଁ ଜେରା କରୁଛି। ଏହି ମାମଲାରେ ସହଅଭିଯୁକ୍ତ ଥିବା ରାଜାଙ୍କ ଅନ୍ୟ ୩ ସହଯୋଗୀ ସଦାଶିବ ସାମଲ, ଶେଖର ନାଏକ ଓ ସମୀର ଜେନାଙ୍କ ବିରୋଧରେ ମଧ୍ୟ ଇଓଡବ୍ଲ୍ୟୁ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି।

ଉଲ୍ଲେଖଯୋଗ୍ୟ, ମୁଖ୍ୟ ଅଭିଯୁକ୍ତ ରାଜା ସମବାୟ ସମିତିର ସଭାପତି, ସମ୍ପାଦକ ଏବଂ ଅନ୍ୟ ଲୋକଙ୍କୁ ହାତବାରିସି କରି ବହୁ କୋଟି ଟଙ୍କା ହଡ଼ପ କରିଥିଲେ। ପ୍ରଥମେ ସମବାୟ ସମିତିର ସଭାପତି ଥିବା ମାନସ ଓ ସମ୍ପାଦକ ଉତ୍କଳଙ୍କୁ ଗିରଫ କରାଯାଇଥିବା ବେଳେ ମାର୍ଚ୍ଚ ୧୩ରେ ରାଜାଙ୍କୁ ଗିରଫ କରାଯାଇଥିଲା। ତେବେ ଏହି ମାମଲାରେ ଇଓଡବ୍ଲ୍ୟୁ ଅଧିକ ତଥ୍ୟ ପ୍ରମାଣ ଯୋଗାଡ଼ କରିବାକୁ ଛାନ୍‌ଭିନ୍ ଚଳାଇଥିବା ବେଳେ ଆଗକୁ ଗିରଫଦାରି ସଂଖ୍ୟା ବଢ଼ିପାରେ ବୋଲି ସୂଚନା ମିଳିଛି।

# ମାଲିକାଣୀଙ୍କ ଘରୁ ଚୋରି, ସହାୟିକା ଗିରଫ

ଭୁବନେଶ୍ୱର,୨୦।୩ (ସୂର୍ଯ୍ୟକାନ୍ତ ବେହେରା)

ମାଲିକାଣୀଙ୍କ ବିଶ୍ୱାସରେ ବିଷ ଦେଇ ତାଙ୍କ ଘରୁ ଟଙ୍କା ଚୋରି କରିବା ଜଣେ ଘରୋଇ ସହାୟିକାଙ୍କ ପାଇଁ ମହଙ୍ଗା ପଡ଼ିଛି। ଘର ମାଲିକାଣୀ ସନ୍ଧ୍ୟାରାଣୀ ବେହେରାଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତା ଘରୋଇ ସହାୟିକା ଜଣକ ହେଲେ ୟୁନିଟ-୯ରେ ରହୁଥିବା ଗଞ୍ଜାମର ଡି. ଭାରା ଲକ୍ଷ୍ମୀ। ତାଙ୍କଠାରୁ ୯,୨୩୦ ଟଙ୍କା ଜବତ ହୋଇଛି। ସନ୍ଧ୍ୟାରାଣୀ ଗତ ଦୁଇବର୍ଷ ତଳେ ଅଭିଯୁକ୍ତା ଡି. ଲକ୍ଷ୍ମୀଙ୍କୁ ଘରୋଇ ସହାୟିକା ଭାବେ ନିଯୁକ୍ତି ଦେଇଥିଲେ। କିଛିଦିନ ତଳେ ଲକ୍ଷ୍ମୀ ଡ୍ରେସିଂ ଟେବୁଲ ଡ୍ର’ରେ ଥିବା ଟଙ୍କାଚୋରି କରି କେଉଁଆଡ଼େ ଫେରାର ହୋଇଯାଇଥିଲେ।

# ପଞ୍ଚାୟତ ଟଙ୍କା ହେରଫେର, ପିଇଓଙ୍କୁ ଉଠାଇଲା ଭିଜିଲାନ୍ସ

ବ୍ରହ୍ମପୁର/ ଦିଗପହଣ୍ଡି, ୨୦।୩ (ସୁବାସ ଚନ୍ଦ୍ର ପାଢ଼ୀ/ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତକୁ ଆସିଥିବା ସରକାରୀ ଟଙ୍କା ହେରଫେର୍ ଅଭିଯୋଗ ହୋଇଛି। ସରପଞ୍ଚଙ୍କ ଅଜାଣତରେ ପ୍ରାୟ ୩୮ଲକ୍ଷ ଟଙ୍କା ଉଠା ଯାଇଥିବା ନେଇ ପିଇଓଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକ୍ରମେ ଗୁରୁବାର ବ୍ରହ୍ମପୁର ଭିଜିଲାନ୍ସର ଏକ ଟିମ୍ ରାଧାଦେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଟଙ୍କା ହେରଫେର୍ ସମ୍ପର୍କରେ ଟିମ୍ ଯାଞ୍ଚ କରିବା ସହିତ ବିଭିନ୍ନ କର୍ମଚାରୀଙ୍କୁ ପଚାରିଥିଲେ। ପିଇଓଙ୍କୁ ଜେରା କରିବା ସହିତ ତାଙ୍କୁ ବ୍ରହ୍ମପୁର ଉଠାଇ ନେଇଥିବା ସୂଚନା ମିଳିଛି। ପିଇଓଙ୍କ କାର୍ଯ୍ୟାଳୟରୁ ଭିଜିଲାନ୍ସ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ପିଇଓଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ଚାଲିଛି। ପ୍ରମାଣ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭିଜିଲାନ୍ସ ଏସପି କହିଛନ୍ତି।

# ରେଳ ଷ୍ଟେଶନରୁ ଗଞ୍ଜେଇ ଜବତ, ଉତ୍ତରପ୍ରଦେଶର ୨ ଯୁବକ ଗିରଫ

ଭୁବନେଶ୍ୱର,୨୦।୩ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରରୁ ଗଞ୍ଜେଇ ସଂଗ୍ରହ କରି ଉତ୍ତରପ୍ରଦେଶ ଚୋରାଚାଲାଣ ପାଇଁ ଟ୍ରେନକୁ ଅପେକ୍ଷା କରିଥିବାବେଳେ ଆର୍‌ପିଏଫ୍ ଓ ଜିଆର୍‌ପି ମିଳିତ ଚଢ଼ାଉ କରି ଷ୍ଟେଶନରୁ ଦୁଇ ନିଶା ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଉତ୍ତରପ୍ରଦେଶର ରାଜୁ ଓ ଦୀପକ। ସେମାନଙ୍କଠାରୁ ୩୦ କେଜିରୁ ଅଧିକ ଗଞ୍ଜେଇ ଜବତ ହୋଇଛି। ଏନେଇ ଜିଆର୍‌ପି ଏକ ମାମଲା ରୁଜୁକରି ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ କାହାଠାରୁ ଆଣୁଥିଲେ କେବେଠାରୁ ଟ୍ରେନରେ ଚୋରା ଚାଲାଣ କରୁଥିଲେ ତାହା ଉପରେ ଜିଆର୍‌ପି ଅଧିକ ତଦନ୍ତ ଜାରି ରଖିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେକା**
**ହାତରୁ ଖସିଲେ ଅଣବାହୁଡ଼ା।**

ଯେମିତି ହାତରୁ ଟେକା ଥରେ ଖସିଗଲେ ଆଉ ଫେରିଆସେ ନାହିଁ, ସେମିତି କୌଣସି ଭୁଲ୍ କାର୍ଯ୍ୟ ବା ଭୁଲ୍ କଥା ହେଲେ ତାହା ଆଉ ବଦଳାଇ ହୁଏନାହିଁ। ତେଣୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ତାହାର ଭଲମନ୍ଦ ଦିଗ ପ୍ରତି ସଚେତନ ରହିବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଟାଣ କରୁଥାଇ ମାଇପ ଆଗେ**
**ଲାଲ ପାଗ ଦେଖି ଘରକୁ ଭାଗେ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି, ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣ କରି କଥା କହିବାକୁ ସାହସ ଜୁଟାଇ ପାରିନଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପାରାଦୀପ ବନ୍ଦର ପ୍ରଶାସନିକ ଭବନରେ ସିବିଆଇ ଟିମ୍

**ଠିକାସଂସ୍ଥା ଠକେଇ ଉପରେ ଚାଲିଛି ତଦନ୍ତ**

ପାରାଦୀପ, ୨୦।୩(ଶରତ ରାଉତ)

ପାରାଦୀପ ବନ୍ଦର ପ୍ରଶାସନିକ ଭବନରେ ଗୁରୁବାର ଅପରାହ୍ନରେ ସିବିଆଇ (କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ)ର ଏକ ଟିମ୍ ପହଞ୍ଚି ଏକ ଠକେଇ ଘଟଣାର ତଦନ୍ତ କରିଛି। ଗତବର୍ଷ ହାଇଦ୍ରାବାଦର ଏକ ଠିକାସଂସ୍ଥା ନକଲି ବ୍ୟାଙ୍କ ଗ୍ୟାରେଣ୍ଟି ଜରିଆରେ ପାରାଦୀପ ବନ୍ଦରଠାରୁ ବହୁ କୋଟି ଟଙ୍କା ଠକିଥିବା ଜଣାପଡିଥିଲା। ଏଥିରେ ବନ୍ଦରର ଜଣେ ନିର୍ବାହୀ ଯନ୍ତ୍ରୀଙ୍କ ଭୂମିକା ଉପରେ ତଦନ୍ତକାରୀ ଅଧିକାରୀମାନେ ଯାଞ୍ଚ କରୁଛନ୍ତି। ଏ ନେଇ ବନ୍ଦର ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

ଅପରପକ୍ଷରେ ସିବିଆଇର ୮ଜଣିଆ ଟିମ୍‌ର ସଦସ୍ୟ ତଥା ଡିଏସ୍‌ପି ପଙ୍କଜ ବଟସ କହିଛନ୍ତି ଯେ, ଗୁରୁବାର ୪ ଜାଗାରେ ଚଢ଼ାଉ କରାଯାଇଛି। ଠିକାସଂସ୍ଥାର ହାଇଦ୍ରାବାଦସ୍ଥିତ ଦୁଇଟି କାର୍ଯ୍ୟାଳୟ ସମେତ ପାରାଦୀପ ବନ୍ଦର ଆର ଆଣ୍ଡ ବି କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀ ଗଙ୍ଗାଧର ସେଠୀଙ୍କ କେନ୍ଦ୍ରାପଡା ଜିଲା ମାର୍ଶାଘାଇସ୍ଥିତ ବାସଭବନରେ ଚଢ଼ାଉ କରାଯାଇଛି। ଏସବୁ ସ୍ଥାନରୁ ଟେଣ୍ଡର ସମ୍ପର୍କିତ କାଗଜପତ୍ର ସମେତ କମ୍ପ୍ୟୁଟର ହାର୍ଡଡିସ୍କ ଜବତ କରି ଗୋଟିଏ ମାମଲା ରୁଜୁ କରାଯାଇଛି।

# ୩ୟ ଦିନରେ କ୍ରାଇମବ୍ରାଞ୍ଚ ଟିମ୍‌ର ଛାନ୍‌ଭିନ

**ନବ ଦାସ ହତ୍ୟାକାଣ୍ଡ ମାମଲା**

ଝାରସୁଗୁଡ଼ା,୨୦।୩ (ଆଶିଷ ରଞ୍ଜନ ଦାଶ)

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ୨ଜଣିଆ ଟିମ୍ ଗୁରୁବାର ୩ୟ ଦିବସରେ ଝାରସୁଗୁଡା ମୁଖ୍ୟ ଡାକ୍ତରଖାନା ଏବଂ ନବ ଦାସଙ୍କୁ ହତ୍ୟା କରାଯାଇଥିବା ବ୍ରଜରାଜନଗରସ୍ଥିତ ଗାନ୍ଧୀ ଛକରେ ପହଞ୍ଚି ଛାନ୍‌ଭିନ କରିଛି। ପୂର୍ବାହ୍ନ ପ୍ରାୟ ୧୦ଟା ୫୫ ମିନିଟ୍‌ରେ ଗାନ୍ଧୀ ଛକଠାରେ ଟିମ୍ ପହଞ୍ଚି ଥିଲା। ସେଠାରେ ମାତ୍ର ୧୦ ମିନିଟ ରହି ଗୋପାଳ ଦାସଙ୍କ ଭାଇ ହୋଟେଲ କରିଥିବା ଘର ମାଲିକ ଏବଂ ପାର୍ଶ୍ୱବର୍ତ୍ତୀ ଦୋକାନରେ ପଚରାଉଚରା କରିଥିଲା। ପରେ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚିଥିଲା କ୍ରାଇମବ୍ରାଞ୍ଚ ଟିମ୍। ମୁଖ୍ୟ ଡାକ୍ତରଖାନାର ତତ୍କାଳୀନ ସିଡିଏମ୍‌ଓ ଡୋଲାମଣି ପଟେଲଙ୍କୁ ନବ ଦାସ ହତ୍ୟାକାଣ୍ଡ ଦିନର ସମସ୍ତ ତଥ୍ୟ ପଚାରିବା ପରେ ୧୬୧ରେ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକ କହିଥିଲେ ଯେ ଝାରସୁଗୁଡ଼ା ବିମାନ ବନ୍ଦରରେ ନବ ଦାସଙ୍କୁ ଏୟାର ଲିଫ୍ଟ କରିବା ସମୟର ସମସ୍ତ ତଥ୍ୟ ମଗାଯାଇଛି। ଆମେ ତଦନ୍ତ ପ୍ରକ୍ରିୟାରେ ନୂତନ ପ୍ରମାଣ ଯୋଗାଡ଼ କରିବାକୁ ଏହି ଅତିରିକ୍ତ ତଦନ୍ତ ଚାଲିଛି ବୋଲି କହିଥିଲେ।


**DISTRICT OFFICE, SUNDARGARH**
(Social Welfare Section)
No 1378/Dt. 19-03-2025

**TENDER CALL NOTICE**

**No.g-195** : Sealed Tenders in the prescribed format are invited from interested Firms/agents for supply of design of packaging material for Take Home Ration (THR) provided under MSPY in Sundargarh District.

The Tender notice along with Terms & conditions and other details for the above purpose can be downloaded from District Websites (https://sundargarh.odisha.gov.in/ or can be seen in the Tender Notice displayed in the notice board of DSWO, Sundargarh.

Sd./- District Social Welfare Officer
Sundargarh
OIPR-24400/11/0009/2425

**GOVERNMENT OF ODISHA** No.B-1094:
**OFFICE OF THE SUPERINTENDING ENGINEER**
ଓଡ଼ିଶା ସରକାର **JHARSUGUDA (R&B) DIVISION, JHARSUGUDA**
E-mail ID: eepwdjsg2014@gmail.com
Telephone:06645-271242, Kalimandir Road,
Jharsuguda, 768202
**"e" Procurement Notice**
**Bid Identification No.S.E. R&B-JSG-26 of 2024-25**

| | | | |
|---|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in Double & Single Cover system on ONLINE mode from eligible contractors for Construction of Civil Work (Civil+EI) Works as detailed in DTCN. | | |
| 2. | Nature of Work | :- | Civil Works (Civil+EI) Works |
| 3. | Estimated Cost | :- | Rs.26.19 Lakhs, to Rs.55.41 Lakhs |
| 4. | No. of Work | :- | 03 (Three) Nos. |
| 5. | Tender Cost | :- | Rs.10000/- & Rs.6000.00 (as per DTCN) |
| 6. | Class of Contractor | :- | Sl.No.-1 & 2 - "B" Class, Sl.No.3- "C & B" |
| 7. | Availability of bid document in the website | :- | 10.00 A.M. of 25.03.2025 to 05.00 P.M. of 10.04.2025 |
| 8. | Date of Opening of Technical Bid (Cover-I) | :- | 11.00 AM on Dt.11.04.2025 |
| 9. | The bidders have to participate in ONLINE bidding only. Further details can be seen from the website https://tendersodisha.gov.in). Any addendum/ Corrigendum/Cancellation of tender can also be seen in the said website. | | |

Sd./- Superintending Engineer
Jharsuguda (R&B) Division
OIPR-34094/11/0022/2425

**OFFICE OF THE NOTIFIED AREA COUNCIL: G.UDAYAGIRI**
**E-Procurement Notice**
Bid Identification No:GUDR-NAC-02/2024-25
Letter No.991, Date:18.03.2025

**No.C-1925:**Name of the work for which e-Tender invited - Supply of labour, Vehicles, machineries & equipments for Sanitation Works including collection of solid waste from Door to Door, Road sweeping, Night Sweeping, Drain Cleaning, Bush Cutting, Bed level de-silting & Water Logging from Ward No. **1 to 13** of G UDAYAGIRI NAC area for the F.Y. 2025-26.
1. Estimated cost of work (Annually) - **Rs.1,48,27,956 /-**
2. Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.O having similar nature of work experience of at least Five years and fulfilling the other criteria as given in the D.T.C.N.
3. The Bid documents will be available in the web-site i.e http://www.tendersodisha.gov.in from **11.00 A.M of 19.03.2025 to 5.00 P.M of 28/03/2025** for online bidding.
4. Bid identification No: GUDR-NAC-02/2024-25
5. Last date & time of receipt of Bid through online: **28/03/2025 of 5.00 P.M**
6. Deposit original financial documents online: **11.00 A.M of 19/03/2025 up to 28/03/2025 of 5 P.M**
7. Opening of Bid on **29/03/2025 at 11.00 Hrs.** at G UDAYAGIRI NAC.
8. The bidder has to participate in online bidding only.
9. For further detail information any one can visit the-procurement portal of the Govt. of Odisha i.e. http://www.tendersodisha.gov.in.

Sd./- Executive Officer
G UDAYAGIRI NAC
OIPR-13072/11/0011/2425

**OFFICE OF THE SUPERINTENDING ENGINEER**
**KENDRAPARA (R&B) DIVISION No.II, KENDRAPARA**
No.B-1093 E-mail:eerandbdivn2kpd@gmail.com, Tel.No.06727-220408
GOVERNMENT OF ODISHA "e" Procurement Notice
**E-Procurement Notice for Electrical Work**
**Bid Identification No.S.E. (RnB) KPD-II-19/2024-25**

1. No. of Works : 3 Nos. of Electrical Work
2. Estimated Cost : Rs.48,19,060.00, Rs.14,91,259.00 Rs.12,02,633.00
3. Period of Completion : 01 (One) Calendar Month to 03 (Three) Calendar Month
4. Date & Time of Sale & Receipt of Bid Document : From 10.00 AM of 26.03.2025 to 5.00 PM of 07.04.2025
5. Last Date/Time of receipt of Bids : 5.00 P.M. of 07.04.2025
6. Date & Time of opening of Bids : 11.00 A.M. of 08.04.2025
7. Name and Address of the Inviting Bid : Superintending Engineer, Kendrapara (R&B) Division-II, Kendrapara.

Further details with any addendum, corrigendum, cancellation can be seen from the State Govt. Portal **"https://tendersorissa.gov.in."**

Sd./- Superintending Engineer
OIPR-34158/11/0011/2425 Kendrapara (R&B) Division-II, Kendrapara

**OFFICE OF THE NOTIFIED AREA COUNCIL**
**REMUNA, BALASORE**
e-mail: remuna-nac@gov.in, Tel. No.: 06782-291978
**BID Identification No. RN_08_2024-25**
Letter No. 332 Date: 19.03.2025

No. C-1932: The Executive Officer on behalf of Notified Area Council, Remuna invites tenders in Double Cover System. Bid documents consisting of specification the Schedule of quantities and the set of terms and conditions of contrat and other necessary documents can be seen the Govt. website i.e. **https://tendersodisha.gov.in**.

1. Number of Civil Works : 01 (One) Number
2. Estimated Costs : 85.57 lakhs
3. Period of Completion : As per NIT
4. Date and time of availability of the bid documents in the portal : From 10.00 A.M. on Dt.21.03.2025 upto 05.00 P.M. of 07.04.2025
5. Last date/time for receipt of bids in the portal : Upto 05.00 P.M. on 07.04.2025
6. Bids will be opened on : 11.00 A.M. on Dt.08.04.2025
7. Name and address of the Officer Inviting Bid : Executive Officer, Remuna NAC

Sd./- Executive Officer, Remuna NAC
OIPR-13204/11/0011/2425

**OFFICE OF THE PANCHAYAT SAMITI, PAIKMAL**
At/P.O./PS: Gaisilet, Dist.: Bargarh (Odisha), PIN - 768039
E-mail ID: ori-paikmal@nic.in
No. 760 **"e" - Procurement Notice** Dt.18.03.25
**Bid Identification No. BDO/Paikmal/04/2024-25**

No. i-570: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersodisha.gov.in**.

1. Nature of work : Civil Works
2. No. of Works : 1
3. Estimated Cost : As per NIT
4. Period of Completion : As per NIT
5. Date and time of availability of the documents in the portal : From 21.03.2025, 11.00 A.M. to 31.03.2025, 5.00 P.M.
6. Last date/time for receipt of Bids in the portal : Dt.31.03.2025 upto 5.00 P.M.
7. Bids received online shall be opened on : Dt.02.04.2025 at 11 A.M.
8. Name and address of the Officer Inviting Bid : Block Development Officer, Paikmal

Further, the details can be seen from the procurement portal **www.tendersodisha.gov.in.**

OIPR-19175/11/0004/2425 Sd./- Block Development Officer, Paikmal

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE SUPERINTENDING ENGINEER,**
**PURI (R&B) DIVISION, PURI**
WORKS DEPARTMENT
**Short Tender Call Notice**
E-mail: eerbpuri@yahoo.co.in
**Bid Identification No. SE (R&B) Puri-57/2024-25**

**No.B-1092:**The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in single cover system in ONLINF, MODE from the eligible class of contractors registered with the State Governments and contractors of equivalent Grade/Class registered with Central Government/Railways:

1. Nature of Work : Civil Work.
2. No of Work : 2 Nos
3. Tender Cost : Rs. 6000.00/ each (On-Line)
4. Class of bidders : 'D' & C'/ 'B' Class
5. Available of Bid document in in th website : From 10.00 AM of Dt.24.03.2025 05.00 PM of Dt.02.04.2025
6. Last Date of receipt of tender : Dt.02.04.2025 upto 05.00 PM
7. Date of opening of Bid : Dt.03.04.2025 at 11:00 AM

The Bidders have to participate in ONLINE bidding only. Further details can be seen from the Website:https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website.

Sd./- Superintending Engineer
OIPR-34064/11/0024/2425 Puri (R&B) Division, Puri

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନୟାଗଡ଼ ୩୦୯ ରନରେ ବିଜୟୀ



ସମୀର ମହାନ୍ତି



ଅନୁପମ ଷଡ଼ଙ୍ଗୀ



ଅଙ୍କିତ ସିଂ

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

## କଳାହାଣ୍ଡି କପ୍ କ୍ରିକେଟ

- ଅନୁପମ, ସମୀର, ଅଙ୍କିତ୍‌ଙ୍କ ଶତକ
- ଆଶୁତୋଷଙ୍କୁ ୫, ଡାନିସ୍‌ଙ୍କୁ ୬ ଉଇକେଟ

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ଏ, ବି ଓ ସି'ର ମୋଟ ୯ଟି ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚରେ ନୟାଗଡ଼ ୩୦୯ ରନରେ ଗଜପତିକୁ ପରାସ୍ତ କରିଛି। ଅନୁପମ ଷଡ଼ଙ୍ଗୀ (୧୭୦ ରନ)ଙ୍କ ଶତକ ଓ ଲିଳାଧର ପ୍ରଧାନଙ୍କ ୯୭ ରନ ସହାୟତାରେ ନୟାଗଡ଼ ୫୦ ଓଭରରେ ୮ ଉଇକେଟ ହରାଇ ୪୦୪ ରନ କରିଥିଲା। ଜବାବରେ ଗଜପତି ୨୩.୩ ଓଭରରେ ୯୩ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳ ଆଶୁତୋଷ ଦାସ ୫ ଉଇକେଟ ସଫଳତା ପାଇଥିଲେ। ଅଡ଼ଶପୁର ଗ୍ରାଉଣ୍ଡରେ ଇକୋର୍ସା ୧୧୧ ରନରେ ନବରଙ୍ଗପୁରକୁ ହରାଇଛି। ସମୀର ମହାନ୍ତି (୧୨୨) ଶତକ ହାସଲ କରିଛନ୍ତି। ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଯାଜପୁର ୨ ଉଇକେଟରେ କୋରାପୁଟକୁ ଏବଂ କିଟ୍ ଷ୍ଟାଡିୟମରେ ମୟୂରଭଞ୍ଜ ୧୧୪ ରନରେ କନ୍ଧମାଳକୁ ପରାସ୍ତ କରିଛି। ସେହିପରି ଖୋର୍ଦ୍ଧା ଗ୍ରାଉଣ୍ଡରେ କଟକ-ଏ ୯ ଉଇକେଟରେ ନୂଆପଡ଼ାକୁ ହରାଇ ଦେଇଛି। ବିଜୟୀ ଦଳର ମହମ୍ମଦ ଡାନିସ ୬ ଉଇକେଟ ସଫଳତା ପାଇଛନ୍ତି। ଜଟଣୀ ରେଲୱେ ଗ୍ରାଉଣ୍ଡରେ କେନ୍ଦୁଝର ୫ ଉଇକେଟରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ରେଭେନ୍ସା ଗ୍ରାଉଣ୍ଡ-୧ରେ ଜଗତ୍‌ସିଂହପୁର ୪ ଉଇକେଟରେ ବୌଦ୍ଧ, ସନ୍‌ସାଇନ୍ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୯ ଉଇକେଟରେ ଭୁବନେଶ୍ୱର-ବି'କୁ ପରାସ୍ତ କରିଛି। ସୁନ୍ଦରଗଡ଼ର ଅଙ୍କିତ ସିଂ (୧୦୨) ଶତକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ବାରବାଟୀ ଷ୍ଟାଡିୟମରେ ପାରାଦୀପ ୧୩୧ ରନରେ କନ୍ଧମାଳକୁ ହରାଇ ଦେଇଛି।

# ରାଜ୍ୟ ଭଲିବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**



ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିଗଣ।

ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରାଜ୍ୟ ଭଲିବଲ ଚାମ୍ପିୟନଶିପ୍ ଗୁରୁବାର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଏଥିରେ ଓଡ଼ିଶାର ୧୦୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଓଭିଏ ସଭାପତି ଅଚ୍ୟୁତ ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ଦେବାଶିଷ ବନ୍ଦୋପାଧ୍ୟାୟ, ଓଭିଏ ସମ୍ପାଦକ ଗଗନେନ୍ଦୁ ଦାଶ, ଉପସଭାପତି ରବୀନ୍ଦ୍ର କୁମାର ଦାସ ଓ ସୟଦ ଅକମଲ ଅଲୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଦାସ, ଜଗତ୍‌ସିଂହପୁର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦୋଳ ଗୋବିନ୍ଦ ଦାଶ ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଉପସଭାପତି ରାଧାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ୫୫ ଜିଲା/ୟୁନିଟ ଦଳକୁ ଭଲିବଲ, ନେଟ୍ସ ଓ ଟି-ଶାର୍ଟ ଦିଆଯାଇ ଉତ୍ସାହିତ କରାଯାଇଥିଲା। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ କିଟ୍ ୨-୦ ସେଟ୍‌ରେ ପୁରୀକୁ ପରାସ୍ତ କରିଛି। ପୁରୀର ରାଜ କିଣ୍ଡୋ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚରେ କେନ୍ଦୁଝର ୨-୦ରେ ବାଲେଶ୍ୱରକୁ ହରାଇଛି। ବାଲେଶ୍ୱରର ପ୍ରୀତମ ରାଉତ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି।

# ଓଡ଼ିଶା ପୋଲିସ, ସ୍ପୋର୍ଟ୍ସ ଓଡ଼ିଶା ବିଜୟୀ

**ଭୁବନେଶ୍ୱର, ୨୦।୩ (ଅନାଦି କର)**

ଓଡ଼ିଶା ଫୁଟବଲ ଆସୋସିଏଶନ(ଫାଓ) ପକ୍ଷରୁ ୟୁନିଟ-୬ସ୍ଥିତ ଫୁଟବଲ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍‌ରେ ଗୁରୁବାର ଖେଳାଯାଇଥିବା ୩ ମ୍ୟାଚ୍‌ରେ ଓଡ଼ିଶା ପୋଲିସ, ସ୍ପୋର୍ଟ୍ସ ଓଡ଼ିଶା ଓ ତାରିଣୀ ଫୁଟବଲ ଏକାଡେମୀ ବିଜୟୀ ହୋଇଛନ୍ତି।

ଦିନର ପ୍ରଥମ ମ୍ୟାଚରେ ଓଡ଼ିଶା ପୋଲିସ ୬-୦ ଗୋଲରେ କିଟ୍ ଓ କିସ୍‌କୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ସୁମିତ୍ରା ହେମ୍ବ୍ରମ (୬୫ତମ ମିନିଟ), ବନ୍ୟା କବିରାଜ (୭୦ତମ), ଦୀପା ନାୟକ (୭୩ତମ) ଓ ସସ୍ମିତା ବେହେରା (୮୫ତମ) ଗୋଟିଏ ଲେଖାଏ ଗୋଲ କରିଥିଲେ। ଦ୍ୱିତୀୟ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୨-୦ ଗୋଲରେ ୟଙ୍ଗ ଆସୋସିଏଶନ କୁଆଁରମୁଣ୍ଡାକୁ ହରାଇଥିଲା। ବିଜୟୀ ଦଳ ପାଇଁ ସୁମିତ୍ରା ସିଂ (୫୬ତମ) ଓ ଶୁଭସ୍ମିତା ଦାସ (୫୯ତମ) ଗୋଲ କରିଥିଲେ। ତୃତୀୟ ମ୍ୟାଚରେ ତାରିଣୀ ଫୁଟବଲ ଏକାଡେମୀ ୨-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳ ଲାଗି ସୁଭଦ୍ରା ନାୟକ (୪୬ତମ) ଓ କୁନ୍ତି ଭୁମିଆ (୮୮ତମ) ଗୋଲ କରିଥିଲେ।

# ସ୍ଲୋ ଓଭରରେଟ୍ ଲାଗି ବ୍ୟାନ୍ ହେବେନି ଅଧିନାୟକ

**ନୂଆଦିଲ୍ଲୀ, ୨୦।୩(ପି.ଟି.)**

ଆଇପିଏଲ୍‌ରେ ସ୍ଲୋ ଓଭରରେଟ୍ ଲାଗି ଅଧିନାୟକଙ୍କୁ ବ୍ୟାନ୍ କରାଯିବ ନାହିଁ। ଏହା ବଦଳରେ ଡିମେରିଟ ପଏଣ୍ଟ ଦିଆଯିବ। ଗୁରୁବାର ଅନୁଷ୍ଠିତ କ୍ୟାପ୍ଟେନ୍ସମିଟ୍‌ରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୨୪ ସଂସ୍କରଣରେ ତୃତୀୟ ଥର ଲାଗି ଏହି ତ୍ରୁଟି ଯୋଗୁ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଯଥାକ୍ରମେ ହାର୍ଦ୍ଦିକ ପାଣ୍ଡ୍ୟା ଓ ରିଷଭ ପନ୍ତଙ୍କୁ ଗୋଟିଏ ମ୍ୟାଚ୍‌ରୁ ବ୍ୟାନ୍ କରାଯାଇଥିଲା।





କଟକ ଜିଲା ଚେସ୍ ଆସୋସିଏଶନର ନବ ନିର୍ବାଚିତ କର୍ମକର୍ତ୍ତା।

# ବିବେକ ସଭାପତି, ସତ୍ୟରଞ୍ଜନ ସମ୍ପାଦକ

**ଭୁବନେଶ୍ୱର, ୨୦।୩ (ତପନ ସ୍ୱାଇଁ)**

## କଟକ ଜିଲା ଚେସ୍ ସଂଘ ନିର୍ବାଚନ

କଟକ ଜିଲା ଚେସ୍ ଆସୋସିଏଶନର ନୂତନ କର୍ମକର୍ତ୍ତା ନିର୍ବାଚନ ବାରବାଟୀ ଷ୍ଟାଡିୟମସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ସମସ୍ତ କର୍ମକର୍ତ୍ତା ଆସନ୍ତା ୩ ବର୍ଷ (୨୦୨୫-୨୦୨୮) ପାଇଁ ନିର୍ବାଚିତ ହୋଇଛନ୍ତି। ଚୌଧୁରୀ ପ୍ରଦ୍ୟୁମ୍ନ କେଶରୀ ମିଶ୍ର ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ଏଥିରେ ବିବେକ ତିବରୱାଲ ସଭାପତି ଏବଂ ସତ୍ୟରଞ୍ଜନ ପଟ୍ଟନାୟକ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରାପ୍ତ କୋଚ୍ ସତ୍ୟରଞ୍ଜନ ସମ୍ପ୍ରତି ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ମଧ୍ୟ ସମ୍ପାଦକ ଅଛନ୍ତି। ସନ୍ତୋଷ କୁମାର ପୃଷ୍ଟି, ପ୍ରଶାନ୍ତ କୁମାର, ରାଜେନ୍ଦ୍ର କୁମାର ସେଠୀ, ଅଜୟ କୁମାର ନାୟକ ଉପସଭାପତି, ନୀହାର ରଞ୍ଜନ ସାସମଲ ଓ ଜୀବନ ବଲ୍ଲଭ ସାମଲ ଯୁଗ୍ମ ସମ୍ପାଦକ ଏବଂ ତାପସ କୁମାର ମହାନ୍ତି କୋଷାଧ୍ୟକ୍ଷ ହୋଇଛନ୍ତି। ସୂର୍ଯ୍ୟକାନ୍ତ ବିଷୋୟୀ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ, ଜ୍ୟୋତି ପ୍ରକାଶ ମହାପାତ୍ର ଯୁଗ୍ମ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ, ଶ୍ରୀତମ୍ ପୃଷ୍ଟି ଓ ବିଶ୍ୱଜିତ ରାୟ କାର୍ଯ୍ୟକାରୀ କମିଟି ସଦସ୍ୟ ହୋଇଛନ୍ତି। ଆଶୀର୍ବାଦ ବେହେରାଙ୍କୁ ମୁଖ୍ୟ ପୃଷ୍ଠପୋଷକ କରାଯାଇଥିବାବେଳେ ଚୌଧୁରୀ ପ୍ରଦ୍ୟୁମ୍ନ କେଶରୀ ମିଶ୍ର, ଅସିତ କୁମାର ମୁଖାର୍ଜୀ, ହେମନ୍ତ କୁମାର ନାୟକ ଓ ମନସୁର ଅଲୀ ମେଣ୍ଟର ଏବଂ ରଞ୍ଜନ ମହାନ୍ତି, ଫଣୀନ୍ଦ୍ରନାଥ ମହାନ୍ତି, ରଘୁନନ୍ଦନ ସାମଲ ଓ ସୁଧୀର ମହାନ୍ତି ପରାମର୍ଶଦାତା ରହିଛନ୍ତି।


# Classified Everyday

**0674-2580101, 9692975378**



**AUTOMOBILE SALE**

Tata Magic OD02 AZ 6002 new condition 25800 KMS 1st Owner No finance for sale 9040413717, 9861122959. D-3339



**REAL ESTATE SALE**

**Duplex sale with gated society near AIIMS Hospital, Bhubaneswar. 9777433701.** D-76248

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

ଗଙ୍ଗପଡ଼ା **Gift** କଲେଜ **Backside**ରେ **NH. 16** ରୁ **100 mtr** ଦୂରରେ ଘରବାରି, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ମିଳୁଅଛି- **7978676652, 9439087845.** D-76249

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242



**CONSTRUCTION**

**Construct your dream home @950/-, 1500/- with branded materials we provide plan approval, Interior work, Borewell & Vastu complaints. Krishna Construction- 9438315332.** D-3206





**6000sqft. vacant plot for rent in Palasuni (200meter from NH) for commercial purpose. Contact- 9338694855, 9439492831.** D-3363





**Relax, Refresh your body, mind at Saikrupa Spa with best therapies. 8984068077.** D-3288

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**Full body massage experience, good looking therapist @999 (Bhubaneswar). 9078484455.** D-3280

**LOST**

Loss of sale deed- I, Nishikanta Mohapatra (55 yrs), S/o- Gangabihari Mohapatra, Vill/ P.O.- Hatapur, P.S.- Bansada, Dist.- Bhadrak declare that one sale deed bearing No. 884/1992 was executed in my favour along with my brother Susant Kumar Mohapatra and others of Vill/ P.O.- Hatapur, P.S.- Bansada, Dist.- Bhadrak by one Gayadhar Datta relating to khata No.12 of Mouza Hatapur relating to plot No. 409, 413, 422, 430 and accordingly one original sale deed over to us by the executing officer after execution of sale deed. That on dtd. 10.03.2025 while I was coming from Ghanteswar Market by two wheeler I have lost my handbag on the way. I am unable to trace it out which is beyond recovery. That I do make this affidavit before the Executive Magistrate, Chandabali to produce it before the concerned authority where it is necessary. D-3358

I, AMLAN KUMAR BISWAS has lost his B.E. Mechanical Certificate with Roll No.- 8270UT00004 on dt 07.02.24 while travelling from C.V. Raman College to home. Any person found is kindly requested to return the same. Contact: 7978227474 or 9836902211. D-3355

I, Bikash Barik, R/o- Village/P.O.- Loisingh, P.S.- Brajrajnagar, Dist.- Jharsuguda, declare that the Board Certificate issued by Biju Patnaik University of Technology, Rourkela bearing Regn. No.- 0701104081, Sl. No.- CPJU07000124. On dtd.12.12.2015 the said Board Certificate has been lost somewhere in between Gandhi Chowk to my residence. Inspite of my best efforts I could not traced out the same. D-3364

**AFFIDAVIT**

I, Meheboob Khan, Son of Babu Khan, Vill- Maheswarpur, P.O.- Brahmabarada, P.S.- Brahmabarada, Dist.- Jajpur, PIN- 755005, Odisha, declare by this affidavit No.- 429 dtd 24.02.2025, that now onwards I shall be known as Mahboob Khan for all future purposes. D-3349

I, Anita Pujari, Wife of Keshav Tripathy and D/o- Sri. Nikunja Bihari Pujari, Born on 19 Feb 1966, residing at Chandrasekharpur, have changed my name to Anita Tripathy vide affidavit dated 10 March 2025 at Sambalpur. D-3356

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Chandrakanti Nayak Daughter of Prasanta Nayak & Anita Nayak residing at Vill- Telunia, P.O.- Mugagahira, P.S.- Badamba, Cuttack, Odisha do hereby give Notice to the general Public that my name in the Aadhaar records has been mistakenly mentioned as Mamali Nayak which needs to be corrected to Chandrakanti Nayak. D-3354

I, Basanti Das, D/o- Late Bikartan Das, W/o- Bijay Kumar Jena, resident of HIG-6/5, OSHB Colony, Chandrasekharpur, P.O./ P.S.- Chandrasekharpur, Bhubaneswar, Dist.- Khorda, PIN-751016 Odisha declare by this affidavit No C.F.No. 05 Dtd 05.03.2025 that onwards I shall be known as Basanti Jena for all purposes. D-3367

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ମୁଁ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ଅତାବିରାଙ୍କ ସମ୍ମୁଖରେ ସତ୍ୟପାଠ (ଏଫିଡେଭିଟ) କରି ଘୋଷଣା କରିଛି ଯେ, ମୁଁ ଆଜିଠାରୁ ଶଶି ଭୂଷଣ ତ୍ରିପାଠୀ ନାମରେ ପରିଚିତ ନ ହୋଇ ଶଶି ଭୂଷଣ ଧର, ପିତା- ସ୍ୱର୍ଗତଃ ହରିଶଙ୍କର ଧର ଭାବରେ ପରିଚିତ ହେବି । ଏବଂ ଶଶି ଭୂଷଣ ଧର ନାମରେ ସମସ୍ତ ସରକାରୀ ଓ ବେସରକାରୀ ବିଭାଗରେ ମଧ୍ୟ ପରିଚିତ ହେବି। ଠିକଣା- ଗ୍ରାମ/ପୋ- ଟାମ୍ପରସରା, ଥାନା- ଅତାବିରା, ଜିଲ୍ଲା- ବରଗଡ (ଓଡ଼ିଶା)। D-3357

By virtue of affidavit before Executive Magistrate, Bhubaneswar, dt 12.03.2025, I, Sabita Bhoi, W/o- Pratap Bhoi, At/ P.O.- Ukundara, P.S.- Biridi, Jagatsinghpur-754111, States that I have changed my name from Sabita Das to Sabita Bhoi. Henceforth, I shall be known as Sabita Bhoi for all purposes. D-3359

I, Smita Nayak, W/o- Subrajit Nayak, Resident of At- Ananta, P.O.- Alasahi, P.S.- Astaranga, Dist.- Puri, PIN- 752109, Odisha, declare by this affidavit No. 101, dtd.- 19.03.2025 that now onwards I shall be known as SMITARANI NAYAK for all future purposes. D-76431

By virtue of an affidavit sworn before Sri Prasana Kumar Bisoyi, Notary, Aska, Ganjam, dated 18.03.2025, I, Mamata Bisoyi, Address: At- Karnoli, Post.- Khandadeuli, P.S.- Aska, Dist.- Ganjam, Odisha, PIN- 761111, declare that I have changed my son's name from Ayushman Bisoyi to Manas Kumar Bisoyi. Henceforth, he shall be known as Manas Kumar Bisoyi for all purposes.
Mamata Bisoyi
D-3360

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

By virtue of an affidavit sworn before Executive Magistrate, Khordha, dtd. 20.03.2025, I, Alok Mohapatra, resident of At- Qr. No.- A/E 145, V.S.S. Nagar, Saheed Nagar, Khordha, Odisha-751007 declare that I have changed my son's name from Mohapatra Ashutosh Alok to Ashutosh Mohapatra. Henceforth, he shall be known as Ashutosh Mohapatra for all purposes. D-73582

By virtue of an affidavit sworn before the Executive Magistrate, Nayagarh, dated 20.03.2025, I, Chhatia Patra, S/of- Panu Patra, permanent resident of At- Jagatipatnasahi, P.O./ P.S.- Itamati, Dist.- Nayagarh, PIN- 752068, Odisha declare that I have changed my daughter's name from Jagnysini Patra to Jajnyaseni Patra. Henceforth, she will be known as Jajnyaseni Patra for all future purposes. D-3362

By virtue of an affidavit sworn before in the Court of Executive Magistrate, Bargarh, dated 19th March 2025, I, Jibardhan Lohar, Address- Manabandh pada, Ward No.- 3, Bargarh, P.O./Dist.- Bargarh, PIN- 768028, Odisha declare that I have changed my name from Chowdhury Jeevanlal Singh to Jibardhan Lohar. Henceforth, I shall be known as Jibardhan Lohar for all purposes.
Jibardhan Lohar
D-3365

# ଆଇପିଏଲ୍-୧୮

**ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଆଇପିଏଲ୍‌ର ୧୮ଶ ସଂସ୍କରଣ। ଗତବର୍ଷର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବ ଉଦ୍‌ଘାଟନୀ ମ୍ୟାଚ। ଏଥର ସମୀକରଣ ବଦଳିଥିବାରୁ ଦଳଗୁଡ଼ିକ କିପରି ପ୍ରଦର୍ଶନ କରୁଛନ୍ତି ତାକୁ ନେଇ ଉତ୍ସାହ ବଢ଼ିଛି...**



ନିର୍ମଳ କୁମାର ମିଶ୍ର

ଆଉ ଗୋଟିଏ ଦିନ ବ୍ୟବଧାନରେ ଆରମ୍ଭ ହେବାକୁ ଯାଉଛି ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ୍)ର ୧୮ଶ ସଂସ୍କରଣ। ବିଶ୍ୱ କ୍ରିକେଟ ଜଗତର ସର୍ବଶ୍ରେଷ୍ଠ ପ୍ରଫେଶନାଲ ଲିଗ୍। ଏହି ସମ୍ମାନଜନକ ଲିଗ୍‌ର ଆୟୋଜକ ରହିଛି ସବୁଠାରୁ ଧନୀ କ୍ରିକେଟ ବୋର୍ଡ ବିସିସିଆଇ। ଏବେ ଅନେକ ଦେଶରେ ଟି୨୦ କ୍ରିକେଟ ଲିଗ୍ ଅନୁଷ୍ଠିତ ହେଉଛି। ମାତ୍ର ଫ୍ରାଞ୍ଚାଇଜ, ଗ୍ଲାମର, ଲୋକପ୍ରିୟତା, ନାମୀଦାମୀ ଖେଳାଳିଙ୍କ ସମାଗମ, ଦର୍ଶକ, ବିଜ୍ଞାପନ ଓ ପ୍ରଚୁର ଅର୍ଥଯୋଗୁ ଆଇପିଏଲ୍ ଆଗରେ ଅନ୍ୟ ଟି୨୦ ଲିଗ୍‌ଗୁଡ଼ିକ ଫିକା ପଡିଛି। ଗତ ନଭେମ୍ବର ୨୪ ଓ ୨୫ରେ ସୌଦୀ ଆରବର ଜେଦାହଠାରେ ଅନୁଷ୍ଠିତ ମେଗା ଅକ୍ସନ ପ୍ରକ୍ରିୟା ପରେ ସବୁ ଦଳର ସମୀକରଣ ବଦଳି ଯାଇଛି। ଫ୍ରାଞ୍ଚାଇଜମାନେ ରିଟେନସନ୍ ରିଲିଜ ଓ ଆରଟିଏମ୍ ପଦ୍ଧତି ମାଧ୍ୟମରେ ପସନ୍ଦର ଖେଳାଳିଙ୍କୁ ନିଜ ଦଳରେ ରଖିଛନ୍ତି। ଅକ୍ସନ ମାଧ୍ୟମରେ ୧୦ଟି ଫ୍ରାଞ୍ଚାଇଜ ୧୮୨ ଖେଳାଳିଙ୍କୁ କ୍ରୟ କରିଥିବା ବେଳେ ଏଥିରେ ୬୨ଜଣ ବିଦେଶୀ ଖେଳାଳି ରହିଛନ୍ତି। ୮ଜଣ ଖେଳାଳି ଆରଟିଏମ୍ ପଦ୍ଧତି ମାଧ୍ୟମରେ ଫ୍ରାଞ୍ଚାଇଜମାନେ ନିଜ ଦଳରେ ରଖିଥିବା ବେଳେ ମୋଟ ୬୪୦କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୪ ଆଇପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଏଥର ରିଟେନ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଏମ୍‌ଏସ୍ ଧୋନୀ, ଅକ୍ଷର ପଟେଲ, ରଶିଦ୍ ଖାଁ, ଶୁବମନ ଗିଲ୍, ରିଙ୍କୁ ସିଂ, ସୁନୀଲ ନାରିନ୍, ଆନ୍ଦ୍ରେ ରସେଲ, ନିକୋଲସ୍ ପୁରନ, ମୟଙ୍କ ଯାଦବ, ପ୍ରଭସିମରନ୍ ସିଂ, ଯଶପ୍ରୀତ ବୁମରା, ରୋହିତ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମସନ, ଯଶସ୍ୱୀ ଜୟସ୍ୱାଲ, ସିମରନ ହେଟମେର, ପ୍ୟାଟ କମିନ୍ସ, ହେନରିଚ୍ କ୍ଲାସେନ, ଟ୍ରାଭିସ୍ ହେଡ, ବିରାଟ୍ କୋହଲିଙ୍କ ପରି ନାମୀଦାମୀ ଖେଳାଳି।

ଏମ୍‌ଏସ୍ ଧୋନୀ, ବିରାଟ କୋହଲି, ରୋହିତ ଶର୍ମା, ଯଶପ୍ରୀତ ବୁମରା, ସୂର୍ଯ୍ୟକୁମାର ଯାଦବଙ୍କ ଫ୍ୟାନ ଫଲୋୟର୍ସ ସର୍ବାଧିକ ରହିଥିବାରୁ ଏଥର ମଧ୍ୟ ଏକ ରୋମାଞ୍ଚକର ସଂସ୍କରଣ ଦେଖିବାକୁ ମିଳିବ। ୧୩ଟି ଭେନ୍ୟୁରେ ମୋଟ ୬୫ ଦିନରେ ୭୪ଟି ମ୍ୟାଚ ଖେଳାଯିବ। ଏଥର କୋଲକାତାରେ ଉଦ୍‌ଘାଟନୀ ଉତ୍ସବ ପରେ ଗତବର୍ଷର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ପ୍ରଥମ ମ୍ୟାଚ ଖେଳାଯିବ। କୋଲକାତା ତୃତୀୟ ଥର ଚାମ୍ପିୟନ ହୋଇଥିବା ବେଳେ ବେଙ୍ଗାଲୁରୁ ଏବେ ମଧ୍ୟ ପ୍ରଥମ ଟାଇଟଲ୍ ଅପେକ୍ଷାରେ ରହିଛି। ଲିଗ୍ ଆରମ୍ଭ ହେବାକୁ ଯାଉଥିବାରୁ ସବୁ ଦଳ ନିଜ ନିଜ ହୋମ୍ ଗ୍ରାଉଣ୍ଡରେ ଅଭ୍ୟାସକୁ ଜୋରଦାର କରିଛନ୍ତି।

ଏଥର ବିଭିନ୍ନ ଦଳର ନେତୃତ୍ୱ ନେବାକୁ ଯାଉଥିବା ଖେଳାଳିମାନେ ହେଲେ ହାର୍ଦ୍ଦିକ ପାଣ୍ଡ୍ୟା (ମୁମ୍ବାଇ ଇଣ୍ଡିଆନ୍ସ), ଋତୁରାଜ ଗାଏକ୍ୱାଡ୍ (ଚେନ୍ନାଇ ସୁପର କିଙ୍ଗ୍ସ), ସଞ୍ଜୁ ସାମସନ (ରାଜସ୍ଥାନ ରୟାଲ୍ସ), ଶ୍ରେୟସ ଆୟର (ପଞ୍ଜାବ କିଙ୍ଗ୍ସ), ଅଜିଙ୍କ୍ୟ ରାହାନେ (କୋଲକାତା ନାଇଟ ରାଇଡର୍ସ), ରିଷଭ ପନ୍ତ (ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ),ରଜତ ପଟିଦାର (ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ), ଅକ୍ଷର ପଟେଲ (ଦିଲ୍ଲୀ କ୍ୟାପିଟାଲ୍ସ), ଶୁବମନ ଗିଲ୍ (ଗୁଜରାଟ ଟାଇଟନ୍ସ) ପ୍ୟାଟ୍ କମିନ୍ସ (ସନ୍ ରାଇଜର୍ସ ହାଇଦ୍ରାବାଦ)। ଭାରତୀୟ ଖେଳାଳିମାନେ ୯ ଫ୍ରାଞ୍ଚାଇଜ୍ ଦଳର ନେତୃତ୍ୱ ନେଉଥିବାବେଳେ ଏକମାତ୍ର ବିଦେଶୀ ଖେଳାଳିଭାବେ ପ୍ୟାଟ୍ କମିନ୍ସ ସନ୍‌ରାଇଜର୍ସ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। କୋଲକାତା, ବେଙ୍ଗାଲୁରୁ, ଦିଲ୍ଲୀ, ଲକ୍ଷ୍ନୌ ଓ ପଞ୍ଜାବ ଏଥର ନୂଆ ଅଧିନାୟକ ପାଇଛି।

ଗତ ମେଗା ଅକ୍ସନରେ ଭାରତୀୟ ଖେଳାଳିଙ୍କ ଦବଦବା ରହିଥିଲା । ୨୦୨୪ ମିନି ଅକ୍ସନରେ ପେସ୍ ବୋଲରଙ୍କ ଚାହିଦା ରହିଥିଲା। ମାତ୍ର ଏଥର ଭାରତୀୟ ବ୍ୟାଟର୍ସମାନେ ଅଧିକ ମୂଲ୍ୟରେ ବିକ୍ରି ହୋଇଛନ୍ତି। ଲକ୍ଷ୍ନୌ ରିଷଭ ପନ୍ତଙ୍କୁ ୨୭ କୋଟିରେ କିଣି ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଛି। ସେହିପରି ଫର୍ମରେ ଥିବା ଶ୍ରେୟସ ଆୟରଙ୍କୁ ପଞ୍ଜାବ ୨୬.୭୫ କୋଟିରେ ଏବଂ ଭେଙ୍କଟେସ ଆୟରଙ୍କୁ କୋଲକାତା ପ୍ରାୟ ୨୪କୋଟିରେ କିଣିଛି। ଅର୍ଶଦୀପ ସିଂଙ୍କୁ ପଞ୍ଜାବ ୧୮କୋଟି ଓ ଚହଲଙ୍କୁ ୧୮କୋଟିରେ କିଣିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ମାର୍କ ଷ୍ଟୋଇନିସଙ୍କୁ ମଧ୍ୟ ଏହି ଫ୍ରାଞ୍ଚାଇଜ୍ ୧୧କୋଟିରେ ନିଜ ଦଳରେ ସାମିଲ କରିଛି। ଏହି ଦଳ ମାତ୍ର ୨ଜଣ ଘରୋଇ ରଣଜୀ ଖେଳାଳିଙ୍କୁ ରିଟେନ କରି ଅନ୍ୟ ସମସ୍ତଙ୍କୁ ରିଲିଜ କରିଥିଲା। ତେଣୁ ଫ୍ରାଞ୍ଚାଇଜ ପାଖରେ ପାଖାପାଖି ୧୧୦କୋଟିର ପର୍ସମନି ରହିଥିଲା। ବର୍ତ୍ତମାନ ପ୍ରଦର୍ଶନ ଉପରେ ନଜର ରଖିବ ଫ୍ରାଞ୍ଚାଇଜ। ଗତ ସିଜନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ମୋଟ ୧୪ ମ୍ୟାଚରୁ ମାତ୍ର ୪ଟିରେ ଜିତିଥିବାବେଳେ ୧୦ଟିରେ ପରାଜିତ ହୋଇ ପଏଣ୍ଟ ଟେବୁଲର ଶେଷ ସ୍ଥାନରେ ରହିଥିଲା। ଏଥର ଟ୍ରେଣ୍ଟ ବୋଲ୍ଟ, ମିଚେଲ ସାଣ୍ଟନର, ୱିଲି ଜାକ୍ସଙ୍କୁ ନେଇ ଦଳ କିପରି ପ୍ରଦର୍ଶନ କରୁଛି ତା' ଉପରେ ନଜର ରହିବ। ୨୦୧୩, ୨୦୧୫, ୨୦୧୭, ୨୦୧୯ ଓ ୨୦୨୦ରେ ୫ ଥର ଚାମ୍ପିୟନ ମୁମ୍ବାଇ ଦଳର ତାରକା ବୋଲର ଯଶପ୍ରୀତ ବୁମରା ଆଘାତ ପ୍ରାପ୍ତ ହୋଇଥିବାରୁ କେତେଗୁଡିଏ ମ୍ୟାଚ ଖେଳି ପାରିବେ ନାହିଁ। ଗତ ସିଜନରେ ମୁମ୍ବାଇର ଶେଷ ମ୍ୟାଚରେ ସ୍ଲୋ ଓଭରରେଟ୍ ପାଇଁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମାର୍ଚ୍ଚ ୨୩ରେ ଖେଳିପାରିବେ ନାହିଁ। ତାଙ୍କ ଅନୁପସ୍ଥିତିରେ ସୂର୍ଯ୍ୟକୁମାର ଯାଦବ ଅଧିନାୟକ ଦାୟିତ୍ୱ ତୁଲାଇବେ।

ନିୟମ ଅନୁସାରେ ଗୋଟିଏ ଫ୍ରାଞ୍ଚାଇଜ ଟିମ୍‌ରେ ସର୍ବାଧିକ ୨୫ଜଣ ଖେଳାଳି ରହିଥାନ୍ତି। ଏହା ମଧ୍ୟରେ ୮ ବିଦେଶୀ ଖେଳାଳି ରହିପାରିବେ। ତେବେ ପ୍ରତ୍ୟେକ ମ୍ୟାଚରେ ସର୍ବାଧିକ ୪ ବିଦେଶୀ ଖେଳିବାର ବ୍ୟବସ୍ଥା ରହିଛି। ସେ ଦୃଷ୍ଟିରୁ ଦେଖିବାକୁ ଗଲେ କେବଳ କୋଲକାତା, ବେଙ୍ଗାଲୁରୁ, ପଞ୍ଜାବ ଏବଂ ମୁମ୍ବାଇ ଦଳରେ ୮ଜଣ ଲେଖାଏ ବିଦେଶୀ ଖେଳାଳି ରହିଛନ୍ତି। ଲକ୍ଷ୍ନୌ ଓ ରାଜସ୍ଥାନ ୬ଜଣ ଲେଖାଏ ବିଦେଶୀ ଖେଳାଳି ଚୟନ କରିଛି। ହାଇଦ୍ରାବାଦ, ରାଜସ୍ଥାନ ଦଳ ୨୫ ବଦଳରେ ୨୦ଜଣ ଖେଳାଳିଙ୍କୁ ନେଇଛି। ଭାରତୀୟ ଦଳର ପୂର୍ବତନ କୋଚ ରାହୁଲ ଦ୍ରାବିଡ ଏଥର ରାଜସ୍ଥାନ ରୟାଲ୍ସ ଦଳ ଦାୟିତ୍ୱରେ ଅଛନ୍ତି। ଦଳରେ ସଞ୍ଜୁ ସାମସନ, ଶିଭମ ଦୁବେ, ସିମରନ ହେଟମେର, ଯଶସ୍ୱୀ ଜୟସ୍ୱାଲ, ରିୟାନ ପରାଗ, ଧ୍ରୁବ ଜୁରେଲ, ନୀତୀଶ ରାଣାଙ୍କୁ ନେଇ ଦଳ ବେଶ୍ ଶକ୍ତିଶାଳୀ। ଏହା ବ୍ୟତୀତ ୱାନିନ୍ଦୁ ହସରଙ୍ଗା, ଫଜଲ ଫାରୁକିଙ୍କ ପରି ଭଲ ସ୍ପିନର ମଧ୍ୟ ଅଛନ୍ତି। ଅଭିଜ୍ଞ ଜଷ୍ଟିନ ଲାଙ୍ଗର ଲକ୍ଷ୍ନୌର କୋଚ ରହିଥିବା ବେଳେ ଡାନିଏଲ ଭିଟୋରୀ ବେଙ୍ଗାଲୁରୁ, ଷ୍ଟିଫେନ ଫ୍ଲେମିଂ ଚେନ୍ନାଇ ଏବଂ ମାହେଲା ଜୟବର୍ଦ୍ଧନେ ମୁମ୍ବାଇ ଦଳର ପ୍ରଶିକ୍ଷକ ରହିଛନ୍ତି।। ଲକ୍ଷ୍ନୌ ଦଳର ୩ ପେସ୍ ବୋଲର ଆଘାତ ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ସେମାନେ ହେଲେ ମୟଙ୍କ ଯାଦବ, ଅଭେଶ ଖାନ୍ ଓ ମୋହସିନ୍ ଖାନ୍। ଏହାଦ୍ୱାରା ଦଳର ପ୍ରଦର୍ଶନ ପ୍ରଭାବିତ ହେବା ସମ୍ଭାବନା ରହିଛି। ଏଥର ସମୀକରଣ ବଦଳି ଥିବାରୁ ନୂଆ କୋଚ୍‌ମାନଙ୍କୁ ନେଇ ଦଳଗୁଡ଼ିକ କିପରି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବାକୁ ଉତ୍ସାହ ବଢ଼ିଛି।



ଶ୍ରେୟସ ଆୟର



ବରୁଣ ଚକ୍ରବର୍ତ୍ତୀ ଓ ହର୍ଷିତ ରାଣା



ବିରାଟ କୋହଲି

## କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ଭେନ୍ୟୁ | ସମୟ |
|---|---|---|---|
| ମାର୍ଚ୍ଚ ୨୨ | କୋଲକାତା ନାଇଟ ରାଇଡର୍ସ-ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | କୋଲକାତା | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୩ | ସନ୍‌ରାଇଜର୍ସ ହାଇଦ୍ରାବାଦ-ରାଜସ୍ଥାନ ରୟାଲ୍ସ | ହାଇଦ୍ରାବାଦ | ଅପରାହ୍ନ ୩.୩୦ |
| | ଚେନ୍ନାଇ ସୁପର କିଙ୍ଗ୍ସ-ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୪ | ଦିଲ୍ଲୀ କ୍ୟାପିଟାଲ୍ସ-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ବିଶାଖାପାଟଣା | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୫ | ଗୁଜରାଟ ଟାଇଟନ୍ସ-ପଞ୍ଜାବ କିଙ୍ଗ୍ସ | ଅହମ୍ମଦାବାଦ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୬ | ରାଜସ୍ଥାନ ରୟାଲ୍ସ-କୋଲକାତା ନାଇଟ ରାଇଡର୍ସ | ଗୁଆହାଟୀ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୭ | ସନ୍‌ରାଇଜର୍ସ ହାଇଦ୍ରାବାଦ-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୮ | ଚେନ୍ନାଇ ସୁପରକିଙ୍ଗ୍ସ-ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ଚେନ୍ନାଇ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୯ | ଗୁଜରାଟ ଟାଇଟନ୍ସ-ମୁମ୍ବାଇ ଇଣ୍ଡିଆନ୍ସ | ଅହମ୍ମଦାବାଦ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୩୦ | ଦିଲ୍ଲୀ କ୍ୟାପିଟାଲ୍ସ-ସନ୍‌ରାଇଜର୍ସ ହାଇଦ୍ରାବାଦ | ବିଶାଖାପାଟଣା | ଅପରାହ୍ନ ୩. ୩୦ |
| | ରାଜସ୍ଥାନ ରୟାଲ୍ସ-ଚେନ୍ନାଇ ସୁପରକିଙ୍ଗ୍ସ | ଗୁଆହାଟୀ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୩୧ | ମୁମ୍ବାଇ ଇଣ୍ଡିଆନ୍ସ-କୋଲକାତା ନାଇଟ ରାଇଡର୍ସ | ମୁମ୍ବାଇ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ପଞ୍ଜାବ କିଙ୍ଗ୍ସ | ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ-ଗୁଜରାଟ ଟାଇଟନ୍ସ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୩ | କୋଲକାତା ନାଇଟ ରାଇଡର୍ସ-ସନ୍‌ରାଇଜର୍ସ ହାଇଦ୍ରାବାଦ | କୋଲକାତା | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୪ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ମୁମ୍ବାଇ ଇଣ୍ଡିଆନ୍ସ | ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୫ | ଚେନ୍ନାଇ ସୁପରକିଙ୍ଗ୍ସ-ଦିଲ୍ଲୀ କ୍ୟାପିଟାଲ୍ସ | ଚେନ୍ନାଇ | ଅପରାହ୍ନ ୩.୩୦ |
| | ପଞ୍ଜାବ କିଙ୍ଗ୍ସ-ରାଜସ୍ଥାନ ରୟାଲ୍ସ | ଚଣ୍ଡୀଗଡ଼ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୬ | କୋଲକାତା ନାଇଟ ରାଇଡର୍ସ-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | କୋଲକାତା | ଅପରାହ୍ନ ୩.୩୦ |
| | ସନ୍‌ରାଇଜର୍ସ ହାଇଦ୍ରାବାଦ-ଗୁଜରାଟ ଟାଇଟନ୍ସ | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୭ | ମୁମ୍ବାଇ ଇଣ୍ଡିଆନ୍ସ-ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ମୁମ୍ବାଇ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୮ | ପଞ୍ଜାବ କିଙ୍ଗ୍ସ-ଚେନ୍ନାଇ ସୁପର କିଙ୍ଗ୍ସ | ଚଣ୍ଡୀଗଡ଼ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୯ | ଗୁଜରାଟ ଟାଇଟନ୍ସ-ରାଜସ୍ଥାନ ରୟାଲ୍ସ | ଅହମ୍ମଦାବାଦ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୦ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ-ଦିଲ୍ଲୀ କ୍ୟାପିଟାଲ୍ସ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୧ | ଚେନ୍ନାଇ ସୁପରକିଙ୍ଗ୍ସ-କୋଲକାତା ନାଇଟ ରାଇଡର୍ସ | ଚେନ୍ନାଇ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୨ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ଗୁଜରାଟ ଟାଇଟନ୍ସ | ଲକ୍ଷ୍ନୌ | ଅପରାହ୍ନ ୩.୩୦ |
| | ସନ୍‌ରାଇଜର୍ସ ହାଇଦ୍ରାବାଦ-ପଞ୍ଜାବ କିଙ୍ଗ୍ସ | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୩ | ରାଜସ୍ଥାନ ରୟାଲ୍ସ-ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ଜୟପୁର | ଅପରାହ୍ନ ୩.୩୦ |
| | ଦିଲ୍ଲୀ କ୍ୟାପିଟାଲ୍ସ-ମୁମ୍ବାଇ ଇଣ୍ଡିଆନ୍ସ | ଦିଲ୍ଲୀ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୪ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ଚେନ୍ନାଇ ସୁପରକିଙ୍ଗ୍ସ | ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୫ | ପଞ୍ଜାବ କିଙ୍ଗ୍ସ-କୋଲକାତା ନାଇଟ ରାଇଡର୍ସ | ଚଣ୍ଡୀଗଡ଼ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୬ | ଦିଲ୍ଲୀ କ୍ୟାପିଟାଲ୍ସ-ରାଜସ୍ଥାନ ରୟାଲ୍ସ | ଦିଲ୍ଲୀ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୭ | ମୁମ୍ବାଇ ଇଣ୍ଡିଆନ୍ସ-ସନ୍‌ରାଇଜର୍ସ ହାଇଦ୍ରାବାଦ | ମୁମ୍ବାଇ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୮ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ-ପଞ୍ଜାବ କିଙ୍ଗ୍ସ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୧୯ | ଗୁଜରାଟ ଟାଇଟନ୍ସ-ଦିଲ୍ଲୀ କ୍ୟାପିଟାଲ୍ସ | ଅହମ୍ମଦାବାଦ | ଅପରାହ୍ନ ୩.୩୦ |
| | ରାଜସ୍ଥାନ ରୟାଲ୍ସ-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ଜୟପୁର | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୦ | ପଞ୍ଜାବ କିଙ୍ଗ୍ସ-ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ଚଣ୍ଡୀଗଡ଼ | ଅପରାହ୍ନ ୩.୩୦ |
| | ମୁମ୍ବାଇ ଇଣ୍ଡିଆନ୍ସ-ଚେନ୍ନାଇ ସୁପରକିଙ୍ଗ୍ସ | ମୁମ୍ବାଇ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୧ | କୋଲକାତା ନାଇଟ ରାଇଡର୍ସ-ଗୁଜରାଟ ଟାଇଟନ୍ସ | କୋଲକାତା | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୨ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ଦିଲ୍ଲୀ କ୍ୟାପିଟାଲ୍ସ | ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୩ | ସନ୍‌ରାଇଜର୍ସ ହାଇଦ୍ରାବାଦ-ମୁମ୍ବାଇ ଇଣ୍ଡିଆନ୍ସ | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୪ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ-ରାଜସ୍ଥାନ ରୟାଲ୍ସ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୫ | ଚେନ୍ନାଇ ସୁପର କିଙ୍ଗ୍ସ-ସନ୍‌ରାଇଜର୍ସ ହାଇଦ୍ରାବାଦ | ଚେନ୍ନାଇ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୬ | କୋଲକାତା ନାଇଟ ରାଇଡର୍ସ-ପଞ୍ଜାବ କିଙ୍ଗ୍ସ | କୋଲକାତା | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୭ | ମୁମ୍ବାଇ ଇଣ୍ଡିଆନ୍ସ-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ମୁମ୍ବାଇ | ଅପରାହ୍ନ ୩.୩୦ |
| | ଦିଲ୍ଲୀ କ୍ୟାପିଟାଲ୍ସ-ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ଦିଲ୍ଲୀ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୮ | ରାଜସ୍ଥାନ ରୟାଲ୍ସ-ଗୁଜରାଟ ଟାଇଟନ୍ସ | ଜୟପୁର | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୨୯ | ଦିଲ୍ଲୀ କ୍ୟାପିଟାଲ୍ସ-କୋଲକାତା ନାଇଟ ରାଇଡର୍ସ | ଦିଲ୍ଲୀ | ସନ୍ଧ୍ୟା ୭.୩୦ |
| ଏପ୍ରିଲ ୩୦ | ଚେନ୍ନାଇ ସୁପରକିଙ୍ଗ୍ସ-ପଞ୍ଜାବ କିଙ୍ଗ୍ସ | ଚେନ୍ନାଇ | ସନ୍ଧ୍ୟା ୭.୩୦ |
| ମେ ୧ | ରାଜସ୍ଥାନ ରୟାଲ୍ସ-ମୁମ୍ବାଇ ଇଣ୍ଡିଆନ୍ସ | ଜୟପୁର | ସନ୍ଧ୍ୟା ୭.୩୦ |
| ମେ ୨ | ଗୁଜରାଟ ଟାଇଟନ୍ସ-ସନ୍‌ରାଇଜର୍ସ ହାଇଦ୍ରାବାଦ | ଅହମ୍ମଦାବାଦ | ସନ୍ଧ୍ୟା ୭.୩୦ |
| ମେ ୩ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ-ଚେନ୍ନାଇ ସୁପରକିଙ୍ଗ୍ସ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ମେ ୪ | କୋଲକାତା ନାଇଟ ରାଇଡର୍ସ-ରାଜସ୍ଥାନ ରୟାଲ୍ସ | କୋଲକାତା | ଅପରାହ୍ନ ୩.୩୦ |
| | ପଞ୍ଜାବ କିଙ୍ଗ୍ସ-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ଧର୍ମଶାଳା | ସନ୍ଧ୍ୟା ୭.୩୦ |
| ମେ ୫ | ସନ୍‌ରାଇଜର୍ସ ହାଇଦ୍ରାବାଦ-ଦିଲ୍ଲୀ କ୍ୟାପିଟାଲ୍ସ | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ମେ ୬ | ମୁମ୍ବାଇ ଇଣ୍ଡିଆନ୍ସ-ଗୁଜରାଟ ଟାଇଟନ୍ସ | ମୁମ୍ବାଇ | ସନ୍ଧ୍ୟା ୭.୩୦ |
| ମେ ୭ | କୋଲକାତା ନାଇଟ ରାଇଡର୍ସ-ଚେନ୍ନାଇ ସୁପରକିଙ୍ଗ୍ସ | କୋଲକାତା | ସନ୍ଧ୍ୟା ୭.୩୦ |
| ମେ ୮ | ପଞ୍ଜାବ କିଙ୍ଗ୍ସ-ଦିଲ୍ଲୀ କ୍ୟାପିଟାଲ୍ସ | ଧର୍ମଶାଳା | ସନ୍ଧ୍ୟା ୭.୩୦ |
| ମେ ୯ | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ |
| ମେ ୧୦ | ସନ୍‌ରାଇଜର୍ସ ହାଇଦ୍ରାବାଦ-କୋଲକାତା ନାଇଟ ରାଇଡର୍ସ | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ମେ ୧୧ | ପଞ୍ଜାବ କିଙ୍ଗ୍ସ-ମୁମ୍ବାଇ ଇଣ୍ଡିଆନ୍ସ | ଧର୍ମଶାଳା | ଅପରାହ୍ନ ୩.୩୦ |
| | ଦିଲ୍ଲୀ କ୍ୟାପିଟାଲ୍ସ-ଗୁଜରାଟ ଟାଇଟନ୍ସ | ଦିଲ୍ଲୀ ସନ୍ଧ୍ୟା ୭.୩୦ | |
| ମେ ୧୨ | ଚେନ୍ନାଇ ସୁପର କିଙ୍ଗ୍ସ-ରାଜସ୍ଥାନ ରୟାଲ୍ସ | ଚେନ୍ନାଇ | ସନ୍ଧ୍ୟା ୭.୩୦ |
| ମେ ୧୩ | ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ-ସନ୍‌ରାଇଜର୍ସ ହାଇଦ୍ରାବାଦ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ମେ ୧୪ | ଗୁଜରାଟ ଟାଇଟନ୍ସ-ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ଅହମ୍ମଦାବାଦ | ସନ୍ଧ୍ୟା ୭.୩୦ |
| ମେ ୧୫ | ମୁମ୍ବାଇ ଇଣ୍ଡିଆନ୍ସ-ଦିଲ୍ଲୀ କ୍ୟାପିଟାଲ୍ସ | ମୁମ୍ବାଇ | ସନ୍ଧ୍ୟା ୭.୩୦ |
| ମେ ୧୬ | ରାଜସ୍ଥାନ ରୟାଲ୍ସ-ପଞ୍ଜାବ କିଙ୍ଗ୍ସ | ଜୟପୁର | ସନ୍ଧ୍ୟା ୭.୩୦ |
| ମେ ୧୭ | ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ-କୋଲକାତା ନାଇଟ ରାଇଡର୍ସ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ମେ ୧୮ | ଗୁଜରାଟ ଟାଇଟନ୍ସ-ଚେନ୍ନାଇ ସୁପରକିଙ୍ଗ୍ସ | ଅହମ୍ମଦାବାଦ | ଅପରାହ୍ନ ୩.୩୦ |
| | ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ-ସନ୍‌ରାଇଜର୍ସ ହାଇଦ୍ରାବାଦ | ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ |
| ମେ ୨୦ | କ୍ୱାଲିଫାୟର-୧ | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ମେ ୨୧ | ଏଲିମିନେଟର | ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ |
| ମେ ୨୩ | କ୍ୱାଲିଫାୟର-୨ | କୋଲକାତା | ସନ୍ଧ୍ୟା ୭.୩୦ |
| ମେ ୨୫ | ଫାଇନାଲ | କୋଲକାତା | ସନ୍ଧ୍ୟା ୭.୩୦ |

(ବି.ଦ୍ର: ରାମ ନବମୀରେ ସୁରକ୍ଷା ପ୍ରସଙ୍ଗକୁ ଭିତ୍ତିକରି ଏପ୍ରିଲ-୬ରେ ଇଡେନ ଗାର୍ଡେନ୍ସରେ ହେବାକୁଥିବା କୋଲ୍‌କାତା ନାଇଟ୍ ରାଇଡର୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମ୍ୟାଚର ତାରିଖ ପରିବର୍ତ୍ତନ ହେବା ସମ୍ଭାବନା ରହିଛି)।

## ରେକର୍ଡ୍ସ

* ସର୍ବାଧିକ ଦଳଗତ ସ୍କୋର: ୨୮୭/୩, ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି), ଭେନ୍ୟୁ-ବେଙ୍ଗାଲୁରୁ, ୧୫ ଏପ୍ରିଲ ୨୦୨୪।
* ସର୍ବନିମ୍ନ ଦଳଗତ ସ୍କୋର: ୪୯, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ କୋଲକାତା ନାଇଟ ରାଇଡର୍ସ (କେକେଆର୍), କୋଲକାତା, ୨୩ ଏପ୍ରିଲ ୨୦୧୭।
* ସର୍ବାଧିକ ମ୍ୟାଚ ଏଗ୍ରିଗେଟ୍ସ: ୫୪୯, ଏସ୍‌ଆର୍‌ଏଚ୍-ଆର୍‌ସିବି, ବେଙ୍ଗାଲୁରୁ, ୧୫ ଏପ୍ରିଲ ୨୦୨୪।
* ସର୍ବନିମ୍ନ ମ୍ୟାଚ ଏଗ୍ରିଗେଟ୍ସ: ୧୩୫, କିଙ୍ଗ୍ସ ଇଲେଭେନ ପଞ୍ଜାବ-ଦିଲ୍ଲୀ ଡେୟାରଡେଭିଲ୍ସ, ମୋହାଲି, ୩୦ ଏପ୍ରିଲ ୨୦୧୭।
* ବୃହତ୍ ବିଜୟ (ରନ ଦୃଷ୍ଟିରୁ): ୧୪୬ ରନ, ମୁମ୍ବାଇ ଇଣ୍ଡିଆନ୍ସ ବନାମ ଡେୟାରଡେଭିଲ୍ସ, ଦିଲ୍ଲୀ, ୬ ମେ' ୨୦୧୭।
* ସର୍ବାଧିକ ଅତିରିକ୍ତ ରନ: ୨୮, କେକେଆର୍ ବନାମ ଡେକାନ ଚାର୍ଜର୍ସ, ଇଡେନ ଗାର୍ଡେନ୍ସ, ୨୦ ଏପ୍ରିଲ ୨୦୦୮।
* ସର୍ବାଧିକ ବ୍ୟକ୍ତିଗତ ମୋଟ ରନ: ୮୦୦୪, ବିରାଟ କୋହଲି-ଆର୍‌ସିବି, ୨୦୦୮ରୁ ୨୦୨୪।
* ସର୍ବାଧିକ ବ୍ୟକ୍ତିଗତ ସ୍କୋର: ୧୭୫*, କ୍ରିସ୍ ଗେଲ୍-ଆର୍‌ସିବି ବନାମ ପୁଣେ ୱାରିୟର୍ସ, ବେଙ୍ଗାଲୁରୁ, ୨୩ ଏପ୍ରିଲ ୨୦୧୩।
* ସର୍ବାଧିକ ଅର୍ଦ୍ଧଶତକ: ୬୬, ଡେଭିଡ ୱାର୍ନର (ଦିଲ୍ଲୀ କ୍ୟାପିଟାଲ୍ସ-ଏଚ୍‌ଆର୍‌ଏଚ୍), ୨୦୦୯-୨୦୨୪।
* ସର୍ବାଧିକ ଛକା: ୩୫୭, କ୍ରିସ୍ ଗେଲ୍ (କେକେଆର୍, ପଞ୍ଜାବ, ଆର୍‌ସିବି), ୨୦୦୯-୨୦୨୧।
* ଗୋଟିଏ ଇନିଂସରେ ସର୍ବାଧିକ ଛକା: ୧୭- କ୍ରିସ୍ ଗେଲ୍, ଆର୍‌ସିବି ବନାମ ପୁଣେ ୱାରିୟର୍ସ, ବେଙ୍ଗାଲୁରୁ, ୨୩ ଏପ୍ରିଲ ୨୦୧୩।
* ସର୍ବାଧିକ ଉଇକେଟ: ୨୦୫- ୟୁଜବେନ୍ଦ୍ର ଚହଲ (ମୁମ୍ବାଇ, ଆର୍‌ସିବି, ରାଜସ୍ଥାନ), ୨୦୧୩-୨୦୨୪।
* ସର୍ବାଧିକ ଡିସ୍‌ମିଶାଲ: ୧୯୦- ମହେନ୍ଦ୍ର ସିଂ ଧୋନୀ (ଚେନ୍ନାଇ, ରାଇଜିଂ ପୁଣେ ସୁପରଜାଏଣ୍ଟ୍ସ), ୨୦୦୮-୨୦୨୪।
* ଗୋଟିଏ ଇନିଂସରେ ସର୍ବାଧିକ ଡିସ୍‌ମିଶାଲ: ୫-କୁମାର ସଙ୍ଗକାରା, ଡେକାନ ଚାର୍ଜର୍ସ ବନାମ ଆର୍‌ସିବି, ହାଇଦ୍ରାବାଦ, ୧୪ ଏପ୍ରିଲ ୨୦୧୧।
* ସର୍ବାଧିକ କ୍ୟାଚ: ୧୧୪, ବିରାଟ କୋହଲି-ଆର୍‌ସିବି, ୨୦୦୮-୨୦୨୪।
* ଅଧିନାୟକ ଭାବେ ସର୍ବାଧିକ ମ୍ୟାଚ: ୨୨୬-ମହେନ୍ଦ୍ର ସିଂ ଧୋନୀ (ଚେନ୍ନାଇ, ଆରପିଏସ), ୨୦୦୮-୨୦୨୩।



## ଛନ୍‌କଣ୍

ଆଇପିଏଲ୍‌ର ଅଠର ତମ ସଂସ୍କରଣ
ଆଜି ଗଲେ ହବ କାଲି
ଆଟାକିଂ ବ୍ୟାଟିଂ ସନ୍ତୁଳିତ ବୋଲିଂ
ମାଧ୍ୟମ ହୋଇବ ଡଲି
ଏଠି ପଡିଲାଣି ପାଲି
ଇମ୍ପାକ୍ଟ ପ୍ଲେୟର ରୁଲ ପାଇଁ ନୁହେଁ
ଅଲ ରାଉଣ୍ଡର ନାଲି।

କୋଲକାତା ନାଇଟ୍ ରାଇଡର୍ସ ପାଖେ
ରହିଛି ହର୍ଷିତ ରାଣା
ଏକଶ ଚାଳିଶ କେଏମପିଏଚରେ
ବୋଲିଂ କରିବା ଜଣା
ବରୁଣ କାଢ଼ିଛି ଫଣା
ଅତିରିକ୍ତ ବାଉନ୍ସ ପ୍ରାପ୍ତ କରିବାରେ
ଦକ୍ଷତା ରଖିଛି ରଣା।





ଆଇପିଏଲ୍‌ରେ ନୂତନ ନିୟମ
କରିଛି ବିସିସିଆଇ
ପ୍ରାକ୍ଟିସ ଦିନରେ ଡ୍ରେସିଂ ରୁମ୍‌ରେ
ଫ୍ୟାମିଲ ରହିବ ନାହିଁ
କ୍ରିକେଟ ବାଇଆ ହୋଇ
ବେଳ କାଳ ନାହିଁ ଘଡିଏ କାହାକୁ
ଇନକମ୍ ଜିରୋ ଥାଇ।

-ସୁବାସ ଚନ୍ଦ୍ର ପ୍ରଧାନ

# ଆଇପିଏଲ୍‌ରେ ସାଲିଭା ବ୍ୟାନ ହଟିଲା



ଆଇପିଏଲ୍ କ୍ୟାପ୍ଟେନ୍ସ ମିଟ୍ ଅବସରରେ ଟ୍ରଫି ସହ ସମସ୍ତ ଦଳର ଅଧିନାୟକ।

**ନୂଆଦିଲ୍ଲୀ,୨୦।୩(ପି.ଟି.)** ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ୍‌ରେ ଖେଳାଳିମାନେ ବଲରେ ଛେପ ପ୍ରୟୋଗ କରିପାରିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଗୁରୁବାର ବଲରେ ଛେପ ବ୍ୟବହାର କରିବା ଉପରେ ଲାଗିଥିବା ପ୍ରତିବନ୍ଧକକୁ ହଟାଇ ଦେଇଛି। ମୁମ୍ବାଇରେ ଆଜି ଅନୁଷ୍ଠିତ କ୍ୟାପ୍ଟେନ୍ସ ମିଟରେ ପ୍ରାୟତଃ ଦଳର ଅଧିନାୟକ ଏକମତ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଦୀର୍ଘ ବର୍ଷ ଧରି ଚାଲିଆସୁଥିବା ବଲରେ ଛେପ ପ୍ରୟୋଗ କରିବାର ଅଭ୍ୟାସ ଉପରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କୋଭିଡ୍-୧୯ ମହାମାରୀ ବେଳେ ସତର୍କତାମୂଳକ ପଦକ୍ଷେପ ଭାବେ ପ୍ରତିବନ୍ଧକ ଲଗାଇଥିଲା। ୨୦୨୨ରେ ଆଇସିସି ଏହି ପ୍ରତିବନ୍ଧକକୁ ଚିରସ୍ଥାୟୀ କରିଥିଲା। ପରେ ଆଇସିସିର ଏହି ପ୍ରତିବନ୍ଧକକୁ ଆଇପିଏଲ୍‌ର ପ୍ଲେଇଂ କଣ୍ଡିସନରେ ସାମିଲ କରାଯାଇଥିଲା।

ସାଲିଭା ପ୍ରତିବନ୍ଧକକୁ ହଟାଇ ଦିଆଯାଇଛି। ପ୍ରାୟତଃ ଦଳର ଅଧିନାୟକ ଏହି ପ୍ରସ୍ତାବ ସପକ୍ଷରେ ରହିଥିଲେ। କିଛି ଏହାକୁ ବିରୋଧ ମଧ୍ୟ କରିଥିଲେ। ହେଲେ ସପକ୍ଷରେ ଥିବା ଅଧିନାୟକଙ୍କ ସଂଖ୍ୟା ଅଧିକ ଥିଲା ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି।

### ଡିଆର୍‌ଏସ୍ ପରିଧିରେ ହାଇଟ, ଅଫ ସାଇଡ୍ ୱାଇଡ୍

ଆଇପିଏଲ୍‌ରେ ହାଇଟ୍ ୱାଇଡ୍ସ ଓ ଅଫ ଷ୍ଟମ୍ପ ବାହାରେ ୱାଇଡ୍ସ କ୍ଷେତ୍ରରେ ଡିଆର୍‌ଏସ୍ ବ୍ୟବହାରକୁ ବିସିସିଆଇ ମଞ୍ଜୁରୀ ଦେଇଛି। ହାଇଟ ୱାଇଡ୍ ଓ ଅଫ ଷ୍ଟମ୍ପ ବାହାର ୱାଇଡ ବଲ ନିର୍ଣ୍ଣୟ କରିବା ପାଇଁ ହକ ଆଇ ଓ ବଲ ଟ୍ରାକିଂ ବ୍ୟବହାର କରାଯିବ। ଯଦି ଅନ-ଫିଲ୍ଡ ଅମ୍ପାୟର କୌଣସି ବଲ୍‌କୁ ହାଇଟ ଲାଗି ୱାଇଡ ବୋଲି ଦର୍ଶାନ୍ତି, ତେବେ ବୋଲିଂ ଦଳକୁ ରିଭ୍ୟୁ କରିବାକୁ ଅନୁମତି ଦିଆଯିବ ବୋଲି ଅଧିକାରୀ କହିଛନ୍ତି।

# ଚହଲ-ଧନଶ୍ରୀଙ୍କ ବିବାହ ବିଚ୍ଛେଦ

**ନୂଆଦିଲ୍ଲୀ,୨୦।୩(ପି.ଟି.):** ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ଓ ଧନଶ୍ରୀ ବର୍ମାଙ୍କ ମଧ୍ୟରେ ଗୁରୁବାର ବିବାହ ବିଚ୍ଛେଦ ଘଟିଛି। ଏ ନେଇ ଚହଲଙ୍କ ଓକିଲ ନୀତିନ କୁମାର ଗୁପ୍ତା ଗୁରୁବାର ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି।

ଫ୍ୟାମିଲି କୋର୍ଟ ବିବାହ ବିଚ୍ଛେଦ ଆଦେଶକୁ ମଞ୍ଜୁରୀ ଦେଇଛନ୍ତି। କୋର୍ଟ ଉଭୟ ପକ୍ଷଙ୍କ ଯୁଗ୍ମ ଆବେଦନକୁ ଗ୍ରହଣ କରି ନେଇଛନ୍ତି। ଉଭୟ ପକ୍ଷ ଏବେଠାରୁ ଆଉ ସ୍ୱାମୀ ଓ ସ୍ତ୍ରୀ ନୁହେଁ ବୋଲି ଗୁପ୍ତା କହିଛନ୍ତି। ଫଟୋଗ୍ରାଫରଙ୍କଠାରୁ ବର୍ତ୍ତିବା ଲାଗି ଉଭୟ ଚହଲ ଓ ଧନଶ୍ରୀ ମାସ୍କ ପିନ୍ଧି ଅଲଗା ଅଲଗା ଗୁରୁବାର କୋର୍ଟକୁ ଆସିଥିଲେ। ଏହି ଦମ୍ପତି ୨୦୨୦ ଡିସେମ୍ବରରେ ବିବାହ କରିଥିଲେ। ଆବେଦନ ମୁତାବକ, ସେମାନେ ୨୦୨୨ ଜୁନଠାରୁ ଅଲଗା ରହୁଛନ୍ତି। ଚଳିତବର୍ଷ ଫେବୃଆରୀ ୫ ତାରିଖରେ ସେମାନେ ବାନ୍ଦ୍ରା ଫ୍ୟାମିଲି କୋର୍ଟରେ ପାରସ୍ପରିକ ସହମତିରେ ଛାଡ଼ପତ୍ର ଲାଗି ଆବେଦନ କରିଥିଲେ।




# କିର୍ଷ୍ଟି କୋଭେଣ୍ଟ୍ରୀ ଆଇଓସି ସଭାପତି

**କୋଷ୍ଟା ନାଭାରିନୋ, ୨୦।୩ (ଏପି)**

କିର୍ଷ୍ଟି କୋଭେଣ୍ଟ୍ରୀ ଗୁରୁବାର ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଆଇଓସି ସଭାପତି ହେବାରେ ସେ ପ୍ରଥମ ମହିଳା ଓ ପ୍ରଥମ ଆଫ୍ରିକୀୟ। ଆଇଓସିର ୧୪୪ତମ ସେଶନରେ ଅନୁଷ୍ଠିତ ୭ ପ୍ରାର୍ଥୀ ବିଶିଷ୍ଟ ନିର୍ବାଚନରେ ୪୧ ବର୍ଷୀୟା ଜିମ୍ବାୱେର କ୍ରୀଡ଼ାମନ୍ତ୍ରୀ ତଥା ଦୁଇ ଥର ସ୍ୱର୍ଣ୍ଣ ପଦକ ବିଜୟୀ ସନ୍ତରଣକାରୀ ତାଙ୍କ ନିକଟସ୍ଥ ପ୍ରତିଦ୍ୱନ୍ଦ୍ୱୀ ଜୁଆନ ଆଣ୍ଟୋନିଓ ସମରାଞ୍ଚଙ୍କୁ ପାଖାପାଖି ୧୦୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେ ୨୦୩୩ ପର୍ଯ୍ୟନ୍ତ କାର୍ଯ୍ୟଭାର ସମ୍ଭାଳିବେ। କୋଭେଣ୍ଟ୍ରୀଙ୍କ ବିଜୟ ବିଦାୟୀ ଆଇଓସି ସଭାପତି



କିର୍ଷ୍ଟି କୋଭେଣ୍ଟ୍ରୀ

ଥୋମାସ ବାକ୍‌ଙ୍କ ଲାଗି ମଧ୍ୟ ବିଜୟ। କୋଭେଣ୍ଟ୍ରୀଙ୍କୁ ତାଙ୍କ ଉତ୍ତରାଧିକାରୀ ଭାବେ ବାକ୍ ସମର୍ଥନ କରିଥିଲେ। କିନ୍ତୁ ବାକ୍ ଭୋଟ ଦେଇନଥିଲେ। ସେ ତାଙ୍କର ସମ୍ପୂର୍ଣ୍ଣ ୧୨ ବର୍ଷର କାର୍ଯ୍ୟକାଳ ଶେଷ କରିଛନ୍ତି। କୋଭେଣ୍ଟ୍ରୀ ଆସନ୍ତା ଜୁନ ୨୩ ତାରିଖରେ ଆଇଓସିର ଦଶମ ସଭାପତି ଭାବେ ଦାୟିତ୍ୱ ଭାର ସମ୍ଭାଳିବେ।

## ୨୦୨୮ ଅଲିମ୍ପିକ ଗେମ୍ସରେ ବକ୍ସିଂ ସାମିଲ

**କୋଷ୍ଟା ନାଭାରିନୋ, ୨୦।୩ (ପି.ଟି.):** ଲସ୍‌ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସରେ ଗୁରୁବାର ବକ୍ସିଂକୁ ସାମିଲ କରାଯାଇଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ୧୪୪ତମ ସେଶନରେ ବକ୍ସିଂକୁ ଅଲିମ୍ପିକ୍ସରେ ସାମିଲ କରିବା ପାଇଁ ସମ୍ମତି ପ୍ରକାଶ ପାଇଛି। ଆଇଓସିର ବିଦାୟୀ ସଭାପତି ଥୋମାସ ବାକ ବକ୍ସିଂକୁ ଅଲିମ୍ପିକ୍ସରେ ସାମିଲ କରିବା ସପକ୍ଷରେ ହାତ ଟେକିବାକୁ କହିବା ପରେ ସମସ୍ତ ସଦସ୍ୟ ହାତ ଟେକିଥିଲେ। ଅଲିମ୍ପିକ ପ୍ରୋଗ୍ରାମରେ ବକ୍ସିଂକୁ ମଞ୍ଜୁରୀ ଦେବା ପାଇଁ ମୁଁ ସଭିଙ୍କୁ ଧନ୍ୟବାଦ ଦେଉଛି। ଏବେ ଆମେ ଏକ ଭବ୍ୟ ବକ୍ସିଂ ଟୁର୍ନାମେଣ୍ଟ ଆୟୋଜନ କରିପାରିବା। ଅଲିମ୍ପିକ ପ୍ରୋଗ୍ରାମ ସମ୍ପର୍କିତ ପ୍ରସ୍ତାବକୁ ଖୁବ୍ କମ୍ ଏଭଳି ସମର୍ଥନ ମିଳେ। କିନ୍ତୁ ଏହି କମିଶନ ରେକର୍ଡ ପରେ ରେକର୍ଡ ଭଙ୍ଗ କରୁଛି ବୋଲି ବାକ୍ କହିଛନ୍ତି। ୨୦୨୨ ଫେବୃଆରୀରେ ଅନୁଷ୍ଠିତ ଆଇଓସି ସେଶନରେ ଏଲ୍‌ଏ ୨୮ ଲାଗି ମଞ୍ଜୁରୀ ପାଇଥିବା ପ୍ରାରମ୍ଭିକ ସ୍ପୋର୍ଟ୍ସ ପ୍ରୋଗ୍ରାମରେ ବକ୍ସିଂକୁ ସାମିଲ କରାଯାଇ ନ ଥିଲା।

# ଚାମ୍ପିୟନ୍ସ ଟ୍ରଫି ସଫଳତା ପାଇଁ ଟିମ୍ ଇଣ୍ଡିଆକୁ ୫୮ କୋଟି

**ନୂଆଦିଲ୍ଲୀ, ୨୦।୩ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚାମ୍ପିୟନ୍ସ ଟ୍ରଫି ଜିତିଥିବା ଭାରତୀୟ କ୍ରିକେଟ ଦଳ ପାଇଁ ୫୮ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଛି। ରୋହିତ ଶର୍ମାଙ୍କ ଦଳ ଫାଇନାଲରେ ନ୍ୟୁଜିଲାଣ୍ଡକୁ ୪ ଉଇକେଟରେ ପରାସ୍ତ କରି ତୃତୀୟ ଥର ପାଇଁ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିଥିଲା। ଖେଳାଳିମାନଙ୍କ ବ୍ୟତୀତ କୋଚିଂ ଓ ସପୋର୍ଟ ଷ୍ଟାଫ୍ ଏବଂ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ପୁରୁଷ ସିଲେକ୍ସନ କମିଟିର ସଦସ୍ୟମାନେ ମଧ୍ୟ ଏହି ପୁରସ୍କାରର ଭାଗୀଦାରି ଅଟନ୍ତି।

# ପ୍ରାର୍ଥୀପତ୍ର ଦାଖଲ କରିପାରିବେ ଅନୁରାଗ

## ବକ୍ସିଂ ମହାସଂଘ ନିର୍ବାଚନ

**ଶିମ୍‌ଲା, ୨୦।୩ (ପି.ଟି.)**

ହିମାଚଳ ପ୍ରଦେଶ ହାଇକୋର୍ଟଙ୍କ ରହିତାଦେଶ ପରେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ) ସଭାପତି ପାଇଁ ନିର୍ବାଚନ ଲଢ଼ିବା ଲାଗି ପଥ ପରିଷ୍କାର ହୋଇଛି। କୋର୍ଟ ଆହୁରି ମଧ୍ୟ ପ୍ରାର୍ଥୀପତ୍ର ଦାଖଲ ସମୟସୀମା ବୃଦ୍ଧି କରିବା ଲାଗି ବିଏଫ୍‌ଆଇକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାଫଳରେ ଅନୁରାଗ ପ୍ରାର୍ଥୀପତ୍ର ଦାଖଲ କରିପାରିବେ। ଅନୁରାଗ ହେଉଛନ୍ତି ହାମିରପୁର ଲୋକ ସଭା ନିର୍ବାଚନମଣ୍ଡଳୀର ଜଣେ ଏମ୍‌ପି। ଗତ ମାର୍ଚ୍ଚ ୭ରେ ବିଏଫ୍‌ଆଇ ସଭାପତି ଅଜୟ ସିଂ ଏକ ନିର୍ଦ୍ଦେଶନାମା



ଅନୁରାଗ ଠାକୁର

ଜାରି କରିଥିଲେ। କେବଳ ନିର୍ବାଚିତ ସଦସ୍ୟମାନେ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇପାରିବେ ବୋଲି ସେ ଏଥିରେ ଉଲ୍ଲେଖ କରିଥିଲେ; ଯାହାଫଳରେ ଅନୁରାଗ ନିର୍ବାଚନରେ ଭାଗ ନେବା ଲାଗି ଅଯୋଗ୍ୟ ବିବେଚିତ ହୋଇଥିଲେ। ଅନୁରାଗ ହିମାଚଳ ପ୍ରଦେଶ ବକ୍ସିଂ ଆସୋସିଏଶନରୁ ଇଲେକ୍ଟୋରାଲ କଲେଜରେ ପ୍ରତିନିଧିତ୍ୱ କରିବାକୁ ଚାହିଁଥିଲେ। ମାତ୍ର ତାଙ୍କୁ ନିର୍ବାଚିତ ସଦସ୍ୟ ରୂପେ ବିବେଚନା କରାଗଲାନି। ମାର୍ଚ୍ଚ ୧୩ରେ ରିଟର୍ନିଂ ଅଫିସର ଆର.କେ. ଗୌବାଙ୍କ ଦ୍ୱାରା ଅନୁମୋଦନ ଲାଭ କରିଥିବା ଇଲେକ୍ଟୋରାଲ କଲେଜରୁ ଠାକୁରଙ୍କ ନାମ ବାଦ ଦିଆଯିବା ଆଇନଗତ ଦୃଷ୍ଟିରୁ ଏହା ସ୍ଥାୟୀ ନୁହେଁ ବୋଲି ଜଷ୍ଟିସ ଅଜୟ ମୋହନ ଗୋଏଲ୍ ଗୁରୁବାର ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଏଣେ ବିଏଫ୍‌ଆଇ ମୁଖ୍ୟ କହିଛନ୍ତି କୋର୍ଟଙ୍କ ୩୪ପୃଷ୍ଠା ବିଶିଷ୍ଟ ନିର୍ଦ୍ଦେଶକୁ ପଢ଼ିବା ପରେ ସେ ପରବର୍ତ୍ତୀ ପଦକ୍ଷେପ ନେବେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ